**ସୂର୍ଯ୍ୟବଂଶୀ-ଇଶାନଙ୍କ ଚମତ୍କାର ବ୍ୟାଟିଂ**



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ-୩୩ ● ସଂଖ୍ୟା-୨୧୩ ● ୨ ସେପ୍ଟେମ୍ବର ୨୦୨୬ ବୁଧବାର ● ଭୁବନେଶ୍ୱର ● Vol -33 ● Issue-213 ● 2nd September 2026, Wednesday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

## ଓଡ଼ିଶାକୁ ଅଧିକରୁ ଅଧିକ ବିଦେଶୀ ପୁଞ୍ଜି ଆକର୍ଷଣ ଲକ୍ଷ୍ୟ

# ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ୟୁଏଇରେ ହେବ ରୋଡ ସୋ', ନିବେଶକଙ୍କ ସହ ଆଲୋଚନା

ଭୁବନେଶ୍ୱର, ୧ା୯
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାକୁ ଦେଶର ଏକ ଅଗ୍ରଣୀ ଶିଳ୍ପ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି । ଏହି ଅଭିଯାନରେ ବିଦେଶରୁ ଅଧିକରୁ ଅଧିକ ପରିମାଣର ପୁଞ୍ଜି ଆକର୍ଷଣ ପାଇଁ ଲକ୍ଷ୍ୟ ରଖାଯାଇଛି । ଆସନ୍ତା ୮ ଓ ୯ ତାରିଖରେ ଏଥିପାଇଁ ୟୁଏଇ (ଦୁବାଇ) ଦୁଇ ଦିନିଆ ନିବେଶକ ସମ୍ମିଳନୀର ଆୟୋଜନ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ୟୁଏଇ ଗସ୍ତ କରିବା ସହ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ନେଇ ବିଦେଶୀ ଶିଳ୍ପପତି ଓ ନିବେଶକମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି । ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି ।



ଶିଳ୍ପମନ୍ତ୍ରୀ କହିଛନ୍ତି ଓଡ଼ିଶାକୁ ଅଧିକରୁ ଅଧିକ ବିଦେଶୀ ପୁଞ୍ଜି ଆକର୍ଷଣ କରିବା ଏହି ଗସ୍ତର ପ୍ରମୁଖ ଉଦ୍ଦେଶ୍ୟ ରହିଛି । ଦୁବାଇରେ ବିଭିନ୍ନ ଶିଳ୍ପପତି, ନିବେଶକ ଓ ବ୍ୟବସାୟିକ ପ୍ରତିନିଧିଙ୍କ ସହ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ସମେତ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ୱାନ୍-ଟୁ-ୱାନ୍ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

ଏହି ଅବସରରେ ଓଡ଼ିଶାର ଶିଳ୍ପ ସମ୍ଭାବନା, ଭିତ୍ତିଭୂମି, ନିବେଶ ଅନୁକୂଳ ନୀତି ଏବଂ ବିଭିନ୍ନ ପ୍ରମୁଖ କ୍ଷେତ୍ରରେ ନିବେଶର ସୁଯୋଗ ସମ୍ପର୍କରେ ନିବେଶକମାନଙ୍କୁ ଅବଗତ କରାଯିବ । ଧାତୁ ଓ ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ, ପେଟ୍ରୋକେମିକାଲ୍ସ, ସବୁଜ ଶକ୍ତି ଓ ଗ୍ରୀନ୍ ହାଇଡ୍ରୋଜେନ୍, ଖାଦ୍ୟ ପ୍ରକ୍ରିୟାକରଣ, ବୟନ ଶିଳ୍ପ, ଇଲେକ୍ଟ୍ରୋନିକ୍ସ, ବନ୍ଦର ଓ ଲଜିଷ୍ଟିକ୍ସ ଭଳି କ୍ଷେତ୍ରରେ ପୁଞ୍ଜି ନିବେଶ ଉପରେ ଗୁରୁତ୍ୱ ଦିଆଯିବ ।

ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ ପ୍ରତିନିଧି ଦଳଙ୍କ ଦୁବାଇ ଗସ୍ତ ଅବସରରେ ଏକ ରୋଡ୍ ସୋ' ମଧ୍ୟ ଆୟୋଜନ କରାଯିବ । ଏଥିରେ ଓଡ଼ିଶାରେ ନିବେଶର ସୁଯୋଗ ଏବଂ ରାଜ୍ୟ ସରକାରଙ୍କ ଶିଳ୍ପ ନୀତି ସମ୍ପର୍କରେ ନିବେଶକଙ୍କୁ ସୂଚନା ଦିଆଯିବ । ଏହା ସହ ୟୁଏଇରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କୁ ନେଇ ମଧ୍ୟ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଶିଳ୍ପ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି ।

## ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ଆଗରେ ବର୍ଷିଲେ ମୋଦୀ

# ଆତଙ୍କବାଦର ସମ୍ପୂର୍ଣ୍ଣ ଇକୋସିଷ୍ଟମକୁ ଧ୍ୱଂସ କରିବାକୁ ପଡ଼ିବ



ନୂଆଦିଲ୍ଲୀ, ୧ା୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଦିନ ସାଂଘାଇ ସହଯୋଗ ସଂଗଠନ(ଏସ୍‌ସିଓ)ର ଶିଖର ସମ୍ମିଳନୀରେ ଆତଙ୍କବାଦ ବିରୋଧରେ ନିର୍ଣ୍ଣାୟକ ଏବଂ ମିଳିତ କାର୍ଯ୍ୟାନୁଷ୍ଠାନ ପାଇଁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ଯେ ଆତଙ୍କବାଦୀଙ୍କ ପାଇଁ ପାଣ୍ଠି ଯୋଗାଣ, ନିଯୁକ୍ତି, ଉଗ୍ରବାଦ ଏବଂ ଆତଙ୍କବାଦୀଙ୍କ ନିରାପଦ ଆଶ୍ରୟସ୍ଥଳୀର ସମଗ୍ର ଇକୋସିଷ୍ଟମକୁ ଧ୍ୱଂସ କରିବାକୁ ପଡ଼ିବ । ସେ କହିଥିଲେ ଯେ ଆତଙ୍କବାଦ ପ୍ରସଙ୍ଗରେ ଦୋହରା ମାପଦଣ୍ଡର କୌଣସି ସ୍ଥାନ ହୋଇପାରିବ ନାହିଁ ଏବଂ ଆତଙ୍କବାଦକୁ ନିଜ ନୀତିର ଏକ ଉପକରଣ ଭାବେ ଗ୍ରହଣ କରୁଥିବା ଦେଶଗୁଡ଼ିକୁ ଏକ ସ୍ପଷ୍ଟ ବାର୍ତ୍ତା ପଠାଯିବା ଉଚିତ ଯେ ଆତଙ୍କବାଦ କାହା ପାଇଁ ଏକ ରଣନୈତିକ ସମ୍ପଦ ହୋଇପାରିବ ନାହିଁ ।

ଏସ୍‌ସିଓର ୨୫ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ୨୬ତମ ଶିଖର ସମ୍ମିଳନୀରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଗତ ୨୫ ବର୍ଷ ମଧ୍ୟରେ ଏହି ସଂଗଠନ ୟୁରେସିଆର ବିଶାଳ ଭୂଭାଗରେ ଆଲୋଚନା ଏବଂ ସହଯୋଗର ଏକ ଦୃଢ଼ ପରମ୍ପରା ବିକଶିତ କରିଛି ଏବଂ ମାନବତାର ବିକାଶ ତଥା ଏହାର ଲୋକମାନଙ୍କ କଲ୍ୟାଣରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛି । ଆଗାମୀ ୨୫ ବର୍ଷ ମଧ୍ୟରେ ଏହି ସହଯୋଗକୁ ବାସ୍ତବ ପରିଣାମରେ ପରିଣତ କରିବା ଏବେ ଏସ୍‌ସିଓର ଲକ୍ଷ୍ୟ ହେବା ଉଚିତ ।

ସେ କହିଥିଲେ ଯେ ଏଭଳି ଏକ ସମୟରେ ଯେତେବେଳେ ବିଶ୍ୱ ଅନିଶ୍ଚିତତା ଏବଂ ଅସ୍ଥିରତାର ସମୟ ଦେଇ ଗତି କରୁଛି, ଅଂଶୀଦାର ଭୂଗୋଳକୁ ସହଭାଗୀ ସୁଯୋଗରେ ପରିଣତ କରିବା ଏବଂ ଲୋକମାନଙ୍କ ଜୀବନରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି । ଏସ୍‌ସିଓ ସନ୍ଦର୍ଭରେ ଭାରତର ଚିନ୍ତାଧାରାର ତିନୋଟି ସ୍ତମ୍ଭ-ସୁରକ୍ଷା, ସଂଯୋଗ ଏବଂ ସୁଯୋଗ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି ତିନୋଟି ସ୍ତମ୍ଭକୁ ଦୂରଦୃଷ୍ଟିରୁ ଦୃଢ଼ *(ପୃଷ୍ଠା ୭ରେ)*

## ମହାପ୍ରଭୁଙ୍କ ରାହୁରେଖାଲାଗି ନୀତି: ଆଜି ସାଢ଼େ ୪ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

ପୁରୀ, ୧ା୯ : ନ୍ୟୁଜ୍ ବ୍ୟୁରୋ

ବୁଧବାର ମହାପ୍ରଭୁଙ୍କ ରାହୁରେଖା ଲାଗି ନୀତି ଅନୁଷ୍ଠିତ ହେଉଥିବାରୁ ଏଥିଲାଗି ସାଢ଼େ ୪ ଘଣ୍ଟା ବନ୍ଦ ରହିବ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ । ଅପରାହ୍ନ ୨ଟା ୩୦ ମିନିଟ ଠାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ସନ୍ଧ୍ୟା ୭ଟା ପରେ ପୁଣି ଦର୍ଶନାର୍ଥୀମାନେ ମହାପ୍ରଭୁଙ୍କ ଦର୍ଶନଲାଭ କରିପାରିବେ । ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲା

# ଛାତ୍ରଙ୍କ ବିରୁଦ୍ଧରେ ସମସ୍ତ ମାମଲା ଖାରଜ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧ା୯

ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାକୁ ନେଇ ଗତ ଜୁଲାଇ ମାସରେ ହୋଇଥିବା ଦେଶବ୍ୟାପୀ ଆନ୍ଦୋଳନରେ ପୁଲିସ ଅନେକ ଛାତ୍ରଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଥିଲା । ଏହି ସମସ୍ତ ମାମଲା ଖାରଜ କରିବାକୁ ମଙ୍ଗଳବାର ସୁପ୍ରିମକୋର୍ଟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ, ବିଚାରପତି ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀ ଓ ଭି.ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି । ବିନା ଅପରାଧିକ ଉଦ୍ଦେଶ୍ୟ ଥାଇ ଆନ୍ଦୋଳନରେ ଅଂଶଗ୍ରହଣ କରିବାକୁ ଅପରାଧ ଭାବେ ବିବେଚନା କରାଯିବ ନାହିଁ । ତେଣୁ ଜୁଲାଇ ୨୦ରୁ ୨୫ ମଧ୍ୟରେ ରାଜଧାନୀ ଦିଲ୍ଲୀ ତଥା ଅନ୍ୟ ସ୍ଥାନଗୁଡ଼ିକରେ



ଆନ୍ଦୋଳନରତ ଛାତ୍ରମାନଙ୍କ ବିରୁଦ୍ଧରେ ଯେଉଁ ସବୁ ଏଫଆଇଆର ରୁଜୁ କରାଯାଇଛି, ତାହାର ଆଉ ତଦନ୍ତର କୌଣସି ଆବଶ୍ୟକତା ନାହିଁ । ସେହି ମାମଲାଗୁଡ଼ିକ ଏବେ ବନ୍ଦ ହୋଇଗଲା ବୋଲି ବିବେଚନା କରାଯିବ ବୋଲି ଖଣ୍ଡପୀଠ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ଏହି ମାମଲାରେ ଆଗକୁ ବି ଆଉ କୌଣସି ମାମଲା ରୁଜୁ କରାଯିବ ନାହିଁ ବୋଲି ଖଣ୍ଡପୀଠ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି ।

କେନ୍ଦ୍ର ସରକାରଙ୍କ ପକ୍ଷ *(ପୃଷ୍ଠା ୭ରେ)*

# ଦେଶର ପ୍ରଥମ ଲୋକଭବନ ଭାବେ ଓଡ଼ିଶା ଲୋକଭବନକୁ ଗ୍ରୀନ୍ ବିଲ୍ଡିଂ ମାନ୍ୟତା

ଭୁବନେଶ୍ୱର, ୧ା୯
ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର ସ୍ଥିତ ଓଡ଼ିଶା ଲୋକ ଭବନ ଭାରତୀୟ ଗ୍ରୀନ୍ ବିଲ୍ଡିଂ କାଉନସିଲ୍ (ଆଇଜିବିସି)ର ଗ୍ରୀନ୍ କ୍ୟାମ୍ପସ ରେଟିଂ ସିଷ୍ଟମ୍ ଅଧୀନରେ ପ୍ଲାଟିନମ୍ ପ୍ରମାଣପତ୍ର ହାସଲ କରି ଦେଶର ପ୍ରଥମ ପ୍ଲାଟିନମ୍ ପ୍ରମାଣପତ୍ରପ୍ରାପ୍ତ ଲୋକ ଭବନ ହୋଇଛି । ଏହା ସ୍ଥାୟୀ ଓ ପରିବେଶ ଅନୁକୂଳ ଭିତ୍ତିଭୂମି ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ।

ମଙ୍ଗଳବାର ଲୋକ ଭବନର ନ୍ୟୁ ଅଭିଷେକ ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇଜିବିସିର ଜାତୀୟ ଅଧ୍ୟକ୍ଷ ସି. ଶେଖର ରେଡ୍ଡୀଙ୍କଠାରୁ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ପ୍ରମାଣପତ୍ର ଗ୍ରହଣ କରିଥିଲେ । ଲୋକ ଭବନ ୧୦୦ରୁ ୮୮ ଅଙ୍କ ହାସଲ କରି ଆଇଜିବିସି ରେଟିଂ ବ୍ୟବସ୍ଥାର ସର୍ବୋଚ୍ଚ ବର୍ଗରେ ସ୍ଥାନ ପାଇଛି ।

ଏହି ଅବସରରେ ଗଣମାଧ୍ୟମକୁ



ସମ୍ବୋଧିତ କରି ରାଜ୍ୟପାଳ ଡ. କମ୍ଭମପାଟି ଏହି ସ୍ୱୀକୃତିକୁ ଓଡ଼ିଶା ପାଇଁ ଗର୍ବର ବିଷୟ ବୋଲି କହିବା ସହ ଲୋକ ଭବନକୁ ସବୁଜ ପରିସରରେ ପରିଣତ କରିବା ପାଇଁ ସମସ୍ତଙ୍କ ମିଳିତ ପ୍ରୟାସର ଏହା ଫଳ ବୋଲି କହିଥିଲେ । ରାଜ୍ୟପାଳ କହିଥିଲେ ଯେ ସବୁଜିମା, ସ୍ୱଚ୍ଛ ଶକ୍ତି ଉତ୍ପାଦନ ଓ ବ୍ୟବହାର, ବୈଦ୍ୟୁତିକ ଯାନର ବ୍ୟବହାର ସମେତ ବିଭିନ୍ନ ପଦକ୍ଷେପକୁ ଏହି ପ୍ରମାଣପତ୍ରରେ ସ୍ୱୀକୃତି ମିଳିଛି । ଯେଉଁ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା, ଲୋକ ଭବନ ପକ୍ଷରୁ ସେଗୁଡ଼ିକୁ କାର୍ଯ୍ୟକାରୀ କରାଯାଇଥିଲା ଏବଂ ଶେଷରେ ଆମେ ସର୍ବୋଚ୍ଚ ରେଟିଂ ହାସଲ କରିପାରିଛୁ ।"

ଆଗାମୀ ଦିଲ୍ଲୀ ଗସ୍ତ ସମୟରେ ସେ ଏହି ପ୍ରମାଣପତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦେଖାଇବେ ବୋଲି ଡ. କମ୍ଭମପାଟି କହିଥିଲେ । ଏହି ସଫଳତା ଅନ୍ୟାନ୍ୟ ଅନୁଷ୍ଠାନକୁ ମଧ୍ୟ ସ୍ଥାୟୀ ପଦକ୍ଷେପ ଗ୍ରହଣ କରିବା ସହ ସବୁଜ ପ୍ରମାଣପତ୍ର ହାସଲ ପାଇଁ ପ୍ରେରଣା ଯୋଗାଇବ ବୋଲି ସେ ଆଶା ପ୍ରକାଶ କରିଥିଲେ । *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ସୁପ୍ରିମକୋର୍ଟରେ କେନ୍ଦ୍ରର ପ୍ରତିଶ୍ରୁତି ଉପରେ ସେପ୍ଟେମ୍ବର ୫ 'ଦିଲ୍ଲୀ ପଦଯାତ୍ରା' ପ୍ରତ୍ୟାହାର କଲା ସିଜେପି ।
- ନୋବେଲ ପୁରସ୍କାର ବିଜେତା ବୈଜ୍ଞାନିକ ଆଦା ୟୋନାଥଙ୍କ ୮୭ ବର୍ଷ ବୟସରେ ଦେହାନ୍ତ ।
- ଆକଳନ ବର୍ଷ ୨୦୨୬-୨୭ ପାଇଁ ଆୟକର ରିଟର୍ଣ୍ଣ ରେକର୍ଡ ୭.୮ କୋଟି ଅତିକ୍ରମ ।
- ୧୯ କିଲୋଗ୍ରାମ ବ୍ୟାବସାୟିକ ଗ୍ୟାସ୍ ସିଲିଣ୍ଡର୍ ମହଙ୍ଗା, ୧୪.୨ କିଲୋଗ୍ରାମ ବିଶିଷ୍ଟ ଘରୋଇ ସିଲିଣ୍ଡର୍ ମୂଲ୍ୟ ଅପରିବର୍ତ୍ତିତ

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୪୦୯ (-୨୬୮)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୧୨୫ (-୨୪୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୫୫୭ (-୨୦୧)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୫୦ (-୫)

# ପୁଣି ତୀବ୍ର ହେଲା ମଣିପୁର ହିଂସା: ୩୦ ଘର ଜଳିଲା, ଭୟଙ୍କର ଗୁଳିମାଡ଼

ଇମ୍ଫାଲ, ୧ା୯

ମଣିପୁର ସ୍ଥିତି ପୁଣି ବିଗିଡ଼ି ଯାଇଛି । ମଙ୍ଗଳବାର ଭୋର ସମୟରେ କାଙ୍ଗପୋକପି ଜିଲ୍ଲାର ୩ଟି ଲିଆଙ୍ଗମାଇ ନାଗା ଗାଁରେ ଘଟିଛି ଭୟଙ୍କର ଆକ୍ରମଣ । ଏଠାରେ ସଶସ୍ତ୍ର ଦୁର୍ବୃତ୍ତମାନେ ଗୁଳି ମାଡ଼ କରିବା ସହ ୩୦ଟି ଘରେ ନିଆଁ ଲଗାଇ ଦେଇଛନ୍ତି । ଆକ୍ରମଣରେ ୩୦ଟି ଯାକ ଘର ପୋଡ଼ି ପାଉଁଶ ହୋଇ ଯାଇଥିବା ବେଳେ ଜଣେ ଗ୍ରାମବାସୀ ଗୁଳି ମାଡ଼ରେ ଆହତ ହୋଇଛନ୍ତି ।

ଏହି ଘଟଣାର ଦିନକ ପୂର୍ବରୁ ସମାନ ଜିଲ୍ଲାରେ ହୋଇଥିବା ଗୁଳି ମାଡ଼ରେ ୩ ଜଣ କୁକି ସଂପ୍ରଦାୟର ଲୋକ ପ୍ରାଣ ହରାଇଥିଲେ । ଏହାକୁ ନେଇ ଉତ୍ତେଜନା ଲାଗି ରହିଥିବା ବେଳେ ମଙ୍ଗଳବାର ପୁଣି ହିଂସାକାଣ୍ଡ ଘଟିଛି ।

ପୁଲିସର କହିବା କଥା ଯେ ଭୋର ପ୍ରାୟ ୪ଟା ବେଳେ ତାପୋନ ଖୁଲେନ, ତାପୋନ ଖୁନୋଉ ଓ ମାକୁଇ ପିପୁରାମ ଗାଁରେ ଆକ୍ରମଣ ହୋଇଥିଲା । ଆକ୍ରମଣକାରୀ ମାନେ ଆଖିବୁଜା ଗୁଳିମାଡ଼ କରିବା ସହ ସୁରକ୍ଷାକର୍ମୀମାନେ ପହଞ୍ଚିବା ପୂର୍ବରୁ ଏକାଧିକ ଘର ଓ ଅନ୍ୟ ଜିନିଷରେ ନିଆଁ ଲଗାଇ ଫେରାର ହୋଇଯାଇଥିଲେ ।

ଘଟଣାକୁ ନେଇ ଉତ୍ତେଜନା ବଢୁଥିବାରୁ ସିଆରପିଏଫ ଓ କୋବ୍ରା ୟୁନିଟ ସହ ମଣିପୁର ପୁଲିସର ଯବାନମାନଙ୍କୁ *(ପୃଷ୍ଠା ୭ରେ)*

## ୫୦ ହଜାର କୋଟି ଟଙ୍କାର ବିଜୁ ପଟ୍ଟନାୟକ ବିମାନବନ୍ଦର ୪ ହଜାର କୋଟିରେ ଲିଜ୍ ଦିଆଯିବ




## ଦକ୍ଷିଣାଞ୍ଚଳ ଆଇଜି ଭାବେ ଦାୟିତ୍ୱ ନେଲେ ଜେ ଏନ୍ ପଙ୍କଜ

ବ୍ରହ୍ମପୁର, ୧ା୯ : ନ୍ୟୁଜ୍ ବ୍ୟୁରୋ

ଦକ୍ଷିଣାଞ୍ଚଳ ଆଇଜି ଭାବେ ମଙ୍ଗଳବାର, ସକାଳେ ଦାୟିତ୍ୱ ଗ୍ରହଣ କରିଛନ୍ତି ଆଇପିଏସ୍ ଅଧିକାରୀ ଜେ.ଏନ୍. ପଙ୍କଜ । ସେ ପୂର୍ବତନ ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର, ଆଇପିଏସ୍‌ଙ୍କଠାରୁ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ।ନୂତନ ଆଇଜିଙ୍କ ଦାୟିତ୍ୱ ଗ୍ରହଣ ପରେ ଦକ୍ଷିଣାଞ୍ଚଳ ପୁଲିସ୍ ରେଞ୍ଜର ବିଭିନ୍ନ ଜିଲ୍ଲାରେ ପୁଲିସ୍ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ସହ ଜନସାଧାରଣଙ୍କ ସହ ପୁଲିସର ସମନ୍ୱୟ ବଢ଼ାଇବା ଉପରେ ଗୁରୁତ୍ୱ ରହିବ ବୋଲି ସେ ସୂଚନା ଦେଇଛନ୍ତି ।

## ଏକାଳ ପଖାଳ



ସବୁ କରାଯାଏ ସବୁ ଦିଆଯାଏ
କାହିଁ ତେବେ ଅପପୁଷ୍ଟି
ଯୋଜନାଗୁଡାକ ସାଲୁବାଲୁ ଏଠି
ସବୁଦିନ ହୁଏ ବୃଷ୍ଟି
ହେଇଟି ଦିଅହେ ଦୃଷ୍ଟି
ବିକାଶ ରଥଟା ଭାଙ୍ଗି ଗଲାଣିଯେ
ପୁଣି ଥରେ କର ସୃଷ୍ଟି !

# ସମୁଦ୍ରରେ ବୁଡ଼ିଯିବେ କୋଟି କୋଟି ଲୋକ ! ଭାରତର ୨ଟି ସହରକୁ ୟୁଏନ୍‌ଇର ଚେତାବନୀ ?



ନୂଆଦିଲ୍ଲୀ, ୧ା୯

ସମୁଦ୍ର ପତନ ବୃଦ୍ଧି ପାଇବା ଯୋଗୁଁ କୋଲକାତା ଏବଂ ମୁମ୍ବାଇର ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହୋଇପାରନ୍ତି ବୋଲି ମିଳିତ ଜାତିସଂଘର ରିପୋର୍ଟରେ ଚେତାବନୀ ଦିଆଯାଇଛି ।

ସମୁଦ୍ର ପତନ ବୃଦ୍ଧି ହେବା କାରଣରୁ କୋଲକାତା ଏବଂ ମୁମ୍ବାଇରେ ବାସ କରୁଥିବା ଲକ୍ଷ ଲକ୍ଷ ଲୋକ ଗୁରୁତର ଭାବେ ପ୍ରଭାବିତ ହୋଇପାରନ୍ତି । ମିଳିତ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସଙ୍କ ଏକ ରିପୋର୍ଟରେ ଏହି ଚେତାବନୀ ଦିଆଯାଇଛି । ଏହି ରିପୋର୍ଟ ପ୍ରକାଶ ପାଇଛି, ଯେଉଁଥିରେ ସମୁଦ୍ର ପତନ ବୃଦ୍ଧିର ପ୍ରଭାବକୁ ନେଇ ସତର୍କ ସୂଚନା ଦିଆଯାଇଛି ।

ଆଇଏନଏସଅନୁଯାୟୀ, ରିପୋର୍ଟରେ କୁହାଯାଇଛି ଯେ ଦକ୍ଷିଣ ଏସିଆର ତଳିଆ ତ୍ରିକୋଣଭୂମି (ଡେଲଟା) ଅଞ୍ଚଳ ଏବଂ ଭାରତର କୋଲକାତା, ମୁମ୍ବାଇ ତଥା ବାଂଲାଦେଶର ଢାକା ଭଳି ସହରଗୁଡ଼ିକରେ ଏହାର ସବୁଠାରୁ ବଡ଼ ପ୍ରଭାବ ଲୋକଙ୍କ ବିସ୍ଥାପନ ଭାବେ ଦେଖାଯାଉଛି । ଏଠାରେ ୧.୪ କୋଟିରୁ ଅଧିକ ଲୋକଙ୍କ ଘର ପାଣିରେ ବୁଡ଼ିଯିବାର ବିପଦ ରହିଛି । ଅବଶ୍ୟ, ରିପୋର୍ଟରେ ଏହା କେବେ ସୁଦ୍ଧା ଘଟିବ ତାହା ଉଲ୍ଲେଖ କରାଯାଇ ନାହିଁ । ସାରା ବିଶ୍ୱ କଥା ଦେଖିଲେ ପ୍ରାୟ ୭୭ କୋଟି ଲୋକ ବିପଦରେ *(ପୃଷ୍ଠା ୭ରେ)*

# ୧୫ ଜଣଙ୍କୁ ଏସ୍‌ପି ପାହ୍ୟାକୁ ପଦୋନ୍ନତି

ଭୁବନେଶ୍ୱର, ୧ା୯
ନ୍ୟୁଜ୍ ବ୍ୟୁରୋ

ଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଲେ ୧୫ ଅତିରିକ୍ତ ଏସ୍‌ପି । ମଙ୍ଗଳବାର ଏନେଇ ଗୃହ ବିଭାଗ ପକ୍ଷରୁ ପ୍ରକାଶ ପାଇଛି ବିଜ୍ଞପ୍ତି ।

ପଦୋନ୍ନତି ପାଇଥିବା ଏହି ପୁଲିସ୍ ଅଫିସରମାନେ ହେଉଛନ୍ତି ଗଞ୍ଜାମର ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ଦାସ, କଟକ ୟୁପିଡି ଅତିରିକ୍ତ ଡିଏସ୍‌ପି ରଞ୍ଜିତ କୁମାର ପୃଷ୍ଟି, ପୁରୀ ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, କଟକ ୟୁପିଡି ଅତିରିକ୍ତ ଡିଏସ୍‌ପି ଅମରେନ୍ଦ୍ର ପଣ୍ଡା, ରାଜ୍ୟ ପୁଲିସ ମୁଖ୍ୟାଳୟ ଅତିରିକ୍ତ ଏସ୍‌ପି ଦେବଦତ୍ତ ବରାଳ, ସମ୍ବଲପୁର ଆଇୟୁସିଏଡବ୍ଲ୍ୟୁ ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର, କଟକ ସିଆଇଡି ସିବିର ଅତିରିକ୍ତ ଏସ୍‌ପି ବିକାଶ ରଞ୍ଜନ ବେହୁରା, ଭିଜିଲାନ୍ସ ବିଭାଗରେ ଅତିରିକ୍ତ ଏସ୍‌ପି ଥିବା ଅରୁଣ କୁମାର ନାୟକ, କଟକରେ ସିବି ସିଆଇଡିରେ ଅତିରିକ୍ତ ଏସ୍‌ପି ଥିବା ଶିଶିର କୁମାର ମିଶ୍ର, ଢେଙ୍କାନାଳର ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, କଟକ ସିବି ସିଆଇଡିରେ କାର୍ଯ୍ୟରତ ଅତିରିକ୍ତ ଏସ୍‌ପି ବିଜୟ କୁମାର ମଲ୍ଲିକ, ଏସଟିଏଫ ଅତିରିକ୍ତ ଏସ୍‌ପି ସଞ୍ଜୀବ କୁମାର ଶତପଥୀ, ଭୁବନେଶ୍ୱର ଓଏଚ୍‌ଆରସିରେ କାର୍ଯ୍ୟରତ ଅତିରିକ୍ତ ଏସ୍‌ପି ସତ୍ୟ ନାରାୟଣ ପ୍ରଧାନ, ଜୟପୁରରେ କାର୍ଯ୍ୟରତ ଭିଜିଲାନ୍ସର ଅତିରିକ୍ତ ଏସ୍‌ପି ଅନନ୍ତ ପ୍ରସାଦ ମଲ୍ଲିକ ଓ ଆଇୟୁସିଏଡବ୍ଲ୍ୟୁ ନୟାଗଡ଼ରେ କାର୍ଯ୍ୟରତ ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା (ବି) ।




# ରମ୍ଭା ସହରର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସୋମବାର ଦିନ ଏନ.ଏ.ସିର ସ୍ୱାୟତ୍ତ ଶାସନ ଦିବସ ଅଧ୍ୟକ୍ଷା ମାନସୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ କଲ୍ୟାଣ ମଣ୍ଡପ ପରିସରରେ ପାଳନ ହୋଇଯାଇଛି । କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରତମାଳା ଅତିଥି ପରିଚୟ ସହ ବାର୍ଷିକ ବିବରଣୀ ପଠନ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ସାଂସଦ ଡଃ ପ୍ରଦୀପ କୁମାର ପାଣିଗ୍ରାହୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ପୂର୍ବତନ ନଗରପାଳ ତଥା ସମାଜସେବୀ ସୁବାଷ ଚନ୍ଦ୍ର ପଣ୍ଡା, ରମ୍ଭା ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ରଞ୍ଜନ କୁମାର ଦାଶ ଏନ.ଏ.ସି. ପରିସରରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ତତ୍ ସହିତ ସାମୂହିକ ଭାବେ ଜାତୀୟ ସଂଗୀତ ସହ ବନ୍ଦେ ମାତରଂ ଗାନ, ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିସହିତ ସଭାସ୍ଥଳରେ ଶ୍ରୀଗଣେଶଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ସହ ସାମୂହିକ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଅତିଥିମାନଙ୍କୁ ଫୁଲତୋଡ଼ା ଓ ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଡ. ସରୋଜ ଦାଶ, ସର୍ବନାମ ଦାଶ, ଦୀପକ କୁମାର ବିଶୋଇ, ପରିଚାଳନା କରିଥିଲେ ଏବଂ ସି. ଓ ପ୍ରଭାସିନୀ ନାୟକ, ଚିକାଲା ଲୋକେଶ୍ୱରୀ, କେ. ଜ୍ୟୋତି ଦୋରା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନରେ ସହଯୋଗ କରିଥିଲେ । ରମ୍ଭାର ସମସ୍ତ ୱାର୍ଡର କାଉନସିଲର ସଦସ୍ୟ, ସଦସ୍ୟା, ସ୍ୱଚ୍ଛସାଥୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ଶିକ୍ଷାବିତ, ବୁଦ୍ଧିଜୀବୀ, ଦଳୀୟ କର୍ମୀ, ଯୁବ ଗୋଷ୍ଠୀ, ବିଧାୟକ ପ୍ରତିନିଧି ସିମାଞ୍ଚଳ ବାଡତ୍ୟା, ମଣ୍ଡଳ ସଭାପତି ଘନଶ୍ୟାମ ବେହେରା, କାହ୍ନୁ ସ୍ୱାଇଁ, ବିବେକାନନ୍ଦ ପଟ୍ଟନାୟକ, ପୋଲିସ କର୍ମଚାରୀ ଉପସ୍ଥିତ ରହିଥିଲେ ।



# ସ୍ୱାୟତ୍ତଶାସନ ବ୍ୟବସ୍ଥା ନାଗରିକଙ୍କ ନିକଟରେ ମୌଳିକ ସେବା ପହଞ୍ଚାଇବାର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ପୌରପାଳିକା ପକ୍ଷରୁ ପୌରପାଳିକାର ୧୫୦ତମ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଏକ ଭବ୍ୟ ଉଦ୍‌ଘାଟନୀ ସମାରୋହ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଐତିହାସିକ ଅବସରରେ ପୌରପାଳିକାର ଦୀର୍ଘ ୧୫୦ ବର୍ଷର ଗୌରବମୟ ଯାତ୍ରା, ନଗରର ବିକାଶ ଏବଂ ନାଗରିକ ସେବା କ୍ଷେତ୍ରରେ ଏହାର ଅବଦାନକୁ ସ୍ମରଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗ ଦେଇଥିଲେ । ତାଙ୍କ ସହିତ ବାଲେଶ୍ୱର ପୌରପାଳିକା ଅଧ୍ୟକ୍ଷା ସବିତା ସାହୁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ବାଲେଶ୍ୱର ଉପଜିଲ୍ଲାପାଳ ଶିବ ମାଲବ୍ୟ, କାର୍ଯ୍ୟନିର୍ବାହୀ ଅଧିକାରୀ, ବାଲେଶ୍ୱର ପୌରପାଳିକା, ସିରିଆଲ ପଟେଲ ଏବଂ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟଙ୍କ ସମେତ ଅନେକ ବାଲେଶ୍ୱର ପୌରପାଳିକାର ପରିଷଦ ଓ ମାନ୍ୟଗଣ୍ୟ ବ୍ୟକ୍ତିଗଣ ମଞ୍ଚାସୀନ ହୋଇଥିଲେ। ଅତିଥିମାନେ ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ପୌରପାଳିକାର ଗତ ୧୫୦ ବର୍ଷର ଯାତ୍ରା ଓ ବାଲେଶ୍ୱର ସହରର ବିକାଶରେ ଏହାର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବକ୍ତାମାନେ କହିଥିଲେ ଯେ, ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ନାଗରିକଙ୍କ ନିକଟରେ ପ୍ରଶାସନ ଓ ମୌଳିକ ସେବା ପହଞ୍ଚାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ। ନଗରାଞ୍ଚଳର ସୁପରିଚାଳନା, ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ରାସ୍ତାଘାଟ ଓ ଆଲୋକୀକରଣ, ନାଗରିକ ସୁବିଧା ଏବଂ ନଗରର ସାମଗ୍ରିକ ବିକାଶରେ ପୌରପାଳିକାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୧୫୦ତମ ସ୍ୱାୟତ୍ତ ଶାସନ ଦିବସ ପାଳନ ମାଧ୍ୟମରେ ପୌରପାଳିକାର ଐତିହ୍ୟ ଓ ପରମ୍ପରାକୁ ସମ୍ମାନ ଦେବା ସହିତ ଆଗାମୀ ଦିନରେ ଏକ ସୁନ୍ଦର, ସ୍ୱଚ୍ଛ, ସୁସ୍ଥ ଓ ସୁବ୍ୟବସ୍ଥିତ ବାଲେଶ୍ୱର ସହର ଗଠନ ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ସମାରୋହରେ ପୌରପାଳିକାର ଅଧିକାରୀ, କର୍ମଚାରୀ, ଜନପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ ଓ ବହୁ ସଂଖ୍ୟକ ନାଗରିକ ଯୋଗ ଦେଇଥିଲେ। ଅତିଥିମାନେ ପୌରପାଳିକାର ଐତିହାସିକ ଗୌରବକୁ ସ୍ମରଣ କରି ଏହାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଥିଲେ। ଏହି ଐତିହାସିକ ଦିବସ ପାଳନ ବାଲେଶ୍ୱର ପୌରପାଳିକାର ୧୫୦ ବର୍ଷର ସେବା, ପ୍ରଗତି ଓ ପରମ୍ପରାକୁ ସ୍ମରଣ କରିବା ସହ ଆଗାମୀ ଦିନରେ ନଗରର ସାମଗ୍ରିକ ବିକାଶ ପାଇଁ ଏକ ନୂତନ ସଂକଳ୍ପର ସନ୍ଦେଶ ପ୍ରଦାନ କରିଥିଲା।



# ନିର୍ମାଣ ଓ ଅଣସଂଗଠିତ ଶ୍ରମିକଙ୍କୁ ପରିଚୟ ପତ୍ର ଓ ସହାୟତା ରାଶି ପ୍ରଦାନ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ଯାଜପୁର ପକ୍ଷରୁ ବ୍ୟାସନଗର ବା ଯାଜପୁର ରୋଡ୍ ସ୍ଥିତ ସଂସ୍କୃତି ଭବନ ଠାରେ ଜିଲ୍ଲାର ପଞ୍ଜିକୃତ ନିର୍ମାଣ ଓ ଅଣସଂଗଠିତ ଶ୍ରମିକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସହାୟତା ରାଶି ଏବଂ ପରିଚୟ ପତ୍ର ବଣ୍ଟନ ଶିବିର ଆୟୋଜିତ ହୋଇଥିଲା। ଏହି ବୃହତ୍ ସମାରୋହରେ ଜିଲ୍ଲାର ମୋଟ୍ ୫୪୩ ଜଣ ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କୁ ୨ କୋଟି ୧୮ ଲକ୍ଷ ଟଙ୍କାର ବିଭିନ୍ନ କଲ୍ୟାଣକାରୀ ଆର୍ଥିକ ସହାୟତା ସିଧାସଳଖ ଡିବିଟି ମାଧ୍ୟମରେ ପ୍ରଦାନ କରାଯିବା ସହ ନୂତନ ଶ୍ରମିକମାନଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦ, ଲୋକସଭା, ଯାଜପୁର ଡା. ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟ ଅତିଥି ଭାବେ ଏବଂ କୋରେଇର ବିଧାୟକ ଆକାଶ ଦାସନାୟକ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଯୁଗ୍ମ ଶ୍ରମ ଆୟୁକ୍ତ ଶିବଶଙ୍କର ମିଶ୍ର, ପ୍ରଭାଗୀୟ ଶ୍ରମ ଆୟୁକ୍ତ ସତ୍ୟ ନାରାୟଣ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାଂସଦ ଶ୍ରୀ ବେହେରା ନିଜ ବକ୍ତବ୍ୟରେ ଶ୍ରମିକ ସମାଜର ଆର୍ଥିକ ଉନ୍ନତି ଓ ନିରାପତ୍ତା ଉପରେ ଗୁରୁତ୍ୱ ଦେଇ କହିଲେ ଶ୍ରମିକ ଭାଇ ଓ ଭଉଣୀମାନେ ହେଉଛନ୍ତି ଆମ ସମାଜ ଓ ବିକାଶର ମୂଳଦୁଆ। ପ୍ରତ୍ୟେକ ନିର୍ମାଣ ଓ ଅଣସଂଗଠିତ ଶ୍ରମିକଙ୍କ ସାମାଜିକ ନିରାପତ୍ତା ଏବଂ ସେମାନଙ୍କ ପରିବାରର ଆର୍ଥିକ ସୁରକ୍ଷା ନିଶ୍ଚିତ କରିବା ଆମ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ଶିକ୍ଷା, ବିବାହ, ପ୍ରସୂତି ଓ ମୃତ୍ୟୁକାଳୀନ ସହାୟତା ରାଶି ଡିବିଟି ମାଧ୍ୟମରେ ସିଧାସଳଖ ଶ୍ରମିକଙ୍କ ବ୍ୟାଙ୍କ ଖାତାକୁ ପଠାଯାଉଛି, ଯାହାଫଳରେ ସ୍ୱଚ୍ଛତା ବଜାୟ ରହିବା ସହ ସେମାନେ ପ୍ରକୃତ ସୁବିଧା ପାଇପାରୁଛନ୍ତି। ଜିଲ୍ଲାର କୌଣସି ଯୋଗ୍ୟ ଶ୍ରମିକ ଯେପରି ସରକାରୀ ଯୋଜନାରୁ ବଞ୍ଚିତ ନହୁଅନ୍ତି ସେଥିପାଇଁ ଶ୍ରମ ବିଭାଗ ନିରନ୍ତର କାର୍ଯ୍ୟ କରୁଛି। ଉକ୍ତ ବୈଠକରେ ଯୋଗଦେଇ କୋରେଇ ବିଧାୟକ ଶ୍ରୀ ଦାସନାୟକ ସାଧାରଣ ନିର୍ମାଣ ଓ ଅଣସଂଗଠିତ ଶ୍ରମିକମାନଙ୍କ କଲ୍ୟାଣ ପାଇଁ ସରକାରୀ ଯୋଜନାର ସଫଳ ରୂପାୟନ ସହ କୋରେଇ ଅଞ୍ଚଳର ଶ୍ରମିକଙ୍କ ବିକାଶ ପାଇଁ ନିରନ୍ତର କାର୍ଯ୍ୟ କରିବାକୁ ଆଶ୍ୱାସନା ଦେଇଥିଲେ। ଏଥିରେ ଜିଲ୍ଲା ଶ୍ରମ ଅଧିକାରୀ ଦୀପ୍ତି ରଞ୍ଜନ ସାହୁ ସଭାପତିତ୍ୱ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ। ସରକାରୀ ସହାୟତା ବାବଦକୁ ୩୫୨ ଜଣ ଶ୍ରମିକଙ୍କ ପିଲାମାନଙ୍କୁ ୪୦,୦୧,୮୦୦ ଟଙ୍କାର ଶିକ୍ଷା ସହାୟତା, ୯୧ ଜଣ ହିତାଧିକାରୀଙ୍କୁ ୪୪,୭୫,୦୦୦ ଟଙ୍କାର ବିବାହ ସହାୟତା (ପ୍ରତି ହିତାଧିକାରୀ ୫୦,୦୦୦ ଟଙ୍କା), ୪୪ ଜଣ ମୃତ ଶ୍ରମିକଙ୍କ ପରିବାରକୁ ୧,୩୦,୦୦,୦୦୦ ଟଙ୍କାର ମୃତ୍ୟୁକାଳୀନ ସହାୟତା, ୪୫ ଜଣଙ୍କୁ ୨,୨୫,୦୦୦ ଟଙ୍କାର ଅନ୍ତ୍ୟେଷ୍ଟିକ୍ରିୟା ଖର୍ଚ୍ଚ ଏବଂ ୧୧ ଜଣଙ୍କୁ ୧,୧୦,୦୦୦ ଟଙ୍କାର ପ୍ରସୂତିକାଳୀନ ସହାୟତା ପ୍ରଦାନ କରାଯାଇଥିଲା।

# ନିଟ୍‌ରେ କୃତିତ୍ୱ ହାସଲ କଲେ ସ୍ନିତାରାଣୀ



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଶରଧାପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ କରିମୁଣ୍ଡା ଗ୍ରାମର ରାଧାକାନ୍ତ ବାଗଙ୍କ ଝିଅ ସ୍ନିତାରାଣୀ ବାଗ ୨୦୨୬ ନିଟ୍ ପରୀକ୍ଷାରେ କୃତିତ୍ୱ ହାସଲ କରି ନିଜ ପରିବାର ସମେତ ସମଗ୍ର ଅଞ୍ଚଳ ଓ ଗାଇସିଲେଟ ଲକ୍ଷେଘର ସମାଜ ପାଇଁ ଗୌରବ ଆଣିଛନ୍ତି। ସ୍ନିତାରାଣୀଙ୍କ ଏହି ସଫଳତା ପାଇଁ ଗାଇସିଲେଟ ଲକ୍ଷେଘର ସମାଜ ଓ ସିଡୁଲ କାଷ୍ଟ କର୍ମଚାରୀ ସଂଘ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଛି। ଏହି ଅବସରରେ ବ୍ଲକ ସଭାପତି ଗୋଲାପ ପାଇକ, ସମ୍ପାଦକ ସଞ୍ଜୟ କୁମାର ଦୀପ, କୋଷାଧ୍ୟକ୍ଷ ମହେନ୍ଦ୍ର କଲେତ, ପଞ୍ଚାୟତ ସଭାପତି କଞ୍ଚତରୁ କର୍ଣ୍ଣାଲ, ଉପଦେଷ୍ଟା ସଭ୍ୟ ଆରୁଣି ମହାନନ୍ଦ ଓ ପ୍ରଶନ୍ନ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଫିଙ୍ଗ୍ ବରଗଡ଼ ପକ୍ଷରୁ ସ୍ନିତାରାଣୀଙ୍କୁ ୩୦ ହଜାର ଟଙ୍କା ଆର୍ଥିକ ସହାୟତା ସହ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଉପସ୍ଥିତ ସଦସ୍ୟମାନେ ସ୍ନିତାରାଣୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଆଗାମୀ ଦିନରେ ଜଣେ ସଫଳ ଡାକ୍ତର ହୋଇ ଗରିବ, ଅସହାୟ ଓ ଆବଶ୍ୟକତାରେ ଥିବା ଲୋକଙ୍କ ସେବା କରିବାକୁ ପରାମର୍ଶ ଦେଇଥିଲେ। ସ୍ନିତାରାଣୀଙ୍କ ଏହି ସଫଳତା ଅଞ୍ଚଳର ଛାତ୍ରଛାତ୍ରୀଙ୍କ ପାଇଁ ଏକ ପ୍ରେରଣାର ଉତ୍ସ ହୋଇଥିବା ବେଳେ ତାଙ୍କ ଉପଲବ୍ଧି ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ରାୟଗଡ଼ା ରେଳ ଷ୍ଟେସନ୍‌କୁ ଯିବାନେଇ ଯାତ୍ରୀଙ୍କ ହଟହଟା

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ରାୟଗଡା ରେଳ ଷ୍ଟେସନ୍ ଡିଭିଜନର ମାନ୍ୟତା ପାଇ ମାତ୍ର କିଛି ମାସ ହୋଇଛି, ରାୟଗଡା ରେଳ ଷ୍ଟେସନ୍‌ର ଦୋହରୀ କାରଣ ବର୍ତ୍ତମାନ ଚାଲୁ ରହିଛି, ଇତି ମଧ୍ୟରେ ନୂତନ ଷ୍ଟେସନ୍‌ଟି ମୁଖ୍ୟ ରାସ୍ତା ଠାରୁ ୫୦୦ ମିଟର ଦୂର ଓ ରେଳ ଷ୍ଟେସନ୍‌ରେ ଥିବା ପୁରୁଣା ଗାଡି ଷ୍ଟାଣ୍ଡ ୫୦୦ ମିଟର ଦୂରରେ ଥିବାରୁ ଷ୍ଟେସନ୍‌କୁ ଆସି ଯାତ୍ରୀଙ୍କୁ ଛାଡିବା ସମୟରେ ରାୟଗଡା ବାସୀ ନାହିଁନଥିବାର ଅସୁବିଧା ହେଉଥିବା ବେଳେ ଯାତ୍ରୀଙ୍କୁ ଷ୍ଟେସନ୍‌ରେ ତୁରନ୍ତ ପହଞ୍ଚାଇବା ପାଇଁ ନୂତନ ଷ୍ଟେସନ୍ ଠାରୁ ୧୦୦ ମିଟର ଦୂରରେ ଗାଡି ରଖି ଛାଡିବା ସମୟରେ ରେଳବାଇ ସୁରକ୍ଷା କର୍ମୀ ନୋ ପାର୍କିଙ୍ଗ ନାମରେ ରଖିଥିବା ଦୁଇ ଚକିଆ ଯାନରେ ଚେନ୍ ବାନ୍ଧି ସୁରକ୍ଷା କର୍ମୀମାନେ ମନ ଇଚ୍ଛା ଫାଇନ୍ ଆଦାୟ କରୁଥିବା ଦେଖିବାକୁ ମିଳିଛି। ଘଟଣାରୁ ପ୍ରକାଶ ଏହିକି ଯେ ଗତ କିଛି ଦିନ ଧରି କାର୍ଯ୍ୟରତ ସୁରକ୍ଷା କର୍ମୀମାନେ ମନଇଚ୍ଛା ନୋ ପାର୍କିଙ୍ଗ ନାମରେ ବିନା ରସିଦରେ ରାୟଗଡା ଜନସାଧାରଣଙ୍କ ଠାରୁ ମୋଟା ଅଙ୍କ ଫାଇନ୍ ଆଦାୟ କରିଥିବା ଅଭିଯୋଗ ହେଉଛି। କେଉଁ ଏରିଆରେ ପର୍କିଙ୍ଗ ରହିବ, କେଉଁ ଏରିଆରେ ପର୍କିଙ୍ଗ ରହିବନାହିଁ, ଟ୍ରେନ୍ ଆସିବର କେତେ ସମୟ ମଧ୍ୟରେ ଯାତ୍ରୀଙ୍କୁ ଛାଡିବା ପାଇଁ ଷ୍ଟେସନ୍‌ର ମୁଖ୍ୟ ଦ୍ୱାରରେ ଦୁଇ ଚାକିଆ ଗାଡି ରହି ପାରିବ, ତାହାର କୌଣସି ସୂଚନା ନାହିଁ, କି ପ୍ରଚାର ପ୍ରସାର ନାହିଁ, କି କୌଣସି ସୁରକ୍ଷା କର୍ମୀ ରେଳ ଷ୍ଟେସନ୍‌ରେ ପାଇଁତରା ମାରି ଲୋକଙ୍କୁ ସଚେତନ କରିବାର ଦେଖିବାକୁ ମିଳୁନି, ରାୟଗଡାବାସୀଙ୍କୁ ରେଳ ଷ୍ଟେସନ୍ ପରିସରରେ କୋଉ ଅଞ୍ଚଳ ନୋ ପାର୍କିଙ୍ଗ ହେବ ତାହା ସଚେତନ କରନ୍ତୁ।



# ମହାନଦୀ ଧାରା ପକ୍ଷରୁ 'ଭିଜୁଆଲ୍ ଆର୍ଟସ୍ ଓ ଡିଜାଇନ୍' ଉପରେ କ୍ୟାରିୟର କାଉନ୍‌ସେଲିଂ ଅନୁଷ୍ଠିତ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଯୁବପିଢ଼ି ମଧ୍ୟରେ ସୃଜନଶୀଳତାକୁ ପ୍ରୋତ୍ସାହନ ଦେବା ଏବଂ କଳା କ୍ଷେତ୍ରରେ ଉପଲବ୍ଧ ବିଭିନ୍ନ କ୍ୟାରିୟର ସୁଯୋଗ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ମହାନଦୀ ଧାରା ପକ୍ଷରୁ 'କ୍ୟାରିୟର୍ କାଉନ୍‌ସେଲିଂ ଅନ୍ ଭିଜୁଆଲ୍ ଆର୍ଟସ୍ ଆଣ୍ଡ ଡିଜାଇନ୍' ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭିଜୁଆଲ୍ ଆର୍ଟସ୍, ଡିଜାଇନ୍, ଆର୍ଟ ଏଡୁକେସନ୍, ପ୍ରିଣ୍ଟମେକିଂ, କମିକ୍ସ ଇଲଷ୍ଟ୍ରେସନ୍ ଆଦି କ୍ଷେତ୍ରରେ ଥିବା ବିଭିନ୍ନ ଶିକ୍ଷାଗତ ଓ ବୃତ୍ତିଗତ ସୁଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହିତ ଏହି କ୍ଷେତ୍ରରେ ଆବଶ୍ୟକ ଦକ୍ଷତା, ଶିକ୍ଷାର ବିଭିନ୍ନ ପଥ ଏବଂ ଭବିଷ୍ୟତରେ କ୍ୟାରିୟର ଗଢ଼ିବାର ସମ୍ଭାବନା ଉପରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଭିଜୁଆଲ୍ ଆର୍ଟସ୍ ପ୍ରାକ୍ଟିସନ, ଆର୍ଟ ଏଡୁକେଟର୍ ଏବଂ କମିକ୍ସ ଇଲଷ୍ଟ୍ରେଟର୍ ଅଂଶୁକା ମହାପାତ୍ର ମୁଖ୍ୟ ମାର୍ଗଦର୍ଶିକା ଭାବେ ଯୋଗଦେଇଥିଲେ। ସେ ଜାମିଆ ମିଲିଆ ଇସ୍ଲାମିଆ, ନୂଆଦିଲ୍ଲୀରୁ BFA (Art Education) ଏବଂ ୟୁନିଭର୍ସିଟି ଅଫ୍ ହାଇଦ୍ରାବାଦରୁ MFA (Printmaking) ଶିକ୍ଷା ଗ୍ରହଣ କରିଛନ୍ତି। ନିଜର ଅଭିଜ୍ଞତା ଓ ଶିକ୍ଷାଗତ ଜ୍ଞାନକୁ ଆଧାର କରି ଅଂଶୁକା ଛାତ୍ରଛାତ୍ରୀଙ୍କୁ 'କଳା କେବଳ ଏକ ଶୌକ ନୁହେଁ, ଏହା ଏକ ସମ୍ଭାବନାମୟ କ୍ୟାରିୟର ମଧ୍ୟ ହୋଇପାରେ' ବୋଲି ବିଭିନ୍ନ ଉଦାହରଣ ମାଧ୍ୟମରେ ବୁଝାଇଥିଲେ। ଏହା ସହିତ ଛାତ୍ରଛାତ୍ରୀଙ୍କ ପ୍ରଶ୍ନ ଓ କ୍ୟାରିୟର ସମ୍ପର୍କିତ ଦ୍ୱନ୍ଦ୍ୱର ଉତ୍ତର ଦେବା ପାଇଁ ଏକ ଇଣ୍ଟରଆକ୍ଟିଭ୍ Q&A ସେସନ୍ ମଧ୍ୟ ଅନୁଷ୍ଠିତ ହୋଇଥିଲା। ମହାନଦୀ ଧାରାର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ପଲ୍ଲବନ ମହାପାତ୍ର କହିଥିଲେ ଯେ, ଛାତ୍ରଛାତ୍ରୀମାନେ ଯେପରି ନିଜର ସୃଜନଶୀଳ ପ୍ରତିଭାକୁ ଚିହ୍ନଟ କରିବା ସହ ତାହାକୁ ଏକ ସଫଳ କ୍ୟାରିୟରରେ ପରିଣତ କରିପାରିବେ, ସେଥିପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ। ସୃଜନଶୀଳତାକୁ ଚିହ୍ନଟ କରିବା, ସଠିକ୍ ମାର୍ଗଦର୍ଶନ ପାଇବା ଏବଂ ନିଜ ସ୍ୱପ୍ନକୁ ଏକ ସାର୍ଥକ ଭବିଷ୍ୟତରେ ପରିଣତ କରିବା ଏହା ହିଁ ମହାନଦୀ ଧାରାର ଲକ୍ଷ୍ୟ, ବୋଲି ସେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମଟି ଛାତ୍ରଛାତ୍ରୀ ଓ କଳାପ୍ରେମୀମାନଙ୍କ ପାଇଁ ନୂତନ ସୃଜନଶୀଳ ସମ୍ଭାବନା ଆବିଷ୍କାର, ଶିଖିବା ଓ ନିଜ ଭବିଷ୍ୟତ ଗଢ଼ିବାର ଏକ ଉପଯୋଗୀ ମଞ୍ଚ ପ୍ରଦାନ କରିଥିଲା।

# ବାଲେଶ୍ୱର ଜୋଡା ଶାଖାରେ ଠକେଇ ମାମଲା:ୟୁନିଅନ୍ ବ୍ୟାଙ୍କ ମ୍ୟାନେଜର ଗିରଫ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ଏକ ବଡ ସଫଳତା ହାସଲ କରିଛି । ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ପୂର୍ବତନ ଶାଖା ପ୍ରବନ୍ଧକ ସତ୍ୟବ୍ରତ ଭୋଇକୁ ଗିରଫ କରାଯାଇଛି । ନକଲି ସୁନା ଗହଣା ଦେଖାଇ ୧୦୦ଟି ସୁନା ଲୋନ କରାଇ ୨୧୨ କୋଟି ଟଙ୍କା ଅପବ୍ୟୟ କରିଥିବା ଅଭିଯୋଗରେ ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି । ୩୦ ତାରିଖ ରାତିରେ ଭୁବନେଶ୍ୱରରୁ ଇଓଡବ୍ଲୁ ସତ୍ୟବ୍ରତକୁ ଗିରଫ୍ କରିଥିଲା । ୩୧ ତାରିଖରେ ବାଲେଶ୍ୱର ଓପିଆଇଡି ଆଇନ ଅଧୀନସ୍ଥ ନିର୍ଦ୍ଦିଷ୍ଟ ଅଦାଲତରେ ଉପସ୍ଥାପନ କରିବା ପରେ ଭୁବନେଶ୍ୱର ଅଣାଯାଉଛି । ୟୁନିଅନ୍ ବ୍ୟାଙ୍କ ଅଫ ଇଣ୍ଡିଆର ବାଲେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ମୁଖ୍ୟ ଆଶୁତୋଷ ସୁଶୀଲ କୁମାର ପଟ୍ଟନାୟକ ଲିଖିତ ଅଭିଯୋଗ ଉପରେ ମାମଲା ଆରମ୍ଭ ହୋଇଥିଲା । ଅଭିଯୋଗ ଅନୁସାରେ ୨୦୨୩ ଜୁନ୍‌ରୁ ୨୦୨୪ ଜୁନ୍ ମଧ୍ୟରେ ସତ୍ୟବ୍ରତ ଭୋଇ ବାଲେଶ୍ୱର ଜିଲ୍ଲାର ଜୋଡା ଶାଖାର ପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିବା ସମୟରେ ଅନ୍ୟ ବ୍ୟାଙ୍କ କର୍ମଚାରୀଙ୍କ ସହ ମିଳିମିଶି ନକଲି ସୁନା ଗହଣା ଦେଖାଇ ୧୦୦ଟି ସୁନା ଋଣ ଅନୁମୋଦନ ଓ ବିତରଣ କରିଥିଲେ । ମୋଟ ଋଣ ରାଶି ୨,୧୨,୨୯,୯୦୦ ଟଙ୍କା ଥିଲା । ସଠିକ୍ ଡକ୍ୟୁମେଣ୍ଟେସନ୍ ବିନା ଏହି ଋଣ ଦିଆଯାଇଥିଲା ଏବଂ ପରେ ସେହି ଟଙ୍କା ଅପବ୍ୟୟ କରାଯାଇଥିଲା । ସତ୍ୟବ୍ରତ ୨୦୨୨ ସେପ୍ଟେମ୍ବର ୧୨ ତାରିଖରୁ ଜୋଡା ଶାଖାର ପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ । ତାଙ୍କ ଉପରେ ଋଣ ଆବେଦନକାରୀଙ୍କ ଯୋଗ୍ୟତା ଯାଞ୍ଚ, କେୱାଇସି ଯାଞ୍ଚ, ଗହଣା ଯାଞ୍ଚ, ଋଣ ଅନୁମୋଦନ, ବିତରଣ ଏବଂ ଗହଣା ସୁରକ୍ଷିତ ରକ୍ଷଣାବେକ୍ଷଣ ଦାୟିତ୍ୱ ରହିଥିଲା । ତଦନ୍ତରୁ ଜଣାପଡିଛି ଯେ ଋଣ ଫାଇଲ୍‌ରେ ସଠିକ୍ ଡକ୍ୟୁମେଣ୍ଟ, କେୱାଇସି ଓ ଋଣଗ୍ରହୀତାଙ୍କ ସହି ନଥିଲା । ଗୋଲ୍ଡ ପାଉଚ୍ ଇନ୍-ଆଉଟ୍ ରେଜିଷ୍ଟରରେ ମଧ୍ୟ ରଖାଯାଇନଥିଲା । ୧୦୦ଟି ଋଣ ଖାତା ମଧ୍ୟରୁ ୨୩ଟି ବନ୍ଦ ହୋଇସାରିଛି ଏବଂ ୭୬ଟି ଖାତା ବକେୟା ରହିଛି । ୨୦୨୬ ଅଗଷ୍ଟ ୧୮ ସୁଦ୍ଧା ଏହି ୭୬ଟି ଖାତାରେ ମୋଟ ବକେୟା ରାଶି ୧,୯୭,୫୦,୬୩୬୭୧ ଟଙ୍କା ରହିଛି । ଋଣ ରାଶି ଋଣ ଗ୍ରହୀତାଙ୍କ ଖାତାକୁ ଜମା କରାଯାଇ ପରେ ସେମାନଙ୍କ ଜ୍ଞାନ ବା ସମ୍ମତି ବିନା ଅନ୍ୟ ଖାତାକୁ ସ୍ଥାନାନ୍ତର କରାଯାଇଥିଲା ।

## ///////// ପ୍ରୋଗ୍ରେସିଭ୍ ଷ୍ଟୁଡେଣ୍ଟସ୍ ଫୋରମ୍‌ର ଦାବି /////////

# ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରାଯାଉ



**ଢେଙ୍କାନାଳ, ନ୍ୟୁଜ୍ ବ୍ୟୁରୋ**

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରଚଳିତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ଚଳିତ ଶିକ୍ଷା ବର୍ଷ ପାଇଁ ଗତ ବର୍ଷର ପାଠ୍ୟ ପୁସ୍ତକରେ ଶିକ୍ଷାଦାନ କରିବା, ବିଜ୍ଞାନ ସମ୍ମତ, ଯୁକ୍ତି ସଂଗତ ଓ ମୌଳିକ ଧାରଣା ଭିତ୍ତିକ ବିଷୟବସ୍ତୁ ଥାଇ ପାଠ୍ୟପୁସ୍ତକ ପ୍ରସ୍ତୁତ କରିବା, ବିଦ୍ୟାଳୟ ସ୍ତରରେ ମାତୃଭାଷା ଓ ଇଂରାଜୀ ଭାଷା ଶିକ୍ଷାକୁ ବାଧ୍ୟତାମୂଳକ କରିବା, ଜାତୀୟ ଶିକ୍ଷାନୀତି ୨୦୨୦କୁ ସମ୍ପୂର୍ଣ୍ଣ ବାତିଲ୍ କରିବା ଦାବିରେ ପ୍ରୋଗ୍ରେସିଭ୍ ଷ୍ଟୁଡେଣ୍ଟସ୍ ଫୋରମ୍ ପକ୍ଷରୁ ଢେଙ୍କାନାଳ ସ୍ଥିତ ବିପ୍ଳବୀ ସାରଙ୍ଗଧର ଦାସ ପାଠାଗାର ଠାରେ ଏକ ଶିକ୍ଷା କନ୍‌ଭେନ୍‌ସନ୍ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଡକ୍ଟର ଦେବୀପ୍ରସାଦ ଏହି କନ୍‌ଭେନ୍‌ସନ୍‌ରେ ସଭାପତିତ୍ୱ କରିଥିଲେ। ଏଆଇଡିଏସ୍‌ଓ, ଓଡ଼ିଶା ରାଜ୍ୟ ପରିଷଦର ଉପସଭାପତି ଭାଗ୍ୟରବି ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏଆଇଡିଏସ୍‌ଓର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିନୋଦ ସେଠୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶିକ୍ଷକ ନେତା ବିଭୂତି ସାମଲ, ଶିକ୍ଷାବିତ୍ ଅଶ୍ୱିନୀ ରାୟ, ଚତୁର୍ଭୁଜ ପ୍ରଧାନଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆଗାମୀ ଦିନରେ ଏହି ଶିକ୍ଷା ସମସ୍ୟାର ସମାଧାନ ପାଇଁ ତୃଣମୂଳସ୍ତରରେ ଛାତ୍ରଛାତ୍ରୀ ତଥା ବୃହତ୍ତର ଜନସାଧାରଣଙ୍କୁ ସଂଗଠିତ କରି ଦୃଢ଼ ପ୍ରତିବାଦ କରିବା ପାଇଁ ବକ୍ତାମାନେ ମତବ୍ୟକ୍ତ କରିଥିଲେ।

## କ୍ରୀଡ଼ା ଦିବସରେ 'ସଣ୍ଡେ ଅନ୍ ସାଇକେଲ' କାର୍ଯ୍ୟକ୍ରମ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱରରେ ଚାଲିଥିବା ଜାତୀୟ କ୍ରୀଡ଼ା ଦିବସର ତିନିଦିନିଆ ଭବ୍ୟ କ୍ରୀଡ଼ା ଉତ୍ସବ ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। 'ଖେଳିବ ଭାରତ, ଜିତିବ ଭାରତ', 'ଏକ ଘଣ୍ଟା ଖେଳ ପଡିଆରେ' ବିଷୟ ସହିତ ଆୟୋଜିତ ଏହି କ୍ରୀଡ଼ା ମହୋତ୍ସବର ଅନ୍ତିମ ଦିବସରେ ସ୍ୱାସ୍ଥ୍ୟ ଏବଂ ପରିବେଶ ସଚେତନତାକୁ ନେଇ 'ସଣ୍ଡେ ଅନ୍ ସାଇକେଲ' କ୍ୟାମ୍ପେନ ଆୟୋଜିତ ହୋଇଥିଲା। ଏହି ସ୍ୱତନ୍ତ୍ର ସାଇକେଲ ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇ ସହର ପରିକ୍ରମା କରିଥିଲା। ଏହି ସମାପନ ଉତ୍ସବ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ପୌରୋହିତ୍ୟରେ ଆୟୋଜନ ହୋଇଥିବା ବେଳେ ବାଲେଶ୍ୱର ସଦରର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିବା ସହ ଜୀବନରେ କ୍ରୀଡ଼ାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅନ୍ୟାନ୍ୟ ବରେଣ୍ୟ ଅତିଥି ତଥା ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୋଭା ବଢ଼ାଇଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସୁଚାରୁ ପରିଚାଳନାରେ ଏହି ତିନିଦିନିଆ ଉତ୍ସବର ସମସ୍ତ କାର୍ଯ୍ୟସୂଚୀ ସଫଳତାର ସହ ସମ୍ପନ୍ନ ହୋଇଛି। ଏହି ଉଦ୍‌ଯାପନୀ ସମାରୋହରେ ସ୍ଥାନୀୟ କ୍ରୀଡ଼ାବିତ, କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀ, କର୍ମଚାରୀ ଏବଂ ଜନସାଧାରଣ ପ୍ରବଳ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ପରିଶେଷରେ ଗତ ଦୁଇ ଦିନରେ ହୋଇଥିବା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ବିଜୟୀ କ୍ରୀଡ଼ାବିତମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ନଭେମ୍ବର ୧୧ରୁ ଜାତୀୟ ଗୋ-ବନ୍ଦାଣ ପର୍ବ:କେନ୍ଦ୍ରୀୟ କମିଟି ଗଠିତ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**



ସ୍ଥାନୀୟ ଷ୍ଟାଡିୟମ୍ ସମ୍ମିଳନୀ କକ୍ଷଠାରେ 'ଜାତୀୟ ଗୋ ବନ୍ଦଣା ପର୍ବ-୨୦୨୬'କୁ ଧୂମ୍‌ଧାମ୍‌ରେ ପାଳନ କରିବା ନିମନ୍ତେ ଏକ କେନ୍ଦ୍ରୀୟ କୋର୍ କମିଟି ଗଠନ ସହିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର କୁଡୁମୀ ଜନବସତି ଜିଲ୍ଲା ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଯାଜପୁର, ଢେଙ୍କାନାଳ, ଦେବଗଡ ଓ ସୁନ୍ଦରଗଡ଼ ପ୍ରଭୃତି ଜିଲ୍ଲାର ବହୁ ସଂଖ୍ୟାରେ ବୁଦ୍ଧିଜୀବୀ, କୁଡୁମୀ ସଂଗଠକ କୁଡୁମୀ ଓ ଯୁବକ-ଯୁବତୀ ଯୋଗଦେଇଥିଲେ। ବରିଷ୍ଠ କୁଡୁମୀ ସଂଗଠକ ମନୋଜ କୁମାର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସିଡିଏମ୍‌ଓ ଡା. ତ୍ରିଲୋଚନ ମହାନ୍ତ, ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କୁଳସଚିବ ପ୍ରଫେସର ଡ. କାଳିପଦ ମହାନ୍ତ, ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଆସୋସିଏଟ୍ ପ୍ରଫେସର ଡ. ବସନ୍ତ କୁମାର ମହାନ୍ତ, କୁଡୁମୀ ସଂଗଠକ ଚିତ୍ତରଞ୍ଜନ ମହାନ୍ତ, ଆ-ଆ ଯୁବ ସଂଘର ସଭାପତି ଶରତ ମହାନ୍ତ ଏବଂ ସମ୍ପାଦକ ଗୌରହରୀ ମହାନ୍ତ ଯୋଗଦେଇଥିଲେ। ସଭାର ଆରମ୍ଭରେ କେଶବ କୃଷ୍ଣ ମହାନ୍ତ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉଦ୍ୟୋକ୍ତା ଅଧ୍ୟାପକ ଯୋଗେଶ୍ୱର ମହାନ୍ତ ବନ୍ଦାଣ ପର୍ବ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ନଭେମ୍ବର ୧୧, ୧୨ ଓ ୧୩ ତାରିଖରେ ବେତନଟୀ ନିକଟ ଆଗୁଆଡ ଗ୍ରାମରେ ଜାତୀୟ ବନ୍ଦାଣ ପର୍ବ ଅନୁଷ୍ଠିତ ହେବ। ଏହି ଅବସରରେ ପର୍ବକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଏକ ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯାଇ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଯେଉଁଥିରେ ଉପଦେଷ୍ଟା ମଣ୍ଡଳୀରେ ଡା. ତ୍ରିଲୋଚନ ମହାନ୍ତ, ଚିତ୍ତରଞ୍ଜନ ମହାନ୍ତ, ଡ. ଭକ୍ତହରି ମହାନ୍ତ, ଆଇନଜୀବୀ ପଦ୍ମଲୋଚନ ମହାନ୍ତ, ଦେବେନ୍ଦ୍ରନାଥ ମହାନ୍ତ ଓ ପଦ୍ମଲୋଚନ ମହାନ୍ତ ରହିଥିବା ବେଳେ ପ୍ରଫେସର ଡ. କାଳିପଦ ମହାନ୍ତଙ୍କୁ ସଭାପତି ଏବଂ ଯୁଧିଷ୍ଠିର ମହାନ୍ତ (ଯାଜପୁର), ଅଭିମନ୍ୟୁ ମହାନ୍ତ (ମୟୂରଭଞ୍ଜ), ଭୀମସେନ ମହାନ୍ତ (କେନ୍ଦୁଝର) ଓ ଧ୍ରୁବ ମହାନ୍ତ (ସୁନ୍ଦରଗଡ଼)ଙ୍କୁ ଉପସଭାପତି ଭାବେ ମନୋନୀତ କରାଯାଇଥିଲା। ସାଂଗଠନିକ ସମ୍ପାଦକ ଭାବେ ସଞ୍ଜୀବ ମହାନ୍ତ, ହୀରାଲାଲ ମହାନ୍ତ, ଦଳଗୋବିନ୍ଦ ମହାନ୍ତ, ହେମନ୍ତ ମହାନ୍ତ, ସନ୍ତୋଷ ମହାନ୍ତ, ସ୍ନେହାଶିଷ ମହାନ୍ତ, ଭାଗବତ ମହାନ୍ତ, ଭବାନୀ ଶଙ୍କର ମହାନ୍ତ ଓ ନୀଳକଣ୍ଠ ମହାନ୍ତ, ସାଂସ୍କୃତିକ ସମ୍ପାଦକ ଭାବେ ଡ. ପ୍ରତାପ ଚନ୍ଦ୍ର ମହାନ୍ତ, କେଶବ କୃଷ୍ଣ ମହାନ୍ତ, ଦେବେନ୍ଦ୍ର ମହାନ୍ତ, ଶତ୍ରୁଘ୍ନ ମହାନ୍ତ, ମନୋଜ କୁମାର ମହାନ୍ତ ଓ ଲକ୍ଷ୍ମୀଧର ମହାନ୍ତ, ଆର୍ଥିକ ସମ୍ପାଦକ ଭାବେ ଗୌରହରୀ ମହାନ୍ତ, ପ୍ରସନ୍ନ ମହାନ୍ତ ଓ ମନମିତ ସାନସ କୁମାର ମହାନ୍ତ, ସୁରକ୍ଷା ଓ ଶୃଙ୍ଖଳା ଦାୟିତ୍ୱରେ ଭବାନୀ ଶଙ୍କର ମହାନ୍ତ, କୁମାରେନ୍ଦ୍ର ମହାନ୍ତ ବାସୁ ମହାନ୍ତ ଓ ରଞ୍ଜନ ମହାନ୍ତ, ଆବାସ ବ୍ୟବସ୍ଥାରେ ଶରତ ମହାନ୍ତ, ହିମାଂଶୁ ମହାନ୍ତ ଓ ବିବେକାନନ୍ଦ ମହାନ୍ତ, ଖାଦ୍ୟ ଓ ପାନୀୟ ବ୍ୟବସ୍ଥାରେ ସାମନ୍ତ ସିଂହାର ମହାନ୍ତ, ଅତୁଲ ଚନ୍ଦ୍ର ମହାନ୍ତ ଓ ଲୋକନାଥ ମହାନ୍ତ, ଅତିଥି ଅଭ୍ୟର୍ଥନାରେ ଆଦିକନ୍ଦ ମହାନ୍ତ, ପପୁନ ଚନ୍ଦ୍ର ମହାନ୍ତ, ତପନ ମହାନ୍ତ, ଦୁର୍ଗା ମହାନ୍ତ ଓ ପଦ୍ମଲୋଚନ ମହାନ୍ତ, ସଂକଳନ ଓ ପ୍ରକାଶନରେ ପ୍ରଫେସର ଡ. ବସନ୍ତ କୁମାର ମହାନ୍ତ, ଶିଉଲାଲ ମହାନ୍ତ, ଗୋବିନ୍ଦ ଚନ୍ଦ୍ର ମହାନ୍ତ, ମେଘାନୁର ମହାନ୍ତ ଓ ବାପି କୁମାର ମହାନ୍ତ, ସୋସିଆଲ ମିଡିଆ ଦାୟିତ୍ୱରେ ମିନାକ୍ଷୀ ମହାନ୍ତ, ସରସ୍ୱତୀ ମହାନ୍ତ, ବୁଲୁ ମହାନ୍ତ ଓ ବାସନ୍ତୀ ମହାନ୍ତ, ମହିଳା ସମ୍ପାଦିକା ଭାବେ କ୍ଷଣପ୍ରଭା ମହାନ୍ତ ଏବଂ ମିଡିଆ ସେଲ୍ ଦାୟିତ୍ୱରେ ନିରଞ୍ଜନ ମହାନ୍ତଙ୍କୁ ମନୋନୀତ କରାଯାଇଥିଲା। ଶେଷରେ କେଶବକୃଷ୍ଣ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ନବରଙ୍ଗପୁର ପୌରାଞ୍ଚଳରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଉଦ୍‌ଘାଟିତ

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ପୌରପାଳିକା କାର୍ଯ୍ୟାଳୟ ପରିସରରେ ଉତ୍ସାହ ଓ ଉଦ୍ଦୀପନାର ସହିତ ୭୩ ତମ ସ୍ଥାନୀୟ ସ୍ୱାୟତ୍ତ ଶାସନ ଦିବସ-୨୦୨୬ ପାଳିତ ହୋଇଯାଇଛି। ସହରାଞ୍ଚଳର ବିକାଶ, ଉତ୍ତମ ନାଗରିକ ସେବା ପ୍ରଦାନ, ସ୍ୱଚ୍ଛତା, ପରିମଳ ଓ ମୌଳିକ ଭିତ୍ତିଭୂମିର ସୁଦୃଢ଼ୀକରଣ ଦିଗରେ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାର ଭୂମିକାକୁ ସ୍ମରଣ କରି ଏହି ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ନବରଙ୍ଗପୁରର ସାଂସଦ (ଲୋକସଭା) ବଳଭଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନବରଙ୍ଗପୁରର ବିଧାୟକ ତଥା ଅଧ୍ୟକ୍ଷ ଜିଲ୍ଲା ଯୋଜନା ବୋର୍ଡ ଗୌରୀଶଙ୍କର ମାଝୀ, ନବରଙ୍ଗପୁର ଜିଲ୍ଲାପାଳ ଡଃ ମହେଶ୍ୱର ସ୍ୱାଇଁ, ନବରଙ୍ଗପୁର ପୌରପାଳିକାର ଅଧ୍ୟକ୍ଷ କୁନୁ ନାୟକ, ଉପାଧ୍ୟକ୍ଷା ସୌମ୍ୟା ମହାପାତ୍ର, ପୌରପାଳିକା ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିସହିତ ନବରଙ୍ଗପୁର ପୌରପାଳିକାର ସମସ୍ତ ୱାର୍ଡ କାଉନସିଲର, ପୌରପାଳିକାର ଅଧିକାରୀ ଓ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ପୂର୍ବତନ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ, ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତିବର୍ଗ, ବିଦ୍ୟାଳୟର ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ଓ ବହୁ ସଂଖ୍ୟକ ଜନସାଧାରଣ ଉପସ୍ଥିତ ଥିଲେ। ସମାରୋହରେ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ-୨୦୨୬ ପାଳନ କାର୍ଯ୍ୟକ୍ରମକୁ ସିଧା ପ୍ରସାରଣ ମାଧ୍ୟମରେ ଉପସ୍ଥିତ ଅତିଥି, ଜନପ୍ରତିନିଧି ଓ ଜନସାଧାରଣ ଦେଖିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହର ୨.୦ (PMAY-U 2.0) ଅଧୀନରେ ମୋଟ୍ ୫୪ ଜଣ ହିତାଧିକାରୀଙ୍କୁ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ (Work Order) ପ୍ରଦାନ କରାଯାଇଥିଲା। ଏହା ମାଧ୍ୟମରେ ଆବାସହୀନ ଓ ଆବାସ ଆବଶ୍ୟକତା ଥିବା ପରିବାରମାନଙ୍କୁ ସୁରକ୍ଷିତ ଓ ସମ୍ମାନଜନକ ଆବାସ ଯୋଗାଇବା ଦିଗରେ ପଦକ୍ଷେପ ନିଆଯାଇଛି। ସେହିପରି ମଧୁବାବୁ ପେନ୍‌ସନ୍ ଯୋଜନା (MBPY) ଅଧୀନରେ ୧୦ଜଣ ହିତାଧିକାରୀଙ୍କୁ ମଞ୍ଜୁରୀ ଆଦେଶ ପ୍ରଦାନ କରାଯାଇଥିଲା। ପୌରପାଳିକାର ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାକୁ ସୁଚାରୁ ରଖିବାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ସାନିଟେସନ୍ କର୍ମଚାରୀମାନଙ୍କୁ ପୋଷାକ ଓ ଶାଢ଼ୀ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ନବରଙ୍ଗପୁର ପୌରପାଳିକାର ବିକାଶ ଓ ପ୍ରଗତିରେ ଅବଦାନ ରଖିଥିବା ପୂର୍ବତନ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନଙ୍କୁ ପୌରପାଳିକା ପକ୍ଷରୁ ଏହି ଅବସରରେ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ ସ୍ୱୟଂଶାସନ ବ୍ୟବସ୍ଥାକୁ ମଜବୁତ କରିବାରେ ସେମାନଙ୍କ ଅବଦାନକୁ ଅତିଥିମାନେ ପ୍ରଶଂସା କରିଥିଲେ। ବିଭିନ୍ନ କ୍ଷେତ୍ରରେ ଆୟୋଜିତ ପ୍ରତିଯୋଗିତାରେ ଉତ୍କର୍ଷ ପ୍ରଦର୍ଶନ କରିଥିବା ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ ଓ ସମ୍ମାନିତ କରାଯାଇଥିଲା। ସ୍ଥାନୀୟ ସ୍ୱାୟତ୍ତ ଶାସନ ଦିବସ ଅବସରରେ ନବରଙ୍ଗପୁର ପୌରପାଳିକା ଅଧୀନରେ ଜନସାଧାରଣଙ୍କ ସୁବିଧା ଓ ସହରର ଭିତ୍ତିଭୂମି ବିକାଶ ପାଇଁ ନିର୍ମିତ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରାଯାଇଥିଲା। ଏଥିମଧ୍ୟରେ ପୌରପାଳିକା କାର୍ଯ୍ୟାଳୟର OSWAN କେନ୍ଦ୍ର, ସ୍ମାର୍ଟ ପାର୍କ, ପେଭର ରୋଡ୍ ଓ ହାଇମାଷ୍ଟ ଲାଇଟ୍ ଭଳି ବିଭିନ୍ନ ପ୍ରକଳ୍ପ ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପଗୁଡ଼ିକର ମୋଟ୍ ମୂଲ୍ୟ ୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ, ଏହାଦ୍ୱାରା ନବରଙ୍ଗପୁର ସହରର ଭିତ୍ତିଭୂମି, ସୌନ୍ଦର୍ଯ୍ୟୀକରଣ, ଆଲୋକୀକରଣ ଓ ନାଗରିକ ସୁବିଧାରେ ଉଲ୍ଲେଖନୀୟ ଉନ୍ନତି ଆସିବ। ଅତିଥିମାନେ ନିଜ ଅଭିଭାଷଣରେ ସ୍ଥାନୀୟ ସ୍ୱୟଂଶାସନ ସଂସ୍ଥାଗୁଡ଼ିକୁ ଅଧିକ ଜନମୁଖୀ, ସ୍ୱଚ୍ଛ ଓ ଉତ୍ତରଦାୟୀ କରିବା ସହିତ ନାଗରିକମାନଙ୍କୁ ସମୟୋପଯୋଗୀ ଓ ଉତ୍ତମ ସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ସହରର ସାମଗ୍ରିକ ବିକାଶ ପାଇଁ ଜନପ୍ରତିନିଧି, ପୌର ପ୍ରଶାସନ ଓ ନାଗରିକମାନଙ୍କ ମଧ୍ୟରେ ସମନ୍ୱୟ ଓ ସହଯୋଗ ଅତ୍ୟନ୍ତ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା ।

# ଧର୍ମଶାଳା ମହାବିଦ୍ୟାଳୟର ୪୯ତମ ପ୍ରତିଷ୍ଠା ଦିବସ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ମହାବିଦ୍ୟାଳୟର ୪୯ତମ ପ୍ରତିଷ୍ଠା ଦିବସ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ତମ୍ଭକାର ପ୍ରଧାପକ ମନୋରଞ୍ଜନ ମହାନ୍ତି ଯୋଗଦେଇ ଜ୍ଞାନ ଓ ଚରିତ୍ରର ସମନ୍ୱୟ ହେଉଛି ଉତ୍ତମ ଶିକ୍ଷା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପରିଚାଳନା କମିଟି ସଭାପତି ଡକ୍ଟର ପ୍ରିୟନାଥ ମହାପାତ୍ର, ପୂର୍ବତନ ଅଧ୍ୟକ୍ଷ ଜୟନ୍ତକୁମାର ସାହୁ ଯୋଗଦେଇଥିଲେ। ଅଧ୍ୟାପକ ସନ୍ତୋଷ କୁମାର ଦାସ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ସଂଗୀତ ଅଧ୍ୟାପକ ପୀତବାସ କର ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଅତିଥିମାନେ କଲେଜର କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପକ ଡକ୍ଟର ବସନ୍ତକୁମାର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କଲେଜର ବହୁ ପୂର୍ବତନ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଅଧ୍ୟାପିକା ଲିନା ରାୟ ଧନ୍ୟବାଦ ଅର୍ପଣ କରିଥିଲେ।



# ସ୍ୱଚ୍ଛ ବ୍ୟାସନଗର ଗଠନ ପାଇଁ ମନ୍ତ୍ରୀଙ୍କ ଆହ୍ୱାନ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**



ପବିତ୍ର ସ୍ୱାୟତ୍ତ ଶାସନ ଦିବସ ଅବସରରେ ବ୍ୟାସନଗର ପୌରପରିଷଦ ତରଫରୁ ବ୍ୟାସଦେବ ଟାଉନ୍ ହଲ୍ ଠାରେ ସ୍ୱାୟତ୍ତ ଶାସନ ଦିବସ ଓ ପ୍ରତିଭା ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଅନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ କରିବା ପରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପୌରାଧକ୍ଷ ସୁବାସ ଚନ୍ଦ୍ର ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ସମବାୟ ହସ୍ତତନ୍ତ ଓ ବୟନଶୀଳ୍ପ ମନ୍ତ୍ରୀ ଡ଼ ପ୍ରଦୀପ ବଳ ସାମନ୍ତ, ସମ୍ମାନିତ ଅତିଥି ଭାବେ ଯାଜପୁର ରୋଡ ଥାନା ଅଧିକାରୀ ଆଶିଷ କୁମାର ସାହୁ, ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ପୌର ନିର୍ବାହୀ ଅଧିକାରୀ ରଂଜିତ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ମନ୍ତ୍ରୀ ପୌରପରିଷଦ ଦ୍ୱାରା ଜନସାଧାରଣଙ୍କୁ ମିଳୁଥିବା ମୌଳିକ ସୁବିଧା, ବସ୍ତି ବାସିନ୍ଦାଙ୍କ ବିକାଶ ତଥା ମହିଳା ସଶକ୍ତିକରଣ ଓ ସ୍ୱାୟତ୍ତ ଶାସନ ଦିବସର ମହତ୍ୱ ଓ ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କାଉନସିଲର ବିଜୟ ଜେନା, ଶିବାନନ୍ଦ ନାୟକ, ଅଶୋକ କୁମାର ଦାସ, ସାଂସଦଙ୍କ ପ୍ରତିନିଧି ନିରଞ୍ଜନ ଘଡେଇ, ବିଧାୟକଙ୍କ ପ୍ରତିନିଧି ଶିଶିର ରାଉତ ସାପଗାଡ଼ିଆ ସ୍କୁଲର ପ୍ରଧାନ ଶିକ୍ଷକ ରଂଜିତ ମହାପାତ୍ରଙ୍କ ସମେତ ଅନ୍ୟ ପାରିଷଦ ଗଣ ଉପସ୍ଥିତ ରହିଥିଲେ। ସହରକୁ ସରସ ସୁନ୍ଦର ଓ ସ୍ୱଚ୍ଛ କରି ଗଢି ତୋଳିବାର ସଂକଳ୍ପ ନେବା ପାଇଁ ସହରବାସୀଙ୍କୁ ଅଧକ୍ଷ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନେକ ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



# ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକଙ୍କୁ 'ଏସ୍‌ଜେଏଓ' ପ୍ରତିନିଧିଙ୍କ ସୌଜନ୍ୟମୂଳକ ସାକ୍ଷାତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସଞ୍ଜୟ କୁମାର ବିଶ୍ୱାଳ, ଆଇ.ଏ.ଏସଙ୍କୁ ଷ୍ଟେଟ ସିନିୟର୍ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ (ଏସଜେଏଓ)ର ଏକ ପ୍ରତିନିଧି ଦଳ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ। ଦେଶର ୧୯ରୁ ଉର୍ଦ୍ଧ୍ୱ ରାଜ୍ୟ ସାମାଜିକ ସହାୟତା ସ୍ୱରୂପ ଅବସରପ୍ରାପ୍ତ ସାମ୍ବାଦିକ ମାନଙ୍କୁ ପେନ୍‌ସନ୍ ପ୍ରଦାନ କରୁଥିବା ବେଳେ, ଓଡ଼ିଶାରେ ଏହା ପ୍ରଦାନ କରାଯିବାକୁ ସଂଘ ଉଚ୍ଚ ନ୍ୟାୟାଳୟ ଦ୍ୱାରସ୍ଥ ହୋଇ ଅନୁକୂଳ ନିର୍ଦ୍ଦେଶ ମିଳିଛି। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ସଂଘ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଓଡ଼ିଶା ରାଜ୍ୟ ସଭାପତି କାହ୍ନୁ ନନ୍ଦ, ଉପସଭାପତି ପ୍ରଦୀପ୍ତ କିଶୋର ଚୌଧୁରୀ, ସାଧାରଣ ସମ୍ପାଦକ ଆଶୁତୋଷ ବେହେରା, ସଂଗଠନ ସମ୍ପାଦକ ବିପ୍ଳବ ମହାନ୍ତି, ସଂଘ ପରାମର୍ଶ ଡାଟା ଦେବା ସିଂ, ସଦସ୍ୟ ମୁରଲୀ ମିଶ୍ର, ରମାକାନ୍ତ ପରିଜା, ସ୍ୱରୂପ ଦାସ, ଡ. ଶରତ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ଏସ୍‌ସି-ଏସ୍‌ଟି ମେଡିକାଲ୍ ପିଲାଙ୍କୁ ୬ ମାସ ଫି ଛାଡ଼

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ରାଜ୍ୟ ସରକାରୀ ମେଡିକାଲ ଓ ଇଞ୍ଜିନିଅରିଂ କଲେଜରେ ଆଡମିଶନ୍ ବେଳେ ଅନୁସୂଚିତ ଜାତି (ଏସ୍‌ସି) ଓ ଜନଜାତି (ଏସ୍‌ଟି) ବର୍ଗର ମେଧାବୀ ଗରିବ ଛାତ୍ରଛାତ୍ରୀମାନଙ୍କୁ ୬ ମାସ ପାଇଁ କୌଣସି ଫି ଜମା ଦେବାକୁ ପଡିବ ନାହିଁ। ସେମାନେ ସ୍କଲାରସିପ ବା ବୃତ୍ତି ଅର୍ଥ ପାଇସାରିବା ପରେ ଫି ପ୍ରଦାନ କରିବେ। ଗଣମାଧ୍ୟମରେ ପ୍ରକାଶ ପାଉଥିବା ଏହି ବର୍ଗର ମେଧାବୀ ଛାତ୍ରଛାତ୍ରୀଙ୍କ ଆର୍ଥିକ ସମସ୍ୟା ସମ୍ବାଦ ପଢିଲା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଗରିବ ଛାତ୍ରଛାତ୍ରୀମାନଙ୍କ ପାଇଁ ଆଡମିଶନ ସମୟରେ ଏବଂ ଆଡମିଶନର ୬ ମାସ ପର୍ଯ୍ୟନ୍ତ କୌଣସି ଫି ଜମା କରିବାକୁ ପଡିବ ନାହିଁ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଏହି ବର୍ଗର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆଶ୍ୱସ୍ତି ଆଣିଛି। ଏହି ଛାତ୍ରଛାତ୍ରୀମାନେ ସାଧାରଣତଃ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଠାରୁ ବିଭିନ୍ନ ବୃତ୍ତି ପାଇଥାନ୍ତି। ତେବେ ଏହି ବୃତ୍ତି ଅର୍ଥ ପାଇବାର ପ୍ରକ୍ରିୟା ଶେଷ ହୋଇ ଟଙ୍କା ପାଇବା ବେଳକୁ ୩-୪ ମାସ ଲାଗିଥାଏ। ତେଣୁ ବର୍ତ୍ତମାନ ଏହି ବର୍ଗର ଛାତ୍ରଛାତ୍ରୀମାନେ ସେମାନଙ୍କ ବୃତ୍ତି ଟଙ୍କା ପାଇବା ପରେ ସୁବିଧାରେ ସେମାନଙ୍କ ଆଡମିଶନ ଓ ଟିଉସନ ଫି ଜମା କରିପାରିବେ। ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ଖୁବ ଶିଘ୍ର ଏକ ମାର୍ଗଦର୍ଶୀକା ଜାରି କରାଯିବ।



# ବରଗଡ଼ରେ ଦକ୍ଷ ପୌର ସେବା ପ୍ରଦାନ ଉପରେ ଗୁରୁତ୍ୱ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ୧୦୩ ପରିବାରଙ୍କୁ ମିଳିଲା ପକ୍କା ଘର ନିର୍ମାଣ କାର୍ଯ୍ୟାଦେଶ। ଶ୍ରେଷ୍ଠ ପୌର କର୍ମଚାରୀ ସମ୍ମାନିତ ସ୍ଥାନୀୟ ସ୍ୱାୟତ୍ତ ଶାସନ ଦିବସ ଅବସରରେ ସମାବେଶୀ ସହରାଞ୍ଚଳ ବିକାଶ ଓ ଦକ୍ଷ ପୌର ସେବା ପ୍ରଦାନ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ ବରଗଡ଼ ପୌରପାଳିକା ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ପୌରାଧକ୍ଷା କଳ୍ପନା ମାଝୀ, ସାଂସଦ ପ୍ରତିନିଧି ଲିପ୍ସିତା ମିଶ୍ର ଏବଂ ନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁଙ୍କ ସମେତ ବହୁ ଅଧିକାରୀ ଓ ପୌର କର୍ମଚାରୀ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀ ଅବାସ ଯୋଜନା (ସହରାଞ୍ଚଳ)-୨.୦ ଅଧୀନରେ ମୋଟ୍ ୦୩ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିବା ସହ ପୌରପାଳିକାର ସଫଳ କର୍ମଚାରୀମାନଙ୍କୁ ମଧ୍ୟ ସମ୍ମାନିତ କରିଥିଲେ। ସେମାନଙ୍କ ମଧ୍ୟରୁ ଆଲୋକ ମଲ୍ଲିକଙ୍କୁ ଶ୍ରେଷ୍ଠ ରୋଡ୍ କୁଲି ଜମାଦାର ଭାବେ ସମ୍ମାନିତ କରାଯାଇଥିବା ବେଳେ ଦିନଦୟାଲ ସୁନା ଓ ତ୍ରିଲୋଚନ ମହାକୁରଙ୍କୁ ଶ୍ରେଷ୍ଠ କର ଆଦାୟକାରୀ, ସର୍ଜୁ ଡୁଙ୍ଗ୍ରିଙ୍କୁ ଶ୍ରେଷ୍ଠ ସଫେଇ କର୍ମଚାରୀ, ବର୍ଷା ଦୀପଙ୍କୁ ଶ୍ରେଷ୍ଠ ସ୍ୱଚ୍ଛ ସୁପରଭାଇଜର ଏବଂ ଜୁଲି ବେହେରା ଓ ଜୟନ୍ତୀ ବାରିକଙ୍କୁ ୟୁଜର ଫି ଆଦାୟ କ୍ଷେତ୍ରରେ ଶ୍ରେଷ୍ଠ ସ୍ୱଚ୍ଛସାଥୀ ଭାବେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକାଭିମୁଖୀ ସହରାଞ୍ଚଳ ଶାସନ, ନାଗରିକଙ୍କ ସକ୍ରିୟ ଅଂଶଗ୍ରହଣ ଏବଂ ଦକ୍ଷତାର ସହ ପୌର ସେବା ପ୍ରଦାନର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ନାଗରିକଙ୍କ ଜୀବନଧାରଣର ମାନ ଉନ୍ନତ କରିବା ସହ ପୌର ଭିତ୍ତିଭୂମି ଓ ସେବାକୁ ଆହୁରି ସୁଦୃଢ଼ କରିବା ପାଇଁ ପୌରପାଳିକା ପ୍ରତିବଦ୍ଧ ହେବା ମତ ରଖିଥିଲେ।

# ରାୟଗଡ଼ା ସହରର ସାମଗ୍ରିକ ବିକାଶ ନେଇ ଉଦ୍ୟମ ଜାରି

**ରାୟଗଡ଼, ନ୍ୟୁଜ୍ ବ୍ୟୁରୋ**

ରାୟଗଡ଼ ପୌରପରିଷଦ ଅଡିଟୋରିୟମ୍ ପରିସରରେ ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଅତ୍ୟନ୍ତ ଉତ୍ସାହ ଓ ଗୌରବର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ବିଧାୟକ କାଡ୍ରାକା ଆପାଲା ସ୍ୱାମୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ରାୟଗଡ଼ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ରନାଥ କହଁର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହା ସହିତ ପୌରପରିଷଦର ପୌରାଧକ୍ଷ ପି. ମହେଶ ପଟ୍ଟନାୟକ, ପୌରପରିଷଦର ସମସ୍ତ କାଉନସିଲର ବୃନ୍ଦ ତଥା ଜିଲ୍ଲାସ୍ତରୀୟ ବରିଷ୍ଠ ପଦାଧିକାରୀଗଣ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଭୁବନେଶ୍ୱର ସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନ ଅଡିଟୋରିୟମ୍‌ରେ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମାରୋହର ସିଧା ପ୍ରସାରଣକୁ ରାୟଗଡ଼ ପୌରପରିଷଦ ଅଡିଟୋରିୟମ୍‌ରେ ଏଲ୍.ଇ.ଡି ସ୍କ୍ରିନ୍ ମାଧ୍ୟମରେ ସଫଳତାର



ସହ ପ୍ରଦର୍ଶନ କରାଯାଇଥିଲା। ଉପସ୍ଥିତ ଜନସାଧାରଣ, ପୌର କର୍ମଚାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଏହି ସିଧାପ୍ରସାରଣକୁ ଉପଭୋଗ କରିବା ସହ ସହରାଞ୍ଚଳ ବିକାଶର ନୂତନ ଦିଗ୍‌ଦର୍ଶନ ସମ୍ପର୍କରେ ଅବଗତ ହୋଇଥିଲେ। ଏହି ସମାରୋହରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ୨.୦ ଅଧୀନରେ ଯୋଗ୍ୟ ବିବେଚିତ ହିତାଧିକାରୀ ମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏହା ସହିତ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉପସ୍ଥିତ ଜନସାଧାରଣ, ପୌର କର୍ମଚାରୀ ଏବଂ ଅତିଥି ମାନଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସହରର ସାମଗ୍ରିକ ବିକାଶ, ପରିମଳ ବ୍ୟବସ୍ଥାର ଉନ୍ନତିକରଣ ଏବଂ ସହରାଞ୍ଚଳ ନାଗରିକମାନଙ୍କୁ ଉନ୍ନତମାନର ମୌଳିକ ସୁବିଧା ଯୋଗାଇଦେବା ଦିଗରେ ପୌରପରିଷଦ ନିରନ୍ତର କାର୍ଯ୍ୟ କରୁଛି ବୋଲି ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସମାରୋହରେ ଶୃଙ୍ଖଳା, ପରିମଳ ତଥା ଜଳଯୋଗାଣର ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟିକୁ ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ କୁଳଦୀପ କୁମାର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମଟି ସମସ୍ତଙ୍କ ସହଯୋଗରେ ଶାନ୍ତିପୂର୍ଣ୍ଣ ଓ ଆନନ୍ଦଦାୟକ ପରିବେଶ ମଧ୍ୟରେ ସମାପ୍ତ ହୋଇଥିଲା।

# ବାରିପଦା-ଉଦଳା ରାସ୍ତା ଶୋଚନୀୟ:ଯାତାୟାତ ଠପ୍



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ବାରିପଦା-ଉଦଳା ରାଜ୍ୟ ରାଜପଥ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତାରେ ଯାତାୟାତ ବିପଦଜନକ ସାଜିଛି। ଏଥିପ୍ରତି ତୁରନ୍ତ ଧ୍ୟାନ ଦେଇ ମରାମତି କାର୍ଯ୍ୟ ପାଇଁ ଦାବି ହୋଇଛି। ବିଜେଡି ପ୍ରବକ୍ତା ତଥା ରାଜ୍ୟ ଗଣମାଧ୍ୟମ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ ଏକ୍ସ ଯୋଗେ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ଉକ୍ତ ବାରିପଦା-ଉଦଳା ରାସ୍ତା ଏକ ଦୁର୍ଦ୍ଦଶାପୂର୍ଣ୍ଣ ଅବସ୍ଥାକୁ ପହଞ୍ଚିଛି। ରାସ୍ତା ଅବହେଳିତ ଅବସ୍ଥାରେ ଥିବାବେଳେ କାହାରି ନଜର ପଡୁନି। ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତା ଉପରେ ନିର୍ଭର କରୁଥିବା ହଜାର ହଜାର ଯାତ୍ରୀ, ଛାତ୍ରଛାତ୍ରୀ ନିର୍ଭରଶୀଳ ଅଟନ୍ତି। ଏହା ବାରିପଦା ସହରକୁ ସଂଯୋଗ କରୁଥିବା ବେଳେ ଉକ୍ତ ରାସ୍ତା ଦେଇ ନିୟମିତ ରୋଗୀମାନେ ଚିକିତ୍ସା ପାଇଁ ପିଆରଏମ୍ ହସ୍‌ପିଟାଲ୍‌କୁ ଆସିଥାଆନ୍ତି। କିନ୍ତୁ ରାସ୍ତାର ଶୋଚନୀୟ ଅବସ୍ଥା ପାଇଁ ଯାତାୟାତ ବହୁତ କଷ୍ଟଦାୟକ ହୋଇଛି। ରାସ୍ତା ସାରା ଗର୍ତ୍ତରେ ଭରି ଯାଇଛି। ବର୍ତ୍ତମାନ ଲଗାଣ ବର୍ଷା ଯୋଗୁ ପରିସ୍ଥିତି ଆହୁରି ବିପଦଜନକ ହୋଇଯାଇଛି। ଗର୍ତ୍ତରେ ପାଣି ଜମିଯିବା ଫଳରେ ସେଗୁଡ଼ିକୁ ଚିହ୍ନଟ କରିବା କଷ୍ଟକର ହେଉଛି। ଯାହାଫଳରେ ଗାଡି ଗୁଡ଼ିକ ଦୁର୍ଘଟଣାଗ୍ରସ୍ତ ହୋଇ ଲୋକେ ଆହତ ହେଉଛନ୍ତି। ଏହା ଏକ ଗମ୍ଭୀର ଜନ ସମସ୍ୟାରେ ପରିଣତ ହୋଇଛି। ବାରିପଦା-ଉଦଳା ରାସ୍ତା ଉଦଳା ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକଙ୍କୁ ଜିଲ୍ଲା ସଦର ମହକୁମା ବାରିପଦା ସହ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ଲିଙ୍କ ଅଟେ। ଏହା ଶିକ୍ଷାନୁଷ୍ଠାନ, ହସ୍ପିଟାଲ୍, ବଜାର, ସରକାରୀ କାର୍ଯ୍ୟାଳୟ ଏବଂ ଅନ୍ୟାନ୍ୟ ଆବଶ୍ୟକ ସେବା ସହିତ ସଂଯୋଗ ରଖିଥାଏ। ରାସ୍ତାର ଖରାପ ଅବସ୍ଥା ଯୋଗୁ ଯାତ୍ରା ସମୟ ବଢ଼ିଯାଉଛି। ଯାନବାହନ କ୍ଷତିଗ୍ରସ୍ତ ହେଉଛି। ନାଗରିକଙ୍କୁ ଏହା ବହୁତ କଷ୍ଟଦାୟକ ହେଉଛି। ନିୟମିତ ଯାତ୍ରା କରୁଥିବା ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ପାଇଁ ଦୈନିକ ଯାତ୍ରା କଷ୍ଟକର ହୋଇପଡ଼ିଛି। ଏତେ ବଡ଼ ସଂଖ୍ୟକ ଲୋକ ପ୍ରତିଦିନ ବ୍ୟବହାର କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଏପରି ଖରାପ ଅବସ୍ଥାରେ ରହିବା ଗଭୀର ଚିନ୍ତାର ବିଷୟ ପାଲଟିଛି। କର୍ତ୍ତୃପକ୍ଷ ଉକ୍ତ ରାସ୍ତାର ସମ୍ପୂର୍ଣ୍ଣ ପରିଦର୍ଶନ କରି ତୁରନ୍ତ ମରାମତି କରି ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିବା ଆବଶ୍ୟକ ଅଟେ। ରକ୍ଷଣାବେକ୍ଷଣ ଅଭାବ ଯୋଗୁ ଖରାପ ରାସ୍ତାରେ ଲୋକମାନେ ବାରମ୍ବାର କଷ୍ଟ ଭୋଗିବାରେ ଲାଗିଛନ୍ତି। ଯାତାୟାତ ଭଳି ଜିଲ୍ଲାବାସୀଙ୍କ ମୌଳିକ ଜନସୁବିଧାକୁ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେବା ଆବଶ୍ୟକ ଅଟେ। ତେଣୁ ଏହି ବିଷୟରେ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଏବଂ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ମରାମତି କରିବାକୁ ଡ. ମାଝୀ ଅନୁରୋଧ କରିଛନ୍ତି।

## ////////////// କେନ୍ଦ୍ର ସାହିତ୍ୟ ଏକାଡେମିର ଜାତୀୟ ଆଲୋଚନାଚକ୍ର //////////////

# 'ବନ୍ଦେ ମାତରମ୍' କୋଟି କୋଟି ଭାରତୀୟଙ୍କ ହୃଦୟର ସ୍ପନ୍ଦନ

**କୋଲକାତା, ନ୍ୟୁଜ୍ ବ୍ୟୁରୋ**

ବନ୍ଦେ ମାତରମ ହେଉଛି ରାଷ୍ଟ୍ରୀୟତାର ମୂଳ ମନ୍ତ୍ର ଏବଂ କୋଟି କୋଟି ଭାରତୀୟଙ୍କ ହୃଦୟର ସ୍ପନ୍ଦନ। ନିଜ ମାଆ ପ୍ରତି ସମ୍ପୂର୍ଣ୍ଣ ସମର୍ପଣର ଏହା ଅପୂର୍ବ ନିଦର୍ଶନ। ଏହା ଏମିତି ଏକ ଭାବନା ଯାହା ସମଗ୍ର ଭାରତକୁ ଏକ ରାଷ୍ଟ୍ରରେ ପରିଣତ କରିଛି। ମାତୃଭକ୍ତିରୁ ଜାତ ପରିବାରବାଦ ମାଧ୍ୟମରେ ରାଷ୍ଟ୍ର ନିର୍ମାଣର କଥା କହିଥାଏ ବନ୍ଦେ ମାତରମ। ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଏହି କାଳଜୟୀ ରଚନାର ମୌଳିକତା ବେଦରୁ ନିସୃତ। ଏହା କହିଥାଏ ଯେ ବ୍ୟକ୍ତି, ସମାଜ ଏବଂ ପ୍ରକୃତି ମଧ୍ୟରେ ରହିଛି ଅତୁଟ ସମ୍ପର୍କ। ଏଥିରେ ବିବିଧତା ରହିବ, କିନ୍ତୁ ତାହା ହିଁ ହେଉଛି ସୌନ୍ଦର୍ଯ୍ୟବୋଧର ବର୍ଦ୍ଧକ। ସାହିତ୍ୟ ଅକାଡେମି ପକ୍ଷରୁ କୋଲକାତାର ଭାରତୀୟ ସଂଗ୍ରହାଳୟର ଆଶୁତୋଷ ମୁଖାର୍ଜୀ ପ୍ରେକ୍ଷାଳୟରେ ଆୟୋଜିତ ବନ୍ଦେ ମାତରମ ସମ୍ପର୍କିତ ଦ୍ୱି-ଦିବସୀୟ ଆଲୋଚନାଚକ୍ରର ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଭଳି ଭାଷାରେ ବନ୍ଦେ ମାତରମର ବୈଶିଷ୍ଟ୍ୟ ଏବଂ ପ୍ରାସଙ୍ଗିକତା ଭିତ୍ତିରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପଶ୍ଚିମବଙ୍ଗ




ରାଜ୍ୟପାଳ ଆର.ଏନ୍. ରବି। ଭାରତୀୟ ସଂଗ୍ରହାଳୟ, ଇଜେଡସିସି ଏବଂ ସଂସ୍କୃତ ବିଶ୍ୱବିଦ୍ୟାଳୟର ବିଭିନ୍ନ ସଭାଗୃହରେ ୨୯ ଓ ୩୦ ତାରିଖରେ ଅନୁଷ୍ଠିତ ୧୬ଟି ଅଧିବେଶନରେ ଦେଶର ବିଭିନ୍ନ ରାଜ୍ୟର ଷାଠିଏ ଜଣ ଲେଖକ, ଗବେଷକ ଏବଂ ବିଦ୍ୱାନ୍ ଯୋଗଦେଇ ବନ୍ଦେ ମାତରମ୍‌ର ବିଭିନ୍ନ ଦିଗରେ ଆଲୋଚନା କରିଥିଲେ। ଉଦ୍ଘାଟନୀ ଅଧିବେଶନରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ଓଡ଼ିଶାର ବିଶିଷ୍ଟ ଲେଖିକା ତଥା ହିନ୍ଦୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ନନ୍ଦିନୀ ସାହୁ। ସାହିତ୍ୟ ଅକାଡେମିର ସଚିବ ଡକ୍ଟର ବରୁଣ ଗୁଲାଟି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ଭାରତୀୟ ସଂଗ୍ରହାଳୟର ନିର୍ଦ୍ଦେଶକ ଡକ୍ଟର ସାୟନ ଭଟ୍ଟାଚାର୍ଯ୍ୟ, ଇ.ଜେଡ୍.ସି.ସି.ର ନିର୍ଦ୍ଦେଶକ ଆଶିଷ ଗିରି। ଡକ୍ଟର ଗୁଲାଟି କାର୍ଯ୍ୟକ୍ରମର ଆଭିମୁଖ୍ୟ ତଥା ବନ୍ଦେ ମାତରମର ପ୍ରଭାବ ସମ୍ପର୍କରେ ସୂଚନା ଦେଇଥିଲେ। ଅଧିବେଶନରେ ସଭାପତିତ୍ୱ କରିଥିଲେ ସାହିତ୍ୟ ଅକାଦେମିର ଅଧକ୍ଷ ଡକ୍ଟର ମାଧବ କୌଶିକ। ସେ କହିଥିଲେ ଯେ ବଙ୍କିମଚନ୍ଦ୍ରଙ୍କ ଗୋଟିଏ ଗୀତର ଦୁଇଟି ଶବ୍ଦ କୋଟି କୋଟି ଭାରତୀୟଙ୍କୁ ଏକତାର ଡୋରିରେ ବାନ୍ଧି ରଖିଛି। ଏହି ଅଧିବେଶନରେ ଧନ୍ୟବାଦ ଦେଇଥିଲେ ଶାନ୍ତିନିକେତନ ସାହିତ୍ୟପଥ ପତ୍ରିକାର ସଂପାଦକ ପ୍ରଫେସର ସୁଦୀପ ବସୁ। ୩୦ ତାରିଖରେ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଆୟୋଜିତ ସମାପନୀ ଉତ୍ସବରେ ବିଶିଷ୍ଟ ବକ୍ତା ଭାବରେ ଯୋଗ ଦେଇଥିଲେ ଓଡ଼ିଶା ବିଶିଷ୍ଟ ଲେଖକ ଡକ୍ଟର ଗୌରହରି ଦାସ, ଅରୁଣ କୁମାର ସାହୁ, ଡକ୍ଟର ଲଲାଟେନ୍ଦୁ ସାହୁ। ସଭାପତିତ୍ୱ କରିଥିଲେ ପ୍ରଫେସର ନନ୍ଦିନୀ ସାହୁ। ଅନ୍ୟ ଏକ ଅଧିବେଶନରେ ସଭାପତିତ୍ୱ କରିଥିଲେ ଓଡ଼ିଶାର ଗବେଷକ ନାରାୟଣ ନାୟକ ଏବଂ ପ୍ରବନ୍ଧ ଉପସ୍ଥାପନ କରିଥିଲେ ସୌରଭ କୁମାର ମହନ୍ତ। ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ ସାହିତ୍ୟ ଅକାଦେମିର ଆଞ୍ଚଳିକ ସଚିବ ଡକ୍ଟର ଦେବେନ୍ଦ୍ର କୁମାର ଦେବେଶ। ସିଞ୍ଜନ ନୃତ୍ୟାଳୟ, କୋଲକାତାର ଶିଳ୍ପୀମାନେ ଗୁରୁ ଆଲୋକ କାନୁନ୍‌ଗୋଙ୍କ ନିର୍ଦ୍ଦେଶନାରେ ବନ୍ଦେ ମାତରମର ଓଡ଼ିଶୀ ନୃତ୍ୟ-ରୂପ ପରିବେଷଣ କରିଥିଲେ। ପ୍ରଥମ ସନ୍ଧ୍ୟାରେ ପୂର୍ବ-ପଶ୍ଚିମ, କୋଲକାତାର କଳାକାରମାନଙ୍କ ଦ୍ୱାରା ଆନନ୍ଦମଠ ଉପନ୍ୟାସ ଆଧାରିତ ନାଟକ ମଞ୍ଚସ୍ଥ ହୋଇଥିଲା। ସାହିତ୍ୟ ଅକାଡେମିର ଉପସଚିବ ଡକ୍ଟର ଏନ୍ ସୁରେଶ ବାବୁ, ସହାୟକ ସମ୍ପାଦକ କ୍ଷେତ୍ରବାସୀ ନାଏକ, କାର୍ଯ୍ୟକ୍ରମ ଅଧିକାରୀ ଅଭିଷେକ ରଥ, ପ୍ରକାଶନ ସହାୟିକା ସମର୍ପିତା ଗୋସ୍ୱାମୀ ଏବଂ ଭାରତୀୟ ସଂଗ୍ରହାଳୟର ରିଥ୍ ବରୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସୁବର୍ଣ୍ଣପୁର ଜିଲ୍ଲାକୁ ସଡ଼କ ଦୁର୍ଘଟଣା ମୃତ୍ୟୁ ଶୂନ୍ୟ କରିବା ଉପରେ ଗୁରୁତ୍ୱ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳ କାର୍ଯ୍ୟାଳୟର ମିନି କନ୍‌ଫରେନ୍ସ ହଲ୍‌ରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜନ କରାଯାଇଛି। ଏହି ବୈଠକରେ ଜିଲ୍ଲାରେ ଆସନ୍ତା ସେପ୍ଟେମ୍ବର ୨୦୨୬ରୁ ମାର୍ଚ୍ଚ ୨୦୨୭ ପର୍ଯ୍ୟନ୍ତ ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ଶୂନ୍ୟ ମୃତ୍ୟୁ ସପ୍ତାହ ପାଳନ କରାଯିବ ଏବଂ ସମସ୍ତଙ୍କୁ ସଡ଼କ ସୁରକ୍ଷା ଉପରେ ସଚେତନ କରାଯିବ। ଏହି ସଚେତନତା କାର୍ଯ୍ୟକ୍ରମ ସମସ୍ତ ବ୍ଲକ୍ ସ୍ୱଟ୍ ଗୁଡ଼ିକରେ ଆୟୋଜନ କରାଯିବ ଏବଂ ନୂତନ ଉପାୟରେ ସଚେତନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲା ଶିକ୍ଷା ବିଭାଗକୁ ବିଦ୍ୟାଳୟ ଅଞ୍ଚଳ ସୁରକ୍ଷା ପାଇଁ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ସମିତି ଗଠନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗତ ଜୁଲାଇ ମାସରେ ୪ଟି ଦୁର୍ଘଟଣା ଘଟିଛି ଏବଂ ୪ ଜଣଙ୍କ ମୃତ୍ୟୁ ଘଟିଛି। ଗତ ମାସରେ ଉଲୁଣ୍ଡାର ମାଟୁପାଲି ପେଟ୍ରୋଲ ପମ୍ପରେ, ବିନିକାର ଜାମଛାପାଲି କଲଭର୍ଟରେ ଏବଂ ଡୁଙ୍ଗୁରିପାଲିର ଶୁଖା ରାସ୍ତା, ଡୁଙ୍ଗୁରିପାଲିର ଇଚ୍ଛାପୁର ରାସ୍ତାର ପାଣି ଟାଙ୍କି ପାଖରେ ଦୁର୍ଘଟଣା ଘଟିଛି। ସେହିପରି ଜୁଲାଇ ମାସରେ ୭୪୩ଟି ଚାଲାଣ କରାଯାଇଛି ଏବଂ ତନ୍ମଧ୍ୟରୁ ୬୨୪ଟି ଚାଲାଣର ପଇସା ସଂଗ୍ରହ ବାକି ରହିଛି। ଗତ ମାସରେ ୫ ଲକ୍ଷ ୯୬ ହଜାର ୭ ଶହ ୮୫ ଟଙ୍କା ଚାଲାଣ ମାଧ୍ୟମରେ ସଂଗ୍ରହ କରାଯାଇଛି। ଜିଲ୍ଲାରେ ହେଲ୍‌ମେଟ୍ ନ ପିନ୍ଧିବା, ଦ୍ରୁତ ଗତିରେ ଗାଡ଼ି ଚଳାଇବା, ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ଫୋନ୍ ଚଳାଇବା, ସିଟ୍ ବେଲ୍ଟ ନ ପିନ୍ଧିବା, ମାଲ ପରିବହନ ଯାନରେ ଲୋକମାନଙ୍କୁ ନେବା, ମଦ୍ୟପାନ କରି ଗାଡ଼ି ଚଳାଇବା ଆଦି ପାଇଁ ୪୧୨ଟି ଡ୍ରାଇଭିଙ୍ଗ ଲାଇସେନ୍ସ ରଦ୍ଦ କରାଯାଇଛି।



# ଜଳେଶ୍ୱର ପୌରପାଳିକା ଅଧକ୍ଷଙ୍କ ରିପୋର୍ଟ କାର୍ଡ଼କୁ ନେଇ ଗର୍ଜିଲା ବିଜେପି

**ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ପୌରପାଳିକା ଅଧକ୍ଷ ପ୍ରତୀପ କୁମାର ପ୍ରଧାନଙ୍କ ୪ ବର୍ଷ କାର୍ଯ୍ୟକାଳ ପୂର୍ତ୍ତି ଅବସରରେ ପ୍ରକାଶିତ 'ରିପୋର୍ଟ କାର୍ଡ'କୁ ନେଇ ଅଧକ୍ଷକଙ୍କ ଉପରେ ବର୍ଷିଛନ୍ତି। ଅଧକ୍ଷଙ୍କ ସଫଳତାକୁ ନେଇ ଏକ ପ୍ରଶ୍ନବାଚୀ ମଧ୍ୟ ସୃଷ୍ଟି କରିଛି। ପ୍ରକୃତ କଥା ସଫଳତା ପରିପ୍ରକାଶ କରିବା ପଛରେ ବିଫଳତାକୁ ଲୁଚାଉଛନ୍ତି ବୋଲି ବିଜେପି ଅଭିଯୋଗ କରିଛି। ଜଳେଶ୍ୱର ବିଜେପି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନଗର ମଣ୍ଡଳ ସଭାପତି ଶିବ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବିଜେପି ନେତୃବୃନ୍ଦ ପୌରପାଳିକାର ବିଭିନ୍ନ ପ୍ରକଳ୍ପ ଓ ଜନସାଧାରଣଙ୍କ ମୌଳିକ ସମସ୍ୟାକୁ ନେଇ ଅନେକ ପ୍ରଶ୍ନ ଉଠାଇବା ସହିତ ବସ୍‌ଷ୍ଟାଣ୍ଡ ଓ ଡ୍ରେନେଜ୍ ସମସ୍ୟା କଥା କହିଥିଲେ। ଦୀର୍ଘ ଦିନର ଦାବି ସତ୍ତ୍ୱେ ଜଳେଶ୍ୱରରେ ଏପର୍ଯ୍ୟନ୍ତ ବସ୍ ଷ୍ଟାଣ୍ଡ ନିର୍ମାଣ ହୋଇପାରିନଥିବା ବେଳେ ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନେଜ୍ ମାଷ୍ଟର ପ୍ଲାନ୍ କେଉଁଠି ରହିଲା ବୋଲି ଦଳ ପ୍ରଶ୍ନ କରିଛି। ମହାନାଳ ଖନନ, ପୋଖରୀ ଖୋଳା ଏବଂ 'ମୁକ୍ତା' ଯୋଜନାରେ ଅନିୟମିତତା ହୋଇଥିବା ଅଭିଯୋଗ କରାଯାଇଛି। ଏହାସହ ସଫେଇ ନାମରେ ଜୈନିକ କାଉନସିଲରଙ୍କୁ ଦୀର୍ଘଦିନ ଦାୟିତ୍ୱ ଦିଆଯିବା ଏବଂ କାଉନସିଲରଙ୍କ ପରିବାର ସଦସ୍ୟଙ୍କ ନାମରେ ଶ୍ରମିକ ବିଲ୍ ଉଠାଣ କରାଯାଉଥିବା ନେଇ ଦଳ ସ୍ପଷ୍ଟୀକରଣ ଦାବି କରିଛି। ବିଜୁ ଆଦର୍ଶ କଲୋନୀରେ ରାସ୍ତାଘାଟର ଅବସ୍ଥା ଶୋଚନୀୟ ଥିବାବେଳେ ହିତାଧିକାରୀଙ୍କୁ ପଟ୍ଟା ମିଳିନାହିଁ। ସେହିପରି ଷ୍ଟର୍ମ ୱାଟର ପ୍ରକଳ୍ପ ସର୍ଭେ ନାମରେ ଲୋକଙ୍କୁ ଭୂଆଁ ବୁଲାଯାଉଥିବା ଏବଂ 'ଆଇ ଲଭ୍ ଜଳେଶ୍ୱର' ପ୍ରକଳ୍ପର ନିର୍ମାଣ ଅଟକଳ ଟଙ୍କାର ହିସାବ ସାର୍ବଜନୀନ କରିବାକୁ ଦାବି ହୋଇଛି। ଜି.କେ. ଭଟ୍ଟର ହସ୍ପିଟାଲର ବନ୍ୟା ପାଣି ନିଷ୍କାସନ, ବାରମୁହାଁ ପୋଲ ସଫେଇ, ଟାଉନ୍ ହଲ୍ ନିର୍ମାଣ ଏବଂ ସ୍ଥାନୀୟ ଯୁବକଙ୍କ ନିଯୁକ୍ତି ପାଇଁ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କ୍ଷେତ୍ରରେ ପୌରପାଳିକା ସମ୍ପୂର୍ଣ୍ଣ ଫେଲ୍ ମାରିଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଆଲୋଚନା କରାଯାଇଛି। ଯଦି ଆଗାମୀ ପୌର ନିର୍ବାଚନରେ ବିଜେପି ବିଜୟୀ ହେଲେ ଜଳେଶ୍ୱରବାସୀଙ୍କ ମୌଳିକ ସମସ୍ୟାର ସ୍ଥାୟୀ ସମାଧାନକୁ ପ୍ରାଥମିକତା ଦିଆଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ବିଜେପି ନେତା ବ୍ରଜମୋହନ ପ୍ରଧାନ ପ୍ରକାଶ କରିଥିଲେ। ଉତ୍ତର ବାଲେଶ୍ୱର ବିଜେପି ଯୁବ ମୋର୍ଚ୍ଚା ଜିଲ୍ଲା ସଭାପତି ଫାଲଗୁନି ପାଣିଗ୍ରାହୀ, ଜିଲ୍ଲା ସମ୍ପାଦିକା ଦେବଯାନୀ ଓଣ୍ଡିଆ, ଯୁବ ନେତା ରାଜେଶ ଖଟୁଆଙ୍କ ସମେତ ୧୭ଟି ୱାର୍ଡର ବହୁ ଦଳୀୟ କର୍ମୀ ଓ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨।୦୯।୨୦୨୬, ଭାଦ୍ରବ ଦ୧୭ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ ୫।୩୩।୨୫ ଚନ୍ଦ୍ରୋଦୟ- ରାଘ୯।୨୫।୦୮**

ପଞ୍ଚମୀ ପ୍ରାଘ ୬।୧୫ ପର୍ଯ୍ୟନ୍ତ, ଷଷ୍ଠୀ କ୍ଷୟ, ଦ୍ୱିଜା ନକ୍ଷତ୍ର ରାଘ ୧।୪୫ ପର୍ଯ୍ୟନ୍ତ। ମେଷ ଚନ୍ଦ୍ର ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର, କୁମ୍ଭ ରାଶିର। **ଘାତଚନ୍ଦ୍ର-** ମେଷ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବେଲ ଓ ପଣସ ପ୍ରାଘ ୬।୧୫ ଗତେ ନିମ୍ବ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫।୩୬ ଗତେ ଦିଘ ୭।୧୫ ମଧ୍ୟେ। ଦିଘ ୧।୫୨ ଗତେ ଦିଘ ୫।୦୯ ମଧ୍ୟେ। **ପର୍ବୋତ୍ସବ-** ଶ୍ରୀମନ୍ଦିରରେ ରେଖା ପଞ୍ଚମୀ, ବୁଧୀବାମନ ଓଷା।



**ମେଷ:** ସାମାଜିକ କାର୍ଯ୍ୟରେ ଯୋଗଦେବେ। ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେବେ। ଖର୍ଚ୍ଚର ପରିମାଣ ଅଧିକ ହେବ। ପାରିବାରିକ ବିଶୃଙ୍ଖଳା ଦେଖାଦେଇପାରେ। ମହିଳାମାନେ ସୁଖୀ ହେବେ।



**ବୃଷ:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ। ପାରିବାରିକ ଜୀବନ ସୁଖମୟ ହେବ। ଆର୍ଥିକ ସ୍ଥିତି ଚିନ୍ତାଜନକ ହୋଇପାରେ। ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡ଼ିପାରେ। ମନ ଅସ୍ଥିର ରହିବ।



**ମିଥୁନ:** ବ୍ୟବସାୟରେ ଲାଭବାନ୍ ହେବେ। ନୂତନ କାର୍ଯ୍ୟ ହାତକୁ ନେଇପାରନ୍ତି। ଶୁଭ ଖବର ମିଳିପାରେ। ରୋଜଗାର ଭଲ ହେବ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା।



**କର୍କଟ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଦେବ ଦର୍ଶନ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି। ଆର୍ଥିକ ସ୍ଥିତି ଭଲ ରହିବ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା।



**ସିଂହ:** ମାଲିମୋକଦ୍ଦମା କ୍ଷେତ୍ରରେ ବିଜୟ ହାସଲ କରିବେ। ଆୟ ଠାରୁ ବ୍ୟୟର ପରିମାଣ ସାମାନ୍ୟ ବଢ଼ିପାରେ। ପାରିବାରିକ ଜୀବନ ଶାନ୍ତିମୟ ହେବ। ସାମାଜିକ ସ୍ତରରେ ସମ୍ମାନିତ ହୋଇପାରନ୍ତି। ମହିଳାମାନେ ଗର୍ବୀ ହେବେ।



**କନ୍ୟା:** ଦିନଟି ଆପଣଙ୍କ ପାଇଁ ସମସ୍ୟାପୂର୍ଣ୍ଣ ହେବ। ବ୍ୟୟର ମାତ୍ରା ବଢ଼ିପାରେ। ପରିଶ୍ରମର ମାତ୍ରା ଅଧିକ ହେବ। ଘରେ ଆନନ୍ଦ ଦେଖାଦେବ। ପରୋପକାରୀ ହେବେ। ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡ଼ିପାରେ।



**ତୁଳା:** ବ୍ୟବସାୟରେ ଲାଭବାନ୍ ହେବେ। ପରିବାରରେ ଶାନ୍ତି ବଜାୟ ରଖନ୍ତୁ। ରୋଜଗାର ଭଲ ହେବ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଶରୀର ସୁସ୍ଥ ରହିବ। ମହିଳାମାନେ ସୁଖୀ ହେବେ। ମନ ଭଲ ରହିବ।



**ବିଛା:** ଖଳ ପ୍ରକୃତିର ଲୋକଙ୍କ ଠାରୁ ଦୂରେଇ ରହିବା ଭଲ। ହଠାତ୍ କୌଣସି ଶୁଭ ଖବର ମିଳିପାରେ। ଆର୍ଥିକ ସ୍ଥିତି ସୁଦୃଢ଼ ରହିବ। ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ଦେହ ଓ ମନ ଭଲ ରହିବ।



**ଧନୁ:** ବନ୍ଧୁ ମିଳନ ସହ ସାହାଯ୍ୟ ସହଯୋଗ ପ୍ରାପ୍ତ ହେବ। ପରୋପକାରୀ ହେବେ। କଚେରୀ ମାମଲାରେ ଶୁଣାଣି ବିଳମ୍ବ ହେବ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଆନନ୍ଦ ଦେଖାଦେବାର ସୂଚନା।



**ମକର:** ହଠାତ୍ କୌଣସି ଖବର ପାଇ ମାନସିକ ଚିନ୍ତା ବଢ଼ିପାରେ। ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ। ବ୍ୟବସାୟ ମଧ୍ୟମ ଧରଣର ହେବ। ଗୃହେ ଆନନ୍ଦ ଦେଖାଦେବ। ମହିଳାମାନେ ସୁଖୀ ହେବେ।



**କୁମ୍ଭ:** ଆର୍ଥିକ ସ୍ଥିତିରେ ସୁଧାର ଆସିବ। ନୂତନ କାର୍ଯ୍ୟ ହାତକୁ ନେଇ ସଫଳ ହେବେ। ସାମାଜିକ ସ୍ତରରେ ସମ୍ମାନିତ ହେବେ। ଗୃହେ ଶାନ୍ତି ରହିବ। ପିଲାମାନେ ପାଠପଢ଼ାରେ ଆଗେଇବେ। ଦେହ ଭଲ ରହିବ।



**ମୀନ:** ଶତ୍ରୁ ନାଶ ହେବେ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଭ୍ରମଣ ସୁଖ ରହିଛି। ମନ ଭଲ ରହିବ। ଆୟରେ ଉନ୍ନତି ଦେଖାଦେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ମହିଳାମାନେ ସୁଖୀ ହେବେ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୩।୦୯।୨୦୨୬, ଭାଦ୍ରବ ଦ୧୮ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ ୫।୩୩।୩୬ ଚନ୍ଦ୍ରୋଦୟ- ରାଘ୧୦।୧୫।୧୧**

ସପ୍ତମୀ ରାଘ ୨।୨୭ ପର୍ଯ୍ୟନ୍ତ, କୃତ୍ତିକା ନକ୍ଷତ୍ର ରାଘ ୧୨।୨୯ ପର୍ଯ୍ୟନ୍ତ। ମେଷ ଚନ୍ଦ୍ର ପ୍ରାଘ ୭।୨୭ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର, କୁମ୍ଭ ରାଶିର। ପ୍ରାଘ ୭।୨୭ ଗତେ ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର। **ଘାତଚନ୍ଦ୍ର-** ମେଷ ରାଶିର। ପ୍ରାଘ ୭।୨୭ ଗତେ ବିଛା ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ତାଳ ରାଘ ୯।୨୭ ଗତେ ନଡ଼ିଆ ଓ ଆମିଷ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫।୩୭ ଗତେ ଦିଘ ୭।୧୫ ମଧ୍ୟେ। ଦିଘ ୧୦।୩୨ ଗତେ ଦିଘ ୧।୦୩ ମଧ୍ୟେ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଭାରତର ଜିଡିପି ଅଭିବୃଦ୍ଧି ! ପ୍ରଥମ ତ୍ରୟ-ମାସିକରେ ୭.୮% ଗ୍ରୋଥ

ଭାରତର ଅର୍ଥବ୍ୟବସ୍ଥା ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସିକ ଆଶାଠାରୁ ଅଧିକ ଭଲ ପ୍ରଦର୍ଶନ କରିଛି। ଏପ୍ରିଲ-ଜୁନ୍ ୨୦୨୬ ବେଳେ ଦେଶର ଜିଡିପି ଗ୍ରୋଥ୍ ୭.୮% ଥିଲା। ଏହା ଗତ ବର୍ଷ ସମାନ ତ୍ରୟମାସିକରେ ରେକର୍ଡ ସଂଶୋଧିତ ୬.୯%ର ବୃଦ୍ଧିଠାରୁ ଖୁବ୍ ଅଧିକ। ସବୁଠାରୁ ଖାସ୍ କଥା ଏହା ଯେ, ପ୍ରଥମ ତ୍ରୟ ମାସିକର ଜିଡିପି ଗ୍ରୋଥ୍ ଆର୍ଥିକ ବିଶେଷଜ୍ଞଙ୍କ ଅନୁମାନଠାରୁ ଖୁବ୍ ଭଲ ରହିଛି। ଏଭଳି ସମୟରେ ୭.୮%ର ଗ୍ରୋଥ୍ ଭାରତୀୟ ଅର୍ଥବ୍ୟବସ୍ଥାର ଶକ୍ତିକୁ ଦର୍ଶାଉଛି। ସେଭଳି ପଶ୍ଚିମ ଏସିଆରେ ସଂଘର୍ଷ କାରଣରୁ ଅଶୋଧିତ ତୈଳର ଦାମ୍, ସପ୍ଲାଇ ଚେନ୍ ଓ କମୋଡିଟି ବଜାର ଉପରେ ଚାପ ରହିଥିଲା। ଏପ୍ରିଲ-ଜୁନ୍ ତ୍ରୟମାସିକର ଗ୍ରୋଥ୍ ଗତ ତ୍ରୟମାସିକର ୭.୮% ସମାନ ଥିଲା। ସେଭଳି ଅର୍ଥବ୍ୟବସ୍ଥାରେ ବାସ୍ତବିକତା ଗତିବିଧିକୁ ଦର୍ଶାଉଥିବା ଗ୍ରସ୍ ଭାଲ୍ୟୁ ଆଡେଡ୍ ବା ଜିଭିଏ ୮.୨% ବଢିଛି। ସେଭଳି ଗତ ବର୍ଷ ଏହି ସମୟରେ ଏହା ୭.୧% ଥିଲା। ନମିନଲ୍ ଜିଡିପି ବୃଦ୍ଧି ୧୦.୩% ଥିଲା, ଯାହାକି ଗତ ବର୍ଷ ପୂର୍ବରୁ ୮.୧% ଥିଲା। ଏହି ମଜବୁତ ସଂଖ୍ୟା ପରେ ପିଏମ୍ ମୋଦି ଭାରତର ଆର୍ଥିକ ମଜବୁତିକୁ ଖୁବ୍ ପ୍ରଶଂସା କରିଛନ୍ତି। ଏହା ସହ ସରକାରଙ୍କୁ ସମାଲୋଚନା କରୁଥିବା ଲୋକଙ୍କୁ ଟାର୍ଗେଟ ମଧ୍ୟ କରିଥିଲେ। ଜିଡିପିର ସଂଖ୍ୟାରେ ସବୁଠାରୁ ବଡ ଘରୋଇ ବ୍ୟବହାର, ସରକାରୀ ପୁଞ୍ଜିଗତ ଖର୍ଚ୍ଚ, ମାନୁଫାକଚରିଂ ଓ ସର୍ଭିସ ସେକ୍ଟରରେ ମିଳିଛି। ପ୍ରଥମ ତ୍ରୟମାସିକରେ କେନ୍ଦ୍ର ସରକାର କ୍ୟାପିଟାଲ ଏକ୍ସପେଣ୍ଡିଚର ୧୮.୬% ବଢାଇଛନ୍ତି। ସେଭଳି ଗତ ତ୍ରୟ ମାସିକରେ ଏହାର ବୃଦ୍ଧି ୯.୧% ଥିଲା। ଏହାର ସିଧା ଫାଇନା ନିର୍ମାଣ ଓ ଔଦଗିକ ଗତିବିଧିକୁ ମିଳିଛି। ମାନୁଫାକଚରିଂ ସେକଣ୍ଟର ୯.୨% ବୃଦ୍ଧି ଦେଖାଇଛି, ଯାହାକି ଗତ ବର୍ଷ ୮.୩% ବୃଦ୍ଧିଠାରୁ ଅଧିକ ରହିଛି। ଇଲେକ୍ଟ୍ରିକ୍ ସେକ୍ଟରରେ ବି ଏହାର ବଡ଼ ସୁଧାର ଦେଖିବାକୁ ମିଳିଛି। ଏହାର ଗ୍ରୋଥ୍ ବଢିଛି ୮.୯% ହୋଇଯାଇଛି। ସେଭଳି ଗତ ବର୍ଷ ଏହି ସେକ୍ଟର ୧.୮%ରେ ଥିଲା। କନଷ୍ଟ୍ରକସନ୍ ସେକ୍ଟର ବି ୭.୭% ବଢିଥିଲା। ସେଭଳି ଗତ ବର୍ଷର ସମାନ ତ୍ରୟମାସିକରେ ଏହାର ବୃଦ୍ଧି ୫.୨% ଥିଲା। ଇଣ୍ଡଷ୍ଟ୍ରିଆଲ୍ ପ୍ରଡକ୍ସନରେ ମଧ୍ୟ ପ୍ରଥମ ତ୍ରୟମାସିକ ବେଳେ ହାରାହାରି ବୃଦ୍ଧି ୫.୭% ଥିଲା, ଯାହାକି ଗତ ତ୍ରୟମାସିକର ୩.୮% ଠାରୁ ଭଲ। ବିକ୍ରି ହାରାହାରି ୨୫.୬% ବଢିଛି। ଯଦିଓ ପ୍ରତି ସେକ୍ଟରର ପ୍ରଦର୍ଶନ ମଜବୁତ ନାହିଁ। କୃଷି କ୍ଷେତ୍ରର ବୃଦ୍ଧି ଗତ ବର୍ଷ ୪.୪% ରୁ ହ୍ରାସ ପାଇ ୩.୬% ହୋଇଯାଇଛି। ଚାପ ମାଇନିଂ ସେକ୍ଟର ଉପରେ ରହିଛି, ଯାହାଫଳରେ ୨.୪% ହ୍ରାସ ଘଟିଛି। ସେଭଳି ଗତ ବର୍ଷ ଏହି ତ୍ରୟମାସିକରେ ଏହି ସେକ୍ଟର ୧୨.୪% ବୃଦ୍ଧି ରେକର୍ଡ କରିଥିଲା। ଅନ୍ୟପକ୍ଷେ ସର୍ଭିସ ସେକ୍ଟର ଲଗାତାର ଅର୍ଥବ୍ୟବସ୍ଥାର ମଜବୁତ ଆଧାର ପାଲଟିଛି। ଆର୍ଥିକ, ରିଏଲ ଇଷ୍ଟେଟ୍ ଓ ପ୍ରଫେସନାଲ ସର୍ଭିସରେ ପ୍ରାୟ ୧୨% ବୃଦ୍ଧି ଘଟିଛି। ସର୍ଭିସେଜ୍ ଏକ୍ସପର୍ଟର ଗ୍ରୋଥ୍ ବି ଗତ ତ୍ରୟମାସିକରେ ୮.୯% ରୁ ବଢି ୧୩.୧% ହୋଇଯାଇଛି। ସେଭଳି ଗତ ବର୍ଷ ଜିଏସ୍ଟି ହାରରେ କାଟ୍ ଓ ଏହାର ଇନକମ୍ ଟ୍ୟାକ୍ସରେ ଆଶ୍ୱସ୍ତି ଦ୍ୱାରା ଲୋକଙ୍କ ଡିସପୋଜାଲ୍ ଇନକମ୍ ଓ ଖର୍ଚ୍ଚ କରିବାର କ୍ଷମତାକୁ ମଧ୍ୟ ସମର୍ଥନ ମିଳିଛି। ଏବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଯେ, କ'ଣ ଏହି ଦୃତ ଜିଡିପି ଗ୍ରୋଥ ଆଗକୁ ଜାରି ରହିବ? ଅର୍ଥଶାସ୍ତ୍ରୀଙ୍କ ମତରେ ଦ୍ୱିତୀୟ ଓ ତୃତୀୟ ତ୍ରୟମାସିକରେ କିଛି ହ୍ରାସ ଆସିପାରେ। ଭାରତ ନିଜର ଆବଶ୍ୟକୀୟ ୮୫% ରୁ ଅଧିକ ଅଶୋଧିତ ତୈଳ ଆମଦାନୀ କରୁଛି। ଯଦି କ୍ରୁଡ୍‌ର ଦାମ୍ ଦୀର୍ଘ ସମୟ ପର୍ଯ୍ୟନ୍ତ ୯୦ ଡଲାର ପ୍ରତି ବ୍ୟାରେଲ ଉପରେ ରୁହେ, ତେବେ ମୁଦ୍ରାସ୍ଫିତି ଓ ଉତ୍ପାଦନ ଖର୍ଚ୍ଚ ଉପରେ ଚାପ ବଢିବାରେ। ଏହାପରେ ବି ମଜବୁତ ଘରୋଇ ଡିମାଣ୍ଡ, ସରକାରୀ ନିବେଶ, ମାନୁଫାକରିଂ ଓ ସର୍ଭିସ ସେକ୍ଟର ଭାରତ ପାଇଁ ସକାରାତ୍ମକ ସଙ୍କେତ ରହିଛି।

# ଓଡ଼ିଶାରେ ନାଗ ପୂଜା-୫



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଅରାଗଡ଼ ପାହାଡ଼ ତଳେ ଥିବା ହରିପୁର ଗ୍ରାମର ଚାଷ ଜମିରୁ ଆବିଷ୍କୃତ ୪ଟି ବୌଦ୍ଧ ବିଗ୍ରହ ଓ ଧର୍ମଚକ୍ରକୁ ସ୍ଥାନୀୟ ଗ୍ରାମବାସୀମାନେ ବୁଦ୍ଧ ନାରାୟଣ ନାମରେ ପୂଜା କରୁଛନ୍ତି। ସୁନ୍ଦରପଦା ଓ କପିଳେଶ୍ୱରକୁ ଘେରି ରହିଥିବା ୫ଟି ପାହାଡ଼ ଗୁମ୍ଫାରେ ବୌଦ୍ଧ ଶ୍ରମଣମାନେ ରହୁଥିବାର ମାଦଳାପାଞ୍ଜିରେ ଉଲ୍ଲେଖ ରହିଛି ଯାହାକି ଦିନେ ଲେମ୍ବେଇ ପ୍ରଗଣାର ଅନ୍ତର୍ଭୁକ୍ତ ଥିଲା।

"୧ମ ପାଞ୍ଜି ମତେ- ମଦନ ମହାଦେବ ଭୋଗ କଲେ ବ ୧୫। ଏ ରାଜା ସିରାଇ ଦଣ୍ଡପାଟର ସହଜପାରି ଗ୍ରାମ କଟକ କରିଥିଲେ। ଏ ଲେମ୍ବେଇ ଦଣ୍ଡପାଟରେ ଅଛନ୍ତି। କାଳୁପଡ଼ା ବିନ୍ଧ୍ୟେଶ୍ୱରୀ ପର୍ବତ ଉପରେ ବିଷ୍ଣୁ ସ୍ୱାମୀଲିଙ୍ଗ ଏହାଙ୍କ ପଶ୍ଚିମ ଦିଗରେ ସାଆଁରା ଓ ପାଆଁରା ପର୍ବତ ଏପାଶେ ବଣିବକ୍ରେଶ୍ୱର ପର୍ବତ, ଯମୁନା ଝାଡ଼ପଡ଼ା ପର୍ବତ। ପାରଙ୍ଗ ଦଣ୍ଡପାଟେ ଅରାଗଡ଼ ପର୍ବତ, ଧଉଳି ପର୍ବତ, ଏ ସବୁ ପର୍ବତ କନ୍ଦରାମାନଙ୍କରେ ଚୌରାଅସି ଗୁମ୍ଫାମାନ କରି ସିଦ୍ଧ ବୌଦ୍ଧମାନେ ରହିଅଛନ୍ତି। ଏମାନେ ସର୍ବଜ୍ଞ। ଏକଦିନକରେ ରାଜାଙ୍କ ରାଣୀମାନେ ବୋଇଲେ ବଡ଼ ସର୍ବଜ୍ଞ। ଇଥିକି ରାଜା ବୋଇଲେ ବୌଦ୍ଧେ କି ସର୍ବଜ୍ଞ, ବ୍ରାହ୍ମଣମାନେ ବଡ଼। ଏଥକୁ ରାଣୀଏ ବୋଇଲେ ବୌଦ୍ଧମାନଙ୍କୁ ବ୍ରାହ୍ମଣମାନଙ୍କୁ ପରୀକ୍ଷା କର, କିଏ ସର୍ବଜ୍ଞ, କାହାର ବଚନ ପ୍ରମାଣ। ଏଥକୁ କେହି ନ ଜାଣନ୍ତି। ହାଣ୍ଡି ଗୋଟିକେ ସର୍ପ ଗୋଟାଏ ପୁରାଇ ମୁଦାଇ ବୌଦ୍ଧମାନଙ୍କୁ ରାଜା ହକରାଇ ଅଣାଇଁ ଆଗେ ବୌଦ୍ଧମାନଙ୍କୁ ପଚାରିଲେ- ଏ ହାଣ୍ଡିରେ କି ଅଛି କହ। ଏଥକୁ ବୌଦ୍ଧମାନେ କହିଲେ, ମହାରାଜା, ଏ ହାଣ୍ଡିରେ ସର୍ପ ଗୋଟିଏ ଅଛି। ଏହା ଶୁଣି ରାଜାଙ୍କୁ ତୁନି କରି କହିଲେ ରାଜା ହାରିଲେ। ଏଥକୁ ରାଜା ଲାଜ ପାଇଲେ। ବ୍ରାହ୍ମଣମାନଙ୍କୁ ପଚାରିଲେ। ବ୍ରାହ୍ମଣମାନେ ବିଚାରିଲେ ଏମାନେ ସର୍ବଜ୍ଞ, ଏହାଙ୍କ ବଚନ ମିଥ୍ୟା ନୋହଇ। ଆମ୍ଭେମାନେ କି କହିବା ଏମନ୍ତ ବିଚାରି କହିଲ "ମହାରାଜା, ଏ ହାଣ୍ଡିରେ ଭସ୍ମଗୁଡ଼ିଏ ଅଛି।" ଏମନ୍ତକୁ ରାଜା ହାଣ୍ଡି ଫେଡ଼ାଇ ଦେଖିଲାବେଳକୁ ସର୍ପ ନାହିଁ ପାଉଁସଗୁଡ଼ାଏ ଅଛି। ଏହା ଦେଖି ରାଜା ରାଣୀଙ୍କି ବୋଇଲେ, ବୋଲୁଥିଲ ବୌଦ୍ଧ ବଡ଼ ବୋଲି, ଦେଖ ବ୍ରାହ୍ମଣମାନଙ୍କ ବଚନ। ଏମନ୍ତ ବୋଲି ବୌଦ୍ଧମାନଙ୍କର ରାଜା ମୁଣ୍ଡ ଛେଚାଇବା ବେଳକୁ ବୌଦ୍ଧମାନେ ରାଜାଙ୍କୁ ଶାପ୍ୟ ଦେଇ ପର୍ବତ ଗୁମ୍ଫାମାନଙ୍କରୁ ବାହାର ହୋଇ ଅରଣ୍ୟକୁ ଗଲେ। ଏ ରାଜା ପରମେଶ୍ୱରଙ୍କୁ ସେବା କରି ବ୍ରାହ୍ମଣମାନଙ୍କ ପରିପାଳନ କରି ରାଜ୍ୟ କଲେ ୧୫ବରଷ। ଏ ମହାରାଜାଙ୍କ ୨ ଅଙ୍କରେ ଅଲାରନାଥ ଦେଉଳ ତୋଳା ହୋଇଥିଲା। ଏକ ଦିନରେ ରାଜା ଶ୍ରୀ ନଗର ବିଜେ କରି ଆସିବା ବେଳକୁ ଏ ପର୍ବତ ପାଖେ ବଣିଚଢ଼ାଇ ମଣିମାମଣିମା ବୋଲି ଏ ଗଛରୁ ସେ ଗଛରେ ବସଇ। ଏଥକୁ ରାଜା ଆଜ୍ଞାଦେଲେ ବଣି ବକ୍ରୋକ୍ତି କରୁଅଛି, ଏଠାରେ କିଏ ଅଛି ଦେଖ। ଏଥକୁ ବଣ ଭିତରେ ଦେଖିଲେ ଅରଣ୍ୟରେ ହିରଣ୍ୟଗର୍ଭ ଶମ୍ଭୁ ଗୋଟିଏ ଅଛି। ରାଜା ପଚାରିଲେ- ଏ ଦିଅଙ୍କ ନାମ କି। ଏଥକୁ ଏ ଗ୍ରାମ ଲୋକମାନେ କହିଲେ, କେଉଁ କାଳରେ ଏଥି ସାମଲେଶ୍ୱର ହୋଇ ମହାଦେବ ଥିଲେ ବୋଲି ବୋଲନ୍ତି। ରାଜା ବୋଲନ୍ତି ବଣି ଯେ ବକ୍ରୋକ୍ତି କରି ଡାକିଲା ଏ ଦେବଙ୍କ ନାମ ବଣି ବକ୍ରେଶ୍ୱର ଦେବ ହୋଇଲା। (ପ୍ରଥମ ମାଦଳାପାଞ୍ଜି, ପୃଷ୍ଠା:୧୭-୧୮)

ମାଦଳାପାଞ୍ଜି ହେଉଛି ଓଡ଼ିଶାର ସର୍ବପ୍ରାଚୀନ ଇତିହାସ ବିବରଣୀ। ଏହାର ଆରମ୍ଭ କେବେ ହୋଇଥିଲା ତାହାର କୌଣସି ଐତିହାସିକ ତଥ୍ୟ ମିଳିପାରିନାହିଁ। ବର୍ତ୍ତମାନର ଓଡ଼ିଶା ଅତୀତରେ ଥିଲା କଳିଙ୍ଗ, ତୋଷାଳି, ଉତ୍କଳ, କୋଶଳ ନାମରେ ବହୁଧା ବିଭକ୍ତ। ଶ୍ରୀଜଗନ୍ନାଥ ହିଁ ଏହି ବିଖଣ୍ଡିତ ଓଡ଼ିଆ ରାଜ୍ୟମାନଙ୍କର ସର୍ବୋଚ୍ଚ ଆରାଧ୍ୟ ଦେବତା ଓ ସେଥିପାଇଁ ଏହିସବୁକୁ ଜଗନ୍ନାଥ ଦେଶ କହିଥାନ୍ତି ବା ଜଗନ୍ନାଥ ଦେଶ କହିଲେ ଏହିସବୁ ରାଜ୍ୟକୁ ବୁଝାଇଥାଏ। ଶ୍ରୀଜଗନ୍ନାଥ ହେଉଛନ୍ତି ମାଦଳ। ଅର୍ଥାତ୍ ତାଙ୍କର ଗୋଡ଼, ହାତ ଓ କାନ କିଛି ନାହିଁ। ତେଣୁ ତାଙ୍କ ପ୍ରତିଷ୍ଠା କାଳରୁ ସେ ବେଳର ରାଜନୈତିକ ଆଧାରରେ ସୃଷ୍ଟି ହୋଇଛି ମାଦଳାପାଞ୍ଜି ଯାହାର କୌଣସି ଇତିହାସ ନାହିଁ।

ଏତଦ୍‌ବ୍ୟତୀତ ଭୁବନେଶ୍ୱରର ବୋଇତାଳ, ରାଜାରାଣୀ, ମୁକ୍ତେଶ୍ୱର ଓ ସ୍ୱର୍ଣ୍ଣ ଜଳେଶ୍ୱର ମନ୍ଦିରମାନଙ୍କରେ ନାଗ ମୂର୍ତ୍ତିମାନ ଦେଖାଯାଏ। ସ୍ୱର୍ଣ୍ଣ ଜଳେଶ୍ୱର ମନ୍ଦିରର ପ୍ରବେଶ ଦ୍ୱାରର ଦୁଇପଟେ ସପ୍ତଫେଣାଚ୍ଛାଦିତ ନାଗରାଜ ବିଦ୍ୟମାନ। ଯାହାକି ଗୁପ୍ତ ରାଜତ୍ୱର ପୂର୍ବବର୍ତ୍ତୀ କୁହାଯାଇପାରେ। ବୋଇତାଳ ମନ୍ଦିର ଜଗମୋହନରେ ନାଗରାଜାଙ୍କର ବିଗ୍ରହ ରହିଛି ଏବଂ ମନ୍ଦିରରେ ପୂଜିତା ଚାମୁଣ୍ଡାଙ୍କ ମସ୍ତକ ଉପରେ ସପ୍ତଫଣା ନାଗ ମୂର୍ତ୍ତି ଥିବାର ଦେଖାଯାଏ। ତତ୍କାଳୀନ ଭୁବନେଶ୍ୱରର ଅଧିଷ୍ଠାତ୍ରୀ ଦେବୀ ଥିଲେ ବୁଦ୍ଧେଶ୍ୱରୀ ଯିଏ କି କନ୍ଦାପ୍ରସ୍ତର ନିର୍ମିତ ଜାଙ୍ଗୁଲୀଙ୍କ ବିଗ୍ରହ। ବୌଦ୍ଧଗ୍ରନ୍ଥରେ ଜାଙ୍ଗୁଲୀ ସର୍ବବିଷହାରିଣୀ ଭାବେ ପରିଚିତା। ଝାଡ଼ପଡ଼ାର ବୌଦ୍ଧଗଡ଼ରେ ଥିଲା ତାଙ୍କର ଆସ୍ଥାନ। ଏବେ ବି ସେପରି ଗଡ଼ ପ୍ରାଚୀରର କିଛି ଅଂଶ ରହି ସେ ଦିନର ସ୍ମୃତି ଚାରଣ କରୁଛି। ଭୁବନେଶ୍ୱର ବିନ୍ଦୁସାଗର କୂଳରେ ପଦ୍ମାସନରେ ବସିଥିବା ଓ ମୁଣ୍ଡ ଉପରେ ସପ୍ତଫଣା ନାଗ ଥିବା ଏକ ମୂର୍ତ୍ତି ପୂଜା ପାଉଥିବାର ଦେଖାଯାଏ। ଏପରି ବିଗ୍ରହ ଡାହାଣ ହସ୍ତ ଅଭୟ ମୁଦ୍ରାରେ ଥିବାବେଳେ ବାମ ହସ୍ତରେ ରହିଛି ଅମୃତଭାଣ୍ଡ। ମୁଚ୍ଛଳିନ୍ଦ ନାଗରାଜ ଭାବେ କେତେକ ତାଙ୍କୁ ଚିହ୍ନଟ କରିଥାନ୍ତି।

ନାଗମାନଙ୍କ ମଧ୍ୟରେ କର୍କୋଟକ, ଶଙ୍ଖପାଳ, ତକ୍ଷକ, ପଦ୍ମ, ମହାପଦ୍ମ, କୁଳିକା ମୁଖ୍ୟ ବୋଲି ପୁରାଣମାନଙ୍କରେ ବର୍ଣ୍ଣିତ। ଭୁବନେଶ୍ୱର ସନ୍ନିକଟରେ ଏହି ନାମରେ ରହିଛି ତିନିଗୋଟି ଜନପଦ। କୁଆଖାଇ କୂଳ କୋରଡ଼କଣ୍ଟା ସମ୍ଭବତଃ କର୍କୋଟକ ନାଗରାଜଙ୍କ ନାମରୁ ଆସିଛି। କଣ୍ଟା ଶବ୍ଦର ଅର୍ଥ ଜନପଦ। ତେଣୁ କର୍କୋଟକରୁ କୋରଡ଼ ନାମ ଆସିଥିବାର କୁହାଯାଇପାରେ। ସେହିପରି କୋରଡ଼କଣ୍ଟାର ଠିକ୍ ଅପରପାର୍ଶ୍ୱ କୁଆଖାଇ କୂଳରେ ରହିଛି ହଂସପାଳ। ଯାହାକି ଶଙ୍ଖପାଳ ନାମର ଅପଭ୍ରଂଶ ଭାବେ ନିଆଯାଇପାରେ। ଏହାର ଅନ୍ୟ ଅର୍ଥ ଥାଇପାରେ। ଉପର୍ଯ୍ୟୁକ୍ତ ସ୍ଥାନର ପଶ୍ଚିମ ଦିଗରେ ପ୍ରାୟ ୪କିଲୋମିଟର ବ୍ୟବଧାନ ଗନ୍ଧବତୀ ନଦୀ କୂଳର ପଟିଆକିଲ୍ଲା ପରିସରରେ ରହିଛି ପଦ୍ମପୁର ବା ଏବର ପଦ୍ମକେଶରୀପୁର। ପ୍ରାୟ ୩୦୦ ସାପଧରାଳୀ ପରିବାର ଏହି ଜନପଦର ବାସିନ୍ଦା। ସେମାନେ ସେଠାରେ କେତେ ଦିନରୁ ବସତି ସ୍ଥାପନ କରିରହିଛନ୍ତି ତାହାର ଇତିହାସ ନାହିଁ। ମାତ୍ର ଏପରି ନାମକରଣର ଯଥାର୍ଥତାକୁ ମଧ୍ୟ ଏଡ଼ାଇ ଦିଆଯାଇନପାରେ। ଚନ୍ଦକ ଥିଲେ ନାଗବାହିନୀର ସେନାପତି। ତାଙ୍କର ନାମ ଅନୁସାରେ ଭୁବନେଶ୍ୱର ଉପକଣ୍ଠ ଚନ୍ଦକା ନାମରେ ଜନପଦ ରହିଛି।

ଧଉଳି ପାହାଡ଼ର ୩ କିଲୋମିଟର ଉତ୍ତର ପଶ୍ଚିମ ଦିଗ ଓ କପିଳେଶ୍ୱର ଜନପଦର ଉତ୍ତରକୁ ୨କିଲୋମିଟର ବ୍ୟବଧାନରେ ରହିଛି ଏକ ମାଟିର ବୌଦ୍ଧସ୍ତୂପ। ଯାହାର ମୂଳଭିତ୍ତିରେ ପଥର ବନ୍ଧେଇ ଥିଲା ଏବଂ ଏହା ମାଟିର ଏକ ପ୍ରାଚୀନ ବୌଦ୍ଧ ସ୍ତୂପ ଥିବାର ଲେଖକ ପିଲାବେଳେ ଦେଖିଥିଲା। ମାଟିର ଏପରି ସ୍ତୂପ ଗଠନ ଅନ୍ୟତ୍ର ବିରଳ ଓ ଏହାକୁ ଖ୍ରୀଷ୍ଟପୂର୍ବର ବୋଲି କହିହୁଏ। ବର୍ତ୍ତମାନ ସ୍ତୂପ ଉପରକୁ ସମତଳ କରାଯାଇ ପକ୍କାଘରମାନ ହୋଇଯାଇଛି। ସ୍ତୂପଟିର ଠିକ୍ ମୂଳରେ ବହି ଯାଉଛି ଗଙ୍ଗୁଆ ବା ଗନ୍ଧବତୀ ନଦୀର ଜଳସ୍ରୋତ। ସେହିଭଳି ଶ୍ୟାମାତାରା ନାମରେ ପୂଜିତା ଭୁଆସୁଣୀ ମନ୍ଦିର ସେଠାରେ ବିଦ୍ୟମାନ। ଯାହାକି ଖ୍ରୀଷ୍ଟୀୟ ସପ୍ତମ ବା ଅଷ୍ଟମ ଶତାବ୍ଦୀରେ ନିର୍ମିତ ହୋଇଥିବାର କଳନା କରାଯାଇପାରେ। ଶ୍ୟାମାତାରାପୁର ଅପଭ୍ରଂଶରେ ସାମନ୍ତରାପୁର ନାମରେ ନାମିତ ହୋଇଥିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ। ଶିଶୁପାଳଗଡ଼ ମଧ୍ୟରେ ଥିବା ବିଲମାଳ ମଧ୍ୟରୁ ଭୂଖୋଦନ ଫଳରେ ଦୁଇଟି ବୌଦ୍ଧସ୍ତୂପ ଆବିଷ୍କୃତ ହୋଇଛି। ଯାହାକି ସେହି ଅଞ୍ଚଳରେ ଥିବା ବୌଦ୍ଧ ସଂସ୍କୃତିର ଅନ୍ୟ ଏକ ପରିଚୟ।

**(କ୍ରମଶଃ)**

# ପୀନସ (ସାଇନୁ ସାଇଟିସ୍): ଆୟୁର୍ବେଦ ଦୃଷ୍ଟିରେ କାରଣ, ଲକ୍ଷଣ, ଚିକିତ୍ସା ଓ ପ୍ରତିରୋଧ



**(ଡ଼ଃ) ଦୁର୍ଗାପ୍ରସାଦ ଦାଶ**
ପ୍ରଫେସର ଓ ବିଭାଗୀୟ ମୁଖ୍ୟ, କୌମାରଭୃତ୍ୟ (ଶିଶୁରୋଗ) ବିଭାଗ
ଶ୍ରୀଶ୍ରୀ ଆୟୁର୍ବେଦ ବିଜ୍ଞାନ ମହାବିଦ୍ୟାଳୟ ଓ ଗବେଷଣା ଚିକିତ୍ସାଳୟ, ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ, କଟକ

ପୀନସ କ'ଣ? : ପୀନସ (Peenasa) ଆୟୁର୍ବେଦରେ ବର୍ଣ୍ଣିତ ଏକ ପ୍ରମୁଖ ନାସାରୋଗ (NasaRoga). ଆଧୁନିକ ଚିକିତ୍ସାବିଜ୍ଞାନରେ ଏହାକୁ ସାଇନୁସାଇଟିସ୍ (Sinusitis)କିମ୍ବା ରାଇନୋସାଇନୁସାଇଟିସ୍ (Rhinosinusitis)ସହ ସମ୍ପର୍କ କରାଯାଏ। ଏହି ରୋଗରେ ନାକ ଏବଂ ନାକର ଚାରିପାଖରେ ଥିବା ବାୟୁଭର୍ତ୍ତି କୋଷ (Paranasal Sinuses)ରେ ପ୍ରଦାହ ଓ ଅବରୋଧ ସୃଷ୍ଟି ହୁଏ। ଏହା ଫଳରେ ନାକ ବନ୍ଦହେବା, ନାକରୁ ପାଣି କିମ୍ବା ଶ୍ଳେଷ୍ମା ବାହାରିବା, ମୁଣ୍ଡ ଭାରୀ ଲାଗିବା, ମୁଣ୍ଡବିନ୍ଧା, ମୁହଁରେ ଚାପ ଅନୁଭବ ଓ ଘ୍ରାଣଶକ୍ତି କମିଯିବା ଭଳି ସମସ୍ୟା ଦେଖାଯାଏ।

ଆୟୁର୍ବେଦ ଅନୁସାରେ ପୀନସ କାହିଁକି ହୁଏ?: ଆୟୁର୍ବେଦ ଅନୁସାରେ ପୀନସ ପ୍ରଧାନତଃ କଫଦୋଷର ପ୍ରକୋପ ଯୋଗୁ ସୃଷ୍ଟିହୁଏ। କେତେକ କ୍ଷେତ୍ରରେ ବାତ ଓ ପିତ୍ତଦୋଷ ମଧ୍ୟ ଏହାକୁ ଜଟିଳ କରିଥାଏ। କଫ ଦୋଷ ବଢ଼ି ନାସା, ଶିରଃ (ମସ୍ତକ) ଓ ପ୍ରାଣବହ ସ୍ରୋତସ୍‌କୁ ପ୍ରଭାବିତ କଲେ ନାକର ସ୍ୱାଭାବିକ କାର୍ଯ୍ୟ ବାଧାପ୍ରାପ୍ତ ହୁଏ। ଫଳସ୍ୱରୂପ ନାସା ମାର୍ଗରେ ଶ୍ଳେଷ୍ମା ସଞ୍ଚୟ ହୋଇ ଶ୍ୱାସନେବାରେ ଅସୁବିଧା ସୃଷ୍ଟି ହୁଏ।

ପୀନସର ପ୍ରମୁଖ କାରଣ (ନିଦାନ): ଅନିୟମିତ ଖାଦ୍ୟାଭ୍ୟାସ ଓ ଅସ୍ୱାସ୍ଥ୍ୟକର ଜୀବନ ଶୈଳୀ ପୀନସର ମୁଖ୍ୟକାରଣ। ଅଧିକ ତେଲିଆ, ଗୁରୁପାକି , ମିଠା ଓ କଫବୃଦ୍ଧିକାରୀ ଖାଦ୍ୟ, ବିଶେଷକରି ରାତିରେ ଦହି, ଥଣ୍ଡାପାନୀୟ, ଆଇସକ୍ରିମ୍, ଅଧିକ ଦୁଗ୍ଧଜାତ ଖାଦ୍ୟ ଓ ଭଜା ଖାଦ୍ୟର ବାରମ୍ବାର ସେବନ ଏହି ରୋଗର ସମ୍ଭାବନା ବଢ଼ାଇଥାଏ।

ଏହାଛଡ଼ା ଥଣ୍ଡା ଓ ଆର୍ଦ୍ର ପରିବେଶରେ ଦୀର୍ଘ ସମୟ ରହିବା, ବାରମ୍ବାର ଥଣ୍ଡା ଲାଗିବା, ଧୂଳି, ଧୂଆଁ, ବାୟୁପ୍ରଦୂଷଣ, ପରାଗକଣିକା (Pollen), ଫଙ୍ଗସ୍, ବ୍ୟାୟାମର ଅଭାବ, ଦିନରେ ଅଧିକ ସମୟ ଶୋଇବା ଏବଂ ନାସାର ସଠିକ ପରିଚର୍ଯ୍ୟା ନ କରିବାମଧ ପୀନସ ସୃଷ୍ଟିରେ ସହାୟକ ହୁଏ। ଆୟୁର୍ବେଦ ମତରେ ଅଗ୍ନିମାନ୍ଦ୍ୟ (ଦୁର୍ବଳ ପାଚନ ଶକ୍ତି), ଆମଦୋଷ ସୃଷ୍ଟି ଓ ରୋଗପ୍ରତିରୋଧକ ଶକ୍ତି କମିଯିବା ମଧ ଏହି ରୋଗକୁ ବଢ଼ାଇଥାଏ।

ପୀନସ କିପରି ସୃଷ୍ଟିହୁଏ? (ସମ୍ପ୍ରାପ୍ତି): ଅନୁଚିତ ଆହାର ଓ ବିହାର ଯୋଗୁ ପ୍ରଥମେ ପାଚନ ଶକ୍ତି ଦୁର୍ବଳ ହୋଇ ଆମ ସୃଷ୍ଟି ହୁଏ।ଏହି ଆମ କଫ ସହ ମିଶି ନାସା, କଣ୍ଠ ଓ ମସ୍ତକ ଅଞ୍ଚଳରେ ସଞ୍ଚୟହୁଏ।ଏହା ନାସାମାର୍ଗ ଓ ପ୍ରାଣବହ ସ୍ରୋତସ୍‌ରେ ଅବରୋଧ ସୃଷ୍ଟି କରିବା ତ ଦୋଷର ସ୍ୱାଭାବିକଗତିକୁ ବାଧାଦିଏ।ଫଳରେ ନାକବନ୍ଦ ହେବା, ସର୍ଦ୍ଦି, ମୁଣ୍ଡଭାରି ଲାଗିବା ଓ ଅନ୍ୟାନ୍ୟ ଲକ୍ଷଣ ଦେଖାଦିଏ।

ପୀନସର ଲକ୍ଷଣ: ପୀନସରେ ସାଧାରଣତଃ ନାକ ବନ୍ଦହେବା, ନାକରୁ ଘନ କିମ୍ବା ପତଳା ଶ୍ଳେଷ୍ମା ବାହାରିବା, ବାରମ୍ବାର ଛିଙ୍କ ହେବା, ମୁଣ୍ଡଭାରି ଲାଗିବା, ମୁଣ୍ଡବିନ୍ଧା, ଘ୍ରାଣଶକ୍ତି କମିଯିବା, ରୁଚିହ୍ରାସ, କାଶ ଓ ଗଳାରେ କୁଣ୍ଡେଇ ହୋଇପାରେ। ଅନେକ ରୋଗୀଙ୍କର ମୁହଁରେ ବେଦନା କିମ୍ବା ଚାପ ଅନୁଭବ, ଗଳାକୁ ଶ୍ଳେଷ୍ମା ଗଡ଼ିବା (Post-nasal drip), ଶ୍ୱାସନେବାରେ ଅସୁବିଧା ଏବଂ କେତେକ କ୍ଷେତ୍ରରେ ଜ୍ୱର ମଧ୍ୟ ହୋଇପାରେ।

ଆୟୁର୍ବେଦରେ ପୀନସର ଚିକିତ୍ସା: ଆୟୁର୍ବେଦରେ ପୀନସ ଚିକିତ୍ସାର ମୂଳଲକ୍ଷ୍ୟ ହେଉଛି କଫଶମନ, ସ୍ରୋତସ୍‌ଶୋଧନ, ଆମପାଚନ ଓ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିକରିବା।

ନସ୍ୟକର୍ମ ପୀନସର ଏକ ଅତ୍ୟନ୍ତ ପ୍ରଭାବଶାଳୀ ଚିକିତ୍ସାପଦ୍ଧତି। ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଅଣୁତୈଳ, ଷଡ୍‌ବିନ୍ଦୁତୈଳ କିମ୍ବା କ୍ଷୀରବଳାତୈଳ ନାସା ମାଧ୍ୟମରେ ପ୍ରୟୋଗ କରାଯାଏ। ଏହା ନାକ ବନ୍ଦହେବା କମାଇବା, ପ୍ରଦାହ ହ୍ରାସକରିବା ଓ ନାସାର ସ୍ୱାଭାବିକ କାର୍ଯ୍ୟକୁ ସୁଧାରିବାରେ ସାହାଯ୍ୟ କରେ। ଯେଉଁ ରୋଗୀଙ୍କ ଶରୀରରେ କଫ ଅଧିକ ସଞ୍ଚିତ ଥାଏ, ସେମାନଙ୍କ ପାଇଁ ଅଭିଜ୍ଞ ଆୟୁର୍ବେଦ ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ବମନ କର୍ମ, ସ୍ଥାନିକ ଉତ୍ତର ପ୍ରଦେଶ ଅଭ୍ୟଙ୍ଗ ତଥା ସ୍ଥାନିକ ସ୍ୱେଦନ ଓ ଧୂମପାନ ଭଳି ପଞ୍ଚକର୍ମ ପଦ୍ଧତିରେ ଚିକିତ୍ସା ନେବା ଉଚିତ। ଆଭ୍ୟନ୍ତରୀଣ ଔଷଧଭାବରେ ବ୍ୟୋଷାଦିବଟୀ, ତ୍ରିକଟୁଚୂର୍ଣ୍ଣ, ସିତୋପଳାଦି ଚୂର୍ଣ୍ଣ, ତାଳୀସାଦି ଚୂର୍ଣ୍ଣ, ହଳଦୀ, ଗୁଡୁଚୀ ଆଦି ରୋଗୀର ପ୍ରକୃତି ଓ ରୋଗର ଅବସ୍ଥା ଅନୁଯାୟୀ ବ୍ୟବହାର କରାଯାଏ।

ସ୍ଥାନୀୟ ଉପଚାର: ଗରମ ପାଣିର ବାଷ୍ପ (Steam Inhalation) ନେବା ଦ୍ୱାରା ଘନ ଶ୍ଳେଷ୍ମା ପତଳା ହୋଇ ନାସା ମାର୍ଗ ସଫାହୁଏ ଏବଂ ନାକ ବନ୍ଦ କମିଥାଏ। ସେହିପରି ଗରମ ଲୁଣପାଣିରେ କୁଳି କିମ୍ବା ଗଣ୍ଡୂଷ କଲେ ଗଳାର ଅସୁବିଧା ଓ ପୋଷ୍ଟ-ନେଜାଲ୍ଡ୍ରିପ୍‌ରେ ଆରାମ ମିଳିପାରେ।

ଘରୋଇ ଉପଚାର: ପୀନସରେ ନିୟମିତ ଗରମ ପାଣି ପିଇବା, ଦିନକୁ ଦୁଇରୁ ତିନି ଥର ୫-୧୦ମିନିଟ ବାଷ୍ପନେବା, ହଳଦୀମିଶା ଉଷୁମକ୍ଷୀର ପିଇବା, ଅଦା ଓ ତୁଳସୀର କାଢ଼ା ସେବନ କରିବା, ଲୁଣପାଣିରେ ନାସା ପରିଷ୍କାର କରିବା ଓ ଅଳ୍ପ ପରିମାଣରେ ମଧୁ ସେବନ କରିବା ଉପକାରୀ ହୋଇପାରେ। ପ୍ରତ୍ୟହ ଯୋଗାଭ୍ୟାସରେ ଜଳନେତି ବହୁତ ଉପକାରୀ ।

ପୀନସରୁ କିପରି ରକ୍ଷା ପାଇବେ?: ପୀନସକୁ ପ୍ରତିରୋଧ କରିବା ପାଇଁ ଗରମ, ତାଜା ଓ ସହଜ ପାଚ୍ୟ ଖାଦ୍ୟ ଖାଇବା ଉଚିତ। ଥଣ୍ଡାପାନୀୟ, ଆଇସକ୍ରିମ୍, ରାତିରେ ଦହି, ଅଧିକ ତେଲିଆ ଓ ମିଠାଖାଦ୍ୟକୁ ଯଥାସମ୍ଭବ ଏଡ଼ାଇବା ଆବଶ୍ୟକ। ନିୟମିତ ବ୍ୟାୟାମ, ଯୋଗ, ପ୍ରାଣାୟାମ, ଧ୍ୟାନ, ପର୍ଯ୍ୟାପ୍ତ ନିଦ୍ରା ଓ ସୁସ୍ଥ ଦିନଚର୍ଯ୍ୟା ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ନାସାର ସ୍ୱଚ୍ଛତା ବଜାୟ ରଖିବା ଏବଂ ଚିକିତ୍ସକଙ୍କ ପରାମର୍ଶରେ ପ୍ରତିମର୍ଶ ନସ୍ୟକରିବା ମଧ୍ୟ ଉପକାରୀ ହୋଇଥାଏ।

କେବେ ଚିକିତ୍ସକଙ୍କ ପରାମର୍ଶ ନେବେ?:- ଯଦି ମୁହଁରେ ଅତ୍ୟଧିକ ବେଦନା କିମ୍ବା ଫୁଲା ହୁଏ, ଅଧିକ ଜ୍ୱର ରହେ, ୧୦ଦିନରୁ ଅଧିକ ସମୟ ଧରି ଲକ୍ଷଣ ଭଲ ନହୁଏ, ବାରମ୍ବାର ସାଇନ ସଂକ୍ରମଣ ହୁଏ, ଆଖିର ଦୃଷ୍ଟିରେ ପରିବର୍ତ୍ତନ ଦେଖାଯାଏ କିମ୍ବା ତୀବ୍ର ମୁଣ୍ଡବିନ୍ଧା ହୁଏ, ତେବେ ବିଳମ୍ବ ନ କରି ଚିକିତ୍ସକଙ୍କ ପରାମର୍ଶ ନେବା ଉଚିତ।

ଉପସଂହାର: ପୀନସ ଏକ କଫ ପ୍ରଧାନ ନାସା ରୋଗ, ଯାହା ଅଗ୍ନିମାନ୍ଦ୍ୟ, କଫ ସଞ୍ଚୟ ଓ ନାସା ମାର୍ଗର ଅବରୋଧ ଯୋଗୁ ସୃଷ୍ଟିହୁଏ। ଠିକ୍ ସମୟରେ ରୋଗଚିହ୍ନଟ, ଉଚିତ ଆୟୁର୍ବେଦିକ ଚିକିତ୍ସା, ସନ୍ତୁଳିତ ଖାଦ୍ୟ, ସୁସ୍ଥଜୀବନ ଶୈଳୀ ଓ ପରିଷ୍କାର ପରିଚ୍ଛନ୍ନତା ଅନୁସରଣ କଲେ ଏହି ରୋଗକୁ ସଫଳ ତାରସହ ନିୟନ୍ତ୍ରଣ କରାଯାଇପାରିବ। ଆବଶ୍ୟକତା ଅନୁଯାୟୀ ଆୟୁର୍ବେଦ ଓ ଆଧୁନିକ ଚିକିତ୍ସାର ସମନ୍ୱୟ ରୋଗୀଙ୍କୁ ଉତ୍ତମ ଫଳ ପ୍ରଦାନ କରିଥାଏ।



## (ନିରପେକ୍ଷ ଶାସନ ପଦ୍ଧତି)

## ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ଠାକୁର ସମସ୍ତଙ୍କ କଥା ଶୁଣନ୍ତି ଓ ବୁଝନ୍ତି

ଶ୍ରଦ୍ଧେୟ ଭକ୍ତବୃନ୍ଦ ତୁମେ ଭାବୁଥିବ ଟଙ୍କା ପଇସା ଖର୍ଚ୍ଚ କରିଦେଲେ କି ଜମିବାଡି ଠାକୁରଙ୍କୁ ଦେଇଦେଲେ କି ମନ୍ଦିର ତିଆରି କରିଦେଲେ କେବଳ ଠାକୁର ତୁମରି କଥା ଶୁଣିବେ ଓ ବୁଝିବେ ଅନ୍ୟମାନଙ୍କର ନୁହେଁ । ଏହି ଭାବନା ସମ୍ପୂର୍ଣ୍ଣ ଭୂଲ । ଏହା ହେଲେ ଏକ ବ୍ୟବସାୟିକ କର୍ମଶାଳା ବୋଲି ଧରିବାକୁ ପଡିବ । ଏଠାରେ ଭକ୍ତ ଭଗବାନଙ୍କର ସମ୍ପର୍କ ରହିଲା କେଉଁଠି। ଏଇଟାତ ଗୋଟାଏ ଭକ୍ତ ଭଗବାନଙ୍କ ମଧ୍ୟରେ ସ୍ୱାର୍ଥର ପାଚେରୀ । ଏଥିରେ ଭକ୍ତି, ମୁକ୍ତିଭାବ, ପ୍ରେମର ରସ ପ୍ରବାହିତ ହେବ କିପରି ଏହା କୌଣସି ମତେ ସମ୍ଭବ ନୁହେଁ। ଏହା ଏକ ସିମିତ ବୁଦ୍ଧି ବା ସ୍ୱାର୍ଥପର ବ୍ୟକ୍ତିର ପରିଚୟ ବୋଲି ଧରିବାକୁ ପଡିବ । ତେଣୁ ହେ ଭକ୍ତ ହେ ଶିଷ୍ୟ ଈଶ୍ୱର ହେଉଛନ୍ତି ତୁମରି ସ୍ୱର,ତୁମରି ଜ୍ଞାନ, ତୁମରି ଧ୍ୟାନ, ତୁମରି ଧନ, ତୁମରି ଲୟ, ତୁମରି ଶରୀର, ତୁମରି ଇନ୍ଦ୍ରିୟ, ତୁମରି ଭାବର ଭାବ, ତୁମରି ପ୍ରେମର ପ୍ରେମ ତୁମରି ଜ୍ଞାନର ଜ୍ଞାନ, ତୁମରି ଇଷ୍ଟ ପ୍ରତ୍ୟେକ ଇନ୍ଦ୍ରୀୟର ଇନ୍ଦ୍ରୀୟ, ସେ ଜ୍ୟୋତିର ଜ୍ୟୋତି ତେଣୁ ତୁମେ ଯେତିକି ନେଇପାରିବ ସେ ଭଲ ଭାବରେ ଜାଣିଛନ୍ତି। ଏବଂ ବୁଝିଛନ୍ତି ମଧ୍ୟ, ତୁମେ କଣ ତାଙ୍କଠାରୁ ଅଧିକା ଜ୍ଞାନୀ ଆଗେ ବ୍ରହ୍ମ ଜ୍ଞାନୀମାନେ ଯାହାକୁ ଖୋଜୁଛନ୍ତି ଭଜୁଛନ୍ତି ସେ ପ୍ରଭୁ ଗୋପୀମାନଙ୍କର ଗଳା ମାଳା ହୋଇଥିଲେ ଗୋପାଳ ମାନଙ୍କର ଖେଳ ସାଥୀ ହୋଇଥିଲେ ଏହାହିଁ ଈଶ୍ୱରଙ୍କର ବୈଶିଷ୍ଟତା । ହରି ଓଁ ।

# ସଂଯମ : ଜୀବନଧାରାର ସଞ୍ଜିବନୀ



କିଶୋର ଚନ୍ଦ୍ର ଜେନା
'ଉପାସନା'
ଜଗନ୍ନାଥ ନଗର, ରୋଡ଼ ନଂ-୬,
ମୋ: ୯୪୩୭୦୪୧୩୦୦

ମାନବ ଜୀବନର ସବୁଠାରୁ ବଡ଼ ରହସ୍ୟ ବାହ୍ୟ ପରିସ୍ଥିତିରେ ନଥାଏ ବରଂ ଅନ୍ତର୍ନିହିତ ଶକ୍ତିଭାବରେ ନିଜ ଭିତରେ ହିଁ ସମାହିତ ହୋଇ ରହିଥାଏ। ଏହି ରହସ୍ୟର ନାମ ହେଉଛି ସଂଯମ। ଏହା ଏମିତି ଏକ ଗୁଣ ଯାହା ସାଧାରଣ ବ୍ୟକ୍ତିକୁ ହିଁ ଅସାଧାରଣରେ ପରିଣତ କରାଏ। ସଂଯମ କେବଳ ଇନ୍ଦ୍ରିୟମାନଙ୍କୁ ନିୟନ୍ତ୍ରଣରେ ରଖେ ନାହିଁ ବରଂ ମନ, ବାଣୀ ଏବଂ କର୍ମମାନଙ୍କୁ ସଠିକ୍ ନିୟନ୍ତ୍ରଣ ଏବଂ ଦିଗ ଦେବାର ଏକ ଅଦ୍ଭୁତ କଳା ଅଟେ। ଯଦି ବିଶ୍ୱାସ ଜୀବନ ଆଧାର ଅଟେ, ତେବେ ସଂଯମ ତାହାର ଦିଗବାରିଣୀ ସଦୃଶ। ମନୁଷ୍ୟ ଭିତରେ ଅସରନ୍ତି ଶକ୍ତି ପରିପୂର୍ଣ୍ଣ। ଏହି ଉର୍ଜା ସୃଜନ ଶକ୍ତିର ଆଧାର ହୋଇଥିବା ବେଳେ, ବିନାଶର କାରଣ ମଧ୍ୟ ବେଳେ ବେଳେ ହୋଇଥାଏ। ଯେତେବେଳେ ଗୋଟିଏ ନଦୀ ନିଜର ସୀମା ଭିତରେ ବୋହିଥାଏ, ସେତେବେଳେ ସେ ଜୀବନଦାୟିନୀ ହୋଇଥାଏ। କିନ୍ତୁ ଯେତେବେଳେ ଉଚ୍ଛୁଳା ବନ୍ୟାରେ କୂଳ ଲଙ୍ଘନ କରେ, ସେତେବେଳେ ସବୁ କିଛି ଉଜାଡ଼ି ଦେଇଥାଏ। ଏହି ନଦୀସମ ସ୍ଥିତି ମଧ୍ୟ ମନୁଷ୍ୟର ପ୍ରବୃତ୍ତିଗତ ଓ ଏହା ମଣିଷ ଭିତରେ ସମାହିତ। ମଣିଷ ସଂଯମତାର ସହିତ କାମ କଲେ ସେ ସୁଖ ଶାନ୍ତି ଏବଂ ସଫଳତାକୁ ପ୍ରାପ୍ତ କରିବାରେ ସକ୍ଷମ ହୁଏ ଏବଂ ଯେତେବେଳେ ସେ ଅସଂଯମତାରେ କାମ କରେ, ସେତେବେଳେ ସେ ଦୁଃଖ ଏବଂ ନୈରାଶ୍ୟକୁ ବରଣ କରେ। ସଂଯମତାର ପ୍ରକୃତ ଅର୍ଥ ଇଚ୍ଛା ଶକ୍ତିକୁ ଦମନ ନୁହେଁ, ବରଂ ଏହା ଆତ୍ମସଂଯମର ଏପରି ଏକ ପ୍ରକାଶ୍ୟ ଅନୁଭବ ଯେଉଁଥିରେ ବ୍ୟକ୍ତି ନିଜ ଭିତରେ ଜାଗ୍ରତ ନେଉଥିବା ଭାବନା ଏବଂ ଇଚ୍ଛାମାନଙ୍କୁ ଉଚିତ ମାର୍ଗରେ ପରିଚାଳିତ କରିବାକୁ ସମର୍ଥ ହୁଏ। ଅର୍ଥାତ୍ ଏପରି ଯେ କ୍ରୋଧ ସମସ୍ତ ମାନବମାନଙ୍କ ଠାରେ ଥାଏ, କିନ୍ତୁ ଏହି କ୍ରୋଧ ଯେତେବେଳେ ମଣିଷ ପାଖରେ ଅନିୟନ୍ତ୍ରିତ ହୋଇଯାଏ, ସେବେଳେ ଏହା ମଣିଷର ସମ୍ବନ୍ଧ ଉପରେ ପ୍ରଭାବ ପକେଇଥାଏ ଏବଂ ଯେତେବେଳେ ସଂଯମିତ ହୋଇଯାଏ ଏହା ଅନ୍ୟାୟ ଏବଂ ଅନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାର ଶକ୍ତି ହାସଲ କରେ। ଏହିପରି ବାଣୀର ସଂଯମତା ରଖୁଥିବା ବ୍ୟକ୍ତି ହିଁ କଟୁତାରୁ ନିଜକୁ ଦୂରେଇ ସମ୍ବାଦ ଏବଂ ସମାଧାନର ମାର୍ଗକୁ ପ୍ରଶସ୍ତ କରାଏ।

ଆଜିର ଏହି ତେଜମୟ ଜୀବନ ଦୌଡ଼ରେ ଏବଂ ତର୍କବାଦୀ ବିଶ୍ୱରେ ସଂଯମତାର ମହତ୍ତ୍ୱ ଅଧିକରୁ ଅଧିକ ଆବଶ୍ୟକତା ମନେ ହେଉଛି। ବର୍ତ୍ତମାନ ସାମାଜିକ-ଗଣମାଧ୍ୟମ ଯୁଗରେ, ବ୍ୟକ୍ତି ବିନା ଚିନ୍ତା ଚେତନାରେ ଏବଂ କିଛି ନ ବୁଝି ନ ଶୁଝି ପ୍ରତିକ୍ରିୟା ଉପସ୍ଥାପିତ କରୁଛନ୍ତି। ଏଥିପାଇଁ ସମ୍ପର୍କରେ ତିକ୍ତତା ଏବଂ ସମାଜରେ ଅସଂଯମତା ସୃଷ୍ଟି ହେଉଛି। ଯଦି ବ୍ୟକ୍ତି ଜଣକ କିଛି ଟିପ୍ପଣୀ ଦେବା ପୂର୍ବରୁ ଚିନ୍ତା କରନ୍ତା ଏବଂ ଭାବନ୍ତା ଯେ ତାହାର ଟିପ୍ପଣୀ ଓ ତଦ୍‌ଜନିତ ଶବ୍ଦ କାହାରିକୁ ଆଘାତ ଦେଉନାହିଁ ତ? ତେବେ ଅନେକ ବିବାଦ ଜନ୍ମ ନିଅନ୍ତା ନାହିଁ। ଏହିପ୍ରକାର ସଂଯମର ଛୋଟଛୋଟ ଅଭ୍ୟାସ ବଡ଼ ବଡ଼ ପରିଣାମ ବା ବିପର୍ଯ୍ୟୟକୁ ଡାକି ଆଣିପାରେ। ସଂଯମର ଦ୍ୱିତୀୟ ପରିଣାମ ହେଉଛି ଇନ୍ଦ୍ରିୟ ସଂଯମ। ଭୋଗ-ବିଳାସର ପ୍ରବୃତ୍ତିମାନ ମନୁଷ୍ୟକୁ ସବୁବେଳେ ଆକର୍ଷିତ କରେ। ଖାଦ୍ୟପେୟରେ ଆସକ୍ତି, ମନୋରଞ୍ଜନରେ ଆସକ୍ତି ଏବଂ ଧନର ଲାଳସା ଜୀବନ ସନ୍ତୁଳନକୁ ବିଘଟନ କରେ। ଯେଉଁ ବ୍ୟକ୍ତି ମିତବ୍ୟୟିତା ଆପଣାଇ ଜୀବନ ବଞ୍ଚିବାର କଳାକୁ ଶିଖାଯାଏ ଏବଂ ସଂସାଧନକୁ ସନ୍ତୁଳିତ ଭାବେ ଉପଭୋଗ କରେ, ସେ ବ୍ୟକ୍ତି ଦୀର୍ଘକାଳୀନ ସୁଖ ସ୍ୱାଚ୍ଛନ୍ଦ୍ୟକୁ ପାଇବାରେ ସକ୍ଷମ ହୁଏ। ପ୍ରାଚୀନ ଭାରତୀୟ ସଂସ୍କୃତି ଏହି କାରଣ ପାଇଁ ସଂଯମକୁ ତପସ୍ୟା ଭାବରେ ବର୍ଣ୍ଣନା କରିଛି।

ସଂଯମର ଅନ୍ୟ ଏକ ସ୍ୱରୂପ ମଧ୍ୟ ସମୟ-ପ୍ରବନ୍ଧନରେ ଝଲସେ। ଅସଂଯମୀ ବ୍ୟକ୍ତି ସମୟକୁ ସଠିକ୍ ଉପଯୋଗ ନ କରିପାରି ଅନୁଶୋଚନା କରେ। କିନ୍ତୁ ସଂଯମୀ ବ୍ୟକ୍ତି ସମୟର ମହତ୍ତ୍ୱକୁ ଉପଲବ୍ଧି କରି ତାର ପ୍ରତ୍ୟେକ ମୁହୂର୍ତ୍ତକୁ ସତ୍‌ଉପଯୋଗ କରେ। ଏଥିପାଇଁ ସଂଯମକୁ ସଫଳତାର ମୂଳମନ୍ତ୍ର ବୋଲି ଧରାଯାଏ। ମାନବ ସମ୍ପର୍କରେ ମଧ୍ୟ ସଂଯମ ଅନିବାର୍ଯ୍ୟ। ପରିବାର, ମିତ୍ରତା, ଦାମ୍ପତ୍ୟ ଜୀବନ ଏସବୁ ଧୈର୍ଯ୍ୟ ଓ ସଂଯମତା ଉପରେ ନିର୍ଭର କରେ। ଯଦି ବ୍ୟକ୍ତି ନିଜର ସ୍ୱାର୍ଥ ଓ କ୍ରୋଧକୁ ସଂଯମ ନ କରେ, ତେବେ ସମ୍ପର୍କ ବାଧିତ ହୁଏ, ଯଦି ଏହା ଅହଂକାର ଉପରେ ନିୟନ୍ତ୍ରଣ ରଖେ, ତେବେ ସମ୍ବନ୍ଧ ମଧୁର ହୋଇ ଉଠେ। ଧନୁରୁ ତୀର ଥରେ ବାହାରି ଗଲେ, ଏହା ଲକ୍ଷ୍ୟରେ ନ ପହଞ୍ଚିପାରେ କିନ୍ତୁ ଜିହ୍ୱାରୁ ଥରେ ଅପଶବ୍ଦ ବା ଅପମାନ ସୂଚକ ଶବ୍ଦ ଯେବେ ବାହାରିଯାଏ ତେବେ ସେ ନିଶ୍ଚିତ ଭାବରେ ହୃଦୟର ଲକ୍ଷ୍ୟସ୍ଥଳକୁ ଭେଦ କରିବ। ମହାଭାରତରେ ଦ୍ରୌପଦୀଙ୍କର କଟାକ୍ଷ 'ଅନ୍ଧ ପୁଅ ଅନ୍ଧ' ରୂପକ ବାଣୀ ଭରପୁର ରାଜ ପାରିଷଦଙ୍କ ଉପସ୍ଥିତିରେ ନିଶ୍ଚିତ ଭାବରେ ଧନୁଶରର ଆଘାତ ଠାରୁ ତତୋଧିକ ଆଘାତ ମହାମାନି ଦୁର୍ଯ୍ୟୋଧନଙ୍କୁ ଦେଇଥିଲା। ତେଣୁ ମହାଭାରତ ଯୁଦ୍ଧର ଏହା ମଧ୍ୟ ଏକ ଅନ୍ୟତମ କାରଣ ହୋଇପାରେ। ତେଣୁ ସଂଯମତା ହିଁ ମଣିଷକୁ ବିପଦରୁ ରକ୍ଷା କରିବାରେ ସାହାଯ୍ୟ କରେ। ଭଗବତ କହେ "କୋମଳ ମଧୁର ବଚନ - କହି ତୋଷିବ ଜନ ମନ"। କୋମଳ ମଧୁର ବଚନ ସଦା ସର୍ବଦା ପ୍ରାଣୀର ହୃଦୟକୁ ସ୍ପର୍ଶ ବା ଆନ୍ଦୋଳିତ କରିଥାଏ। ଏହା ସଂଯମତା ଶକ୍ତିର ଏକ ଅଂଶ।

ସେହିପରି ଗୌତମ ବୁଦ୍ଧଙ୍କର ସଂଯମତା ବା ତପସ୍ୟା ଦୁନିଆକୁ ଏକ ନୂତନ ଦିଗ୍‌ଦର୍ଶନ ବା ଆଲୋକବର୍ତ୍ତିକା ଦେଇଥିଲା ଏବଂ ତାଙ୍କୁ ଏବେ ମଧ୍ୟ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଅମର କରି ରଖିଛି। ତାଙ୍କର ଚତୁଃମାର୍ଗ (ଚାରୋଟି ଆର୍ଯ୍ୟ ସତ୍ୟ) ହେଉଛି ବୌଦ୍ଧ ଧର୍ମର ମୂଳଦୁଆ, ଯାହା ଜୀବନର ଦୁଃଖର କାରଣ ଏବଂ ନିବାରଣ ବିଷୟରେ କହେ। ଏହି ମାର୍ଗଗୁଡ଼ିକ ହେଲା- (୧) ଜୀବନ ଦୁଃଖମୟ, (୨) ଦୁଃଖର କାରଣ ତୃଷ୍ଣା ବା ଆଶା, (୩) ଦୁଃଖ ଦୂର ହୁଏ ତୃଷ୍ଣାର ବିନାଶ ଦ୍ୱାରା, (୪) ଅଷ୍ଟାଙ୍ଗିକ ମାର୍ଗ ଦ୍ୱାରା ମଣିଷର ଦୁଃଖ ଅଚିରେ ବିନାଶ ହୁଏ। ଏହି ଅଷ୍ଟାଙ୍ଗ ମାର୍ଗ ହେଉଛି ମଣିଷର ଧର୍ଯ୍ୟ ବା ସଂଯମତା, ଏହାର ଅନ୍ୟ ନାମ ହେଲା ତପସ୍ୟା। ତେଣୁ ଏହି ମାର୍ଗ ଦ୍ୱାରା ଜୀବନର ଲକ୍ଷ୍ୟ ବା ଜନ୍ମ ମଧ୍ୟ ଚରିତାର୍ଥ ହୋଇଯାଏ। ଆତ୍ମା ଶେଷରେ ନିଜର ଦୃଢ଼ ସଂଯମତା ବା ତପ ବଳରେ ପରମାତ୍ମାଙ୍କ ସହିତ ମିଳନର ରାସ୍ତା ଫିଟିଯାଇଥାଏ। ତେଣୁ ଆମେ ନିଶ୍ଚିତ ଭାବରେ କହିପାରିବା ଯେ ସଂଯମତା ହିଁ ଜୀବନଧାରାର ସଂଜୀବନୀ ମନ୍ତ୍ର ବା ଜୀବନ ନୌକାର ଦିଗବାରେଣୀ। ଗୋଟିଏ ସଂଯମୀ ଆତ୍ମା ହିଁ ଅନ୍ୟର ମଙ୍ଗଳ କାମନା କରିବା ସହିତ ଦେଶର ମଙ୍ଗଳ କାମନା ମଧ୍ୟ କରେ। ଆମ ବେଦ ସଦା ସର୍ବଦା ଉଦ୍‌ଘୋଷଣ କରେ - "ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟା, ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା କଶ୍ଚିଦ ଦୁଃଖ ଭାଗବବେତ୍।" ଯେତେବେଳେ ମଣିଷ ଭିତରେ ସଂଯମତା ବା ତପସ୍ୟା ଦ୍ୱାରା ଅନ୍ତର୍ନିହିତ ଶକ୍ତିର ପରିପ୍ରକାଶ ଘଟେ, ସେତେବେଳେ ସେ ଗାଇ ଉଠେ "ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ।" ତେଣୁ ଭୀମଭୋଇଙ୍କର ଏହି କାଳଜୟୀ ପଦ୍ୟାଂଶଟି ନିଶ୍ଚିତ ଭାବରେ ଆମ ମଣିଷ ପାଇଁ ଏବଂ ଦେଶ ପାଇଁ ଏକ ଅମୂଲ୍ୟ ବାଣୀ। ଏହା ନିଶ୍ଚିତ ଭାବରେ ତାଙ୍କ ସଂଯମତା, ତପସ୍ୟା ଏବଂ ତାଙ୍କ ହୃଦୟର ଅନ୍ତର୍ନିହିତ ବାଣୀ। ତେଣୁ ସଂଯମତା ଦ୍ୱାରା ହିଁ ଆମ ଭାରତର ପ୍ରଧାନମନ୍ତ୍ରୀ ବାଂଲାଦେଶ ସହିତ ଲାଗିରହିଥିବା ତିକ୍ତତା ରୂପକ ନିଶ୍ଚିତ ଯୁଦ୍ଧରୁ ଦେଶକୁ ବିରତ ରଖିବାରେ ସାହାଯ୍ୟ କରିଥିଲା। ପ୍ରଧାନମନ୍ତ୍ରୀ ଚାହିଁଥିଲେ ମତ୍ସ୍ୟନ୍ୟାୟ ଆଧାରରେ ବଡ଼ ମାଛ ଛୋଟ ମାଛକୁ ଅଚିରେ ଗିଳିପାରିଥାଆନ୍ତା। ତେଣୁ ସେ ସଂଯମତା ନାମକ ଅସ୍ତ୍ର ଦ୍ୱାରା ହିଁ ଏ ଯୁଦ୍ଧ ଘନଘଟାକୁ ଟାଳି ପାରିଥିଲେ। ଗୋପବନ୍ଧୁଙ୍କର ସେ କବିତା "ମିଶୁ ମୋର ଦେହ ଏ ଦେଶ ମାଟିରେ ଦେଶବାସୀ ଚାଲିଯାଆନ୍ତି ପିଠିରେ ଦେଶର ସ୍ୱରାଜ୍ୟ ପଥେ ଯେତେ ଗାତ୍ର ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼।" ତେଣୁ ଏ ବାଣୀ ନିଶ୍ଚିତ ଭାବରେ ଆମ ସମସ୍ତଙ୍କୁ ଆତ୍ମସଂଯମତାର ମନ୍ତ୍ରରେ ମନ୍ତ୍ରିତ କରିବ ଏବଂ ସରକାରଙ୍କୁ ଆତ୍ମକଲ୍ୟାଣର ମାର୍ଗରେ ନେଇଯିବ। ଆମର ଲକ୍ଷ୍ୟ ୨୦୩୬ରେ ବିକଶିତ ଓଡ଼ିଶା ଏବଂ ୨୦୪୬ରେ ବିକଶିତ ଭାରତ ବର୍ଷର ସ୍ୱପ୍ନକୁ ଚରିତାର୍ଥ କରୁ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୨ ସେପ୍ଟେମ୍ବର ୨୦୨୬ ବୁଧବାର

# ଆଭା

## ଖୁଦୁରୁକୁଣୀ ଓଷାର ମହତ୍ତ୍ୱ





ଓଡ଼ିଶାର ପରମ୍ପରା ଓ ପର୍ବପର୍ବାଣୀ ସବୁକିଛି ସ୍ୱତନ୍ତ୍ର । ଓଷା ବ୍ରତ ମଧ୍ୟରେ ଖୁଦୁରୁକୁଣୀ ଓଷାର ରହିଛି ଏକ ବିଶେଷ ସ୍ଥାନ। ବିଶେଷ କରି ଅବିବାହିତ ଝିଅମାନେ ଏହି ପୂଜାକୁ ଭକ୍ତି ଓ ଶ୍ରଦ୍ଧାର ସହ ପାଳନ କରିଥାନ୍ତି। କିନ୍ତୁ ଏହି ପୂଜା ପଛରେ ଥିବା କାହାଣୀ କ'ଣ ଏବଂ କାହିଁକି ଖୁଦୁରୁକୁଣୀ ଓଷା ରଖନ୍ତି ଭଉଣୀ। ଆସନ୍ତୁ ସେ ସମ୍ପର୍କରେ ଜାଣିବା । ପୁରାଣ ଅନୁସାରେ, ଏହି ଓଷାର ସମ୍ପର୍କ ମା'ମଙ୍ଗଳାଙ୍କ ସହ ଜଡ଼ିତ । ଲୋକକଥା ଅନୁସାରେ, ଯେବେ ଓଡ଼ିଶା କଳିଙ୍ଗ ନାମରେ ପରିଚିତ ଥିଲା , ସେତେବେଳେ ଅନେକ ବ୍ୟବସାୟୀ ସମୁଦ୍ର ପଥରେ ବାଣିଜ୍ୟ କରିବାକୁ ଦୂର ଦେଶକୁ ଯାଉଥିଲେ। ବିଶେଷକରି ସାଧବ ପୁଅ ମାନେ ବାଣିଜ୍ୟ ବ୍ୟବସାୟ କରି ବହୁ ମୂଲ୍ୟବାନ ରତ୍ନ ରାଜ୍ୟକୁ ଆଣୁଥିଲେ। ତେଣୁ ଏବେବି ଓଡ଼ିଶାର ନୌବାଣିଜ୍ୟ ସାରା ବିଶ୍ୱରେ ପ୍ରସିଦ୍ଧ । ଏହି ପରମ୍ପରା ସହ ଜଡ଼ିତ ତାପୋଇଙ୍କ କାହାଣୀ । କାହାଣୀ ଅନୁଯାୟୀ, ତାପୋଇଙ୍କର ସାତ ଜଣ ଭାଇ ଥିଲେ। ଭାଇମାନେ ବ୍ୟବସାୟ ପାଇଁ ସମୁଦ୍ର ପାର ହୋଇ ଦୂର ଦେଶକୁ ଯାଉଥିଲେ। ୭ ଭାଇରେ ଗୋଟିଏ ଝିଅ ହୋଇଥିବାରୁ ତାପୋଇଙ୍କୁ ଭାଇମାନେ ବହୁତ ଭଲ ପାଉଥିଲେ । ଏକଦା ଭାଇମାନେ ବଣିଜ ପାଇଂ ଯାଇ ଫେରିବାରେ ବିଳମ୍ବ କରିଥିଲେ । ଫଳରେ ଭାଉଜମାନେ ତପୋଇଙ୍କୁ ବଣରେ ଛେଳି ଜଗେଇବା ଠାରୁ ଆରମ୍ଭ କରି ଅନେକ ନିର୍ଯ୍ୟାତନା ଦେଉଥିଲେ । ତେଣୁ ତପୋଇ ବଣରେ ମା'ମଙ୍ଗଳାଙ୍କୁ ପୂଜା କରିଥିଲେ । ଏବଂ ସେମାନେ ଶୀଘ୍ର ଘରକୁ ଫେରନ୍ତୁ ବୋଲି ପ୍ରାର୍ଥନା କରିଥିଲେ।

କାହାଣୀ ଅନୁସାରେ, ତପୋଇଙ୍କ ଭକ୍ତି ଓ ପ୍ରାର୍ଥନାରେ ମା'ପ୍ରସନ୍ନ ହୋଇ ତାଙ୍କ ଭାଇଙ୍କୁ ଶିଘ୍ର ଫେରାଇ ଆଣିଥିଲେ । ଏହି କାହାଣୀକୁ ମନେ ପକାଇ ଆଜି ମଧ୍ୟ ଝିଅମାନେ ଭାଇର ଶୁଭ ମନାସି ମା'ମଙ୍ଗଳାଙ୍କୁ ପୂଜା କରିବାର ପରମ୍ପରା ରହିଆସିଛି। ଖୁଦୁରୁକୁଣୀ ଓଷାରେ ଝିଅମାନେ ସକାଳୁ ଉଠି ବାଲୁକା ପୂଜା କରନ୍ତି । ମା'ମଙ୍ଗଳାଙ୍କ ମୂର୍ତ୍ତି ତିଆରି କରି ଫୁଲ, ଫଳ ଓ ବିଭିନ୍ନ ପୂଜା ସାମଗ୍ରୀରେ ପୂଜା କରନ୍ତି । ଏହି ଦିନ ତାପୋଇଙ୍କ କାହାଣୀ ମଧ୍ୟ ଶୁଣାଯାଏ। ତେବେ ଏହି ଖୁଦୁରୁକୁଣୀ ଓଷା କେବଳ ଏକ ପୂଜା ନୁହେଁ । ଏହା ଭାଇ-ଭଉଣୀଙ୍କ ଭଲପାଇବା, ପରିବାରର ମଙ୍ଗଳ ଏବଂ ଓଡ଼ିଆ ସଂସ୍କୃତିର ଏକ ସୁନ୍ଦର ପରମ୍ପରାର ପ୍ରତୀକ । ପିଢ଼ି ପରେ ପିଢ଼ି ଏହି ପରମ୍ପରା ଆଜି ମଧ୍ୟ ଓଡ଼ିଶାର ଘରେ ଘରେ ଜୀବନ୍ତ ରହିଛି। ଯାହା ଭାଇ-ଭଉଣୀର ସମ୍ପର୍କକୁ ଆହୁରି ମଜଭୁତ କରୁଛି।

## ଭାରତରେ ଅଙ୍ଗ ପ୍ରତିରୋପଣ ସଙ୍କଟ : ଆବଶ୍ୟକତା ଏବଂ ଉପଲବ୍ଧତା ମଧ୍ୟରେ ଆକାଶ ପାତାଳ ପାର୍ଥକ୍ୟ



**ହାଇଦ୍ରାବାଦ:** ଆମେ ପ୍ରାୟତଃ ଅଙ୍ଗ ପ୍ରତିରୋପଣକୁ ଏକ ଅସାଧାରଣ ଚିକିତ୍ସା ବିଜ୍ଞାନ ବୋଲି ଭାବୁ। କାରଣ ଯଦି ଜଣେ ରୋଗୀଙ୍କ ଶରୀରରେ ଆବଶ୍ୟକୀୟ ଅଙ୍ଗ ପ୍ରତିରୋପଣ କରାଯାଏ, ତେବେ ସେ ଦ୍ୱିତୀୟ ଜୀବନ ପାଇଥାନ୍ତି । ଆମ ଦେଶରେ ପ୍ରତିବର୍ଷ ହଜାର ହଜାର ଅଙ୍ଗ ପ୍ରତିରୋପଣ କରାଯାଉଥିଲେ ମଧ୍ୟ ଜନ ସଂଖ୍ୟା ବୃଦ୍ଧି, ଦୀର୍ଘକାଳୀନ ରୋଗ, ହସ୍ପିଟାଲ, ଡାକ୍ତର ଏବଂ ଅଙ୍ଗଦତାଙ୍କ ଘୋର ଅଭାବ ଯୋଗୁଁ ଚାହିଦା ଅନୁପାତରେ ଅଙ୍ଗ ପ୍ରତିରୋପଣ କରାଯାଇପାରୁନାହିଁ । ଦି ଲାନସେଟ୍ ରିଜିଓନାଲ୍ ହେଲ୍ଥ- ସାଉଥ୍ ଏସିଆ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଭାରତରେ ଅଙ୍ଗ ପ୍ରତିରୋପଣ ଆବଶ୍ୟକତା ଏବଂ ଉପଲବ୍ଧତା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ରହିଛି । ପ୍ରତିବର୍ଷ ଦେଶରେ ହଜାର ହଜାର ଲୋକ ଅଙ୍ଗ ପ୍ରତିରୋପଣ କରିବା ପାଇଁ ଇଚ୍ଛା ପ୍ରକାଶ କରୁଥିବା ବେଳେ ସେହି ଅନୁପାତରେ ଅଙ୍ଗଦାତା ମିଳୁନାହାନ୍ତି । ଦେଶର ଜନସଂଖ୍ୟା ବୟସ ବୃଦ୍ଧି ଏବଂ ଦୀର୍ଘକାଳୀନ ରୋଗ ବୃଦ୍ଧି ସହ ଏହି ପାର୍ଥକ୍ୟ ଆହୁରି ବୃଦ୍ଧି ପାଇବାର ଆଶା କରାଯାଉଛି । ଉଦାହରଣ ସ୍ୱରୂପ, ୨୦୨୧ ମସିହାରେ, ଭାରତରେ ପ୍ରାୟ ୪୦୬,୦୦୦ ଅଙ୍ଗ ପ୍ରତିରୋପଣ ଆବଶ୍ୟକ ଥିଲା, କିନ୍ତୁ କେବଳ ୧୨,୨୩୬ ପ୍ରତିରୋପଣ କରାଯାଇଥିଲା ।

## ଚୀନରେ କମୁଛି ବିବାହ ହାର : ବ୍ୟାଙ୍କ, ନାଇଟ୍ କ୍ଲବ୍ ଓ ମେଟ୍ରୋ ଷ୍ଟେସନରେ ହେଉଛି ବାହାଘର ପଞ୍ଜୀକରଣ



**ନୂଆଦିଲ୍ଲୀ :** ଚିନ୍ତାରେ ପଡ଼ିଛନ୍ତି ଚୀନ ସରକାର । ଦେଶରେ ଲଗାତାର ହ୍ରାସ ପାଇବାରେ ଲାଗିଛି ଜନ୍ମହାର ଏବଂ ବୃଦ୍ଧି ପାଉଛି ବୃଦ୍ଧାବସ୍ଥା ଜନସଂଖ୍ୟା ସଙ୍କଟ । ଏହାସହ ଲଢ଼ିବା ପାଇଁ ଏବେ ଚୀନ୍ ସରକାର ଅଭିନବ ଉପାୟ ଆପଣାଉଛନ୍ତି । ଏହା ଦ୍ୱାରା ସେ ଯୁବକଯୁବତୀଙ୍କୁ ବିବାହ ପାଇଁ ଉତ୍ସାହିତ କରିଛନ୍ତି । 'ସାଉଥ୍ ଚାଇନା ମୋର୍ନିଂ ପୋଷ୍ଟ'ର ରିପୋର୍ଟ ଅନୁସାରେ, ଚୀନ୍ ପ୍ରଶାସନ ବିବାହ ପଞ୍ଜୀକରଣ ପ୍ରକ୍ରିୟାକୁ ସହଜ କରିବା ପାଇଁ ଏହାକୁ ସରକାରୀ ଅଫିସରୁ ବାହାର କରି ହସ୍ପିଟାଲ, ବ୍ୟାଙ୍କ, ନାଇଟ୍ କ୍ଲବ୍ ଏବଂ ମେଟ୍ରୋ ଷ୍ଟେସନ୍ ପର୍ଯ୍ୟନ୍ତ ନେଇ ଯାଇଛନ୍ତି ।

ଚୀନର ଭାଲେଣ୍ଟାଇନ୍ସ ଡେ' ଭାବେ ଜଣାଶୁଣା 'ଚିଶି ଫେଷ୍ଟିଭାଲ୍' ଅବସରରେ ଶାନଡୋଙ୍ଗ୍ ପ୍ରାନ୍ତର ଲିନଜି ଜିଲ୍ଲାରେ ଥିବା ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ହସ୍ପିଟାଲ୍ ପରିସରରେ ଏକ ମ୍ୟାରେଜ୍ କାଉଣ୍ଟରର ଶୁଭାରମ୍ଭ କରାଯାଇଛି । ହସ୍ପିଟାଲ ପ୍ରଶାସନ ଅନୁସାରେ, ଏବେ ଏହି କାଉଣ୍ଟର ମାଧ୍ୟମରେ ନବଦମ୍ପତି ଗୋଟିଏ ଛାତ ତଳେ ବିବାହ ପଞ୍ଜୀକରଣ କରି ପାରିବେ, ବିବାହ ପୂର୍ବରୁ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ପାରିବେ, ଗର୍ଭଧାରଣ ସମ୍ପର୍କିତ ପରାମର୍ଶ ମଧ୍ୟ ନେଇ ପାରିବେ ।

ସାରା ଦେଶରେ ବିବାହ ପଞ୍ଜୀକରଣକୁ ସହଜ କରିବା ପାଇଁ ଅନେକ ନିଆରା ସ୍ଥାନ ଚୟନ କରାଯାଇଛି। ତିଆନଜିନର 'ପୋଷ୍ଟାଲ୍ ସେଭିଂସ ବ୍ୟାଙ୍କ ଅଫ୍ ଚାଇନା'ରେ ପଞ୍ଜୀକରଣ ସହ ମ୍ୟାରେଜ୍ ଥିମ୍ କଷ୍ଟମ୍ ବ୍ୟାଙ୍କ କାର୍ଡ ଓ ଆର୍ଥିକ ପରାମର୍ଶ ଦିଆଯାଉଛି। ସାଂଘାଇର ଏକ ନାଇଟ କ୍ଲବରେ ପଞ୍ଜୀକରଣ ପ୍ରମାଣପତ୍ର ବଣ୍ଟନ ସହ ଇଲେକ୍ଟ୍ରୋନିକ୍ ମ୍ୟୁଜିକ୍ ଫେଷ୍ଟିଭାଲ୍ ଟିକେଟ୍ ଓ ଉପହାର ଦିଆଯାଉଛି। ଗୁଆଙ୍ଗଜୋ ବୈୟୁନ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ବିମାନ ଦେଖିବାର ରୋମାଞ୍ଚକର ଅନୁଭୂତି ସହ ମ୍ୟାରେଜ୍ ସାର୍ଟିଫିକେଟ୍ ପ୍ରଦାନ କରାଯାଉଛି। ସାଧାରଣ ପାର୍କ, ପ୍ରସିଦ୍ଧ ମନ୍ଦିର ଏବଂ ଅନହୁଇ ପ୍ରାନ୍ତର 'ସିଫୁଆ' ମେଟ୍ରୋ ଷ୍ଟେସନରେ ମଧ୍ୟ ରେଜିଷ୍ଟ୍ରେସନ ସେଣ୍ଟର ଖୋଲା ଯାଇଛି।

ଉଲ୍ଲେଖନୀୟ ଯେ, ଚୀନ ସରକାର ମେ ମାସ ୨୦୨୫ରେ ନିୟମ କୋହଳ କରି 'ହୁକୋଉ' (ସ୍ଥାନୀୟ ଗୃହ ପଞ୍ଜୀକରଣ)ର ବାଧ୍ୟତାମୂଳକତା ହଟାଇ ଦେଇଥିଲେ, ଯାହାଦ୍ୱାରା ଯେକୌଣସି ସ୍ଥାନରେ ବାହାଘର ହୋଇ ପାରିବ। ୨୦୨୫ ଶେଷ ଆଡ଼କୁ ଏଥିରେ ସାମାନ୍ୟ ସୁଧାର ଆସି ଥିଲେ ବି ୨୦୨୬ ପ୍ରଥମାର୍ଦ୍ଧରେ ବିବାହ ପଞ୍ଜୀକରଣରେ ପୁଣି ୭.୫ ପ୍ରତିଶତ ହ୍ରାସ ରେକର୍ଡ କରାଯାଇଛି।

ଚୀନର ସୋସିଆଲ ମିଡିଆ ପ୍ଲାଟଫର୍ମ (ୱେଇବୋ)ରେ ଏହାକୁ ନେଇ କଟାକ୍ଷ କରାଯାଉଛି। ଜଣେ ୟୁଜର୍ସ ଲେଖିଛନ୍ତି, ଲୋକମାନେ କ'ଣ ସେମାନଙ୍କୁ ପଞ୍ଜୀକରଣ ପାଇଁ ଜାଗା ମିଳୁ ନଥିବାରୁ ବାହା ହେଉ ନଥିଲେ ? ଅନ୍ୟ ଜଣେ ବ୍ୟଙ୍ଗାତ୍ମକ ଢଙ୍ଗରେ ଲେଖିଛନ୍ତି , ନାଗରିକ ମାମଲା ବ୍ୟୁରୋକୁ ଏବେ ଏଭରେଷ୍ଟ ଶୃଙ୍ଗ ଉପରେ ଛାଡ଼ପତ୍ର ସେବା ଆରମ୍ଭ କରି ଦେବା କଥା। ଆଉ ଜଣେ ୟୁଜର କହିଛନ୍ତି , ଯୁବପିଢ଼ିଙ୍କୁ ବାହାଘର ପାଇଁ ଜଟିଳ ଆଇନଗତ ପ୍ରକ୍ରିୟା ରୋକୁ ନାହିଁ, ବରଂ ଆଗାମୀ ଦଶନ୍ଧି ଗୁଡ଼ିକରେ ଆସିବାକୁ ଥିବା ଜୀବନର ସଂଘର୍ଷ ଓ ସାମ୍ନା କରୁଥିବା ଆତ୍ମବିଶ୍ୱାସ ଅଭାବ ରୋକୁଛି।

## ଦୁର୍ବଳ ହେଉଛି ଦୁଇ ମହାସାଗରର ସଂଯୋଗ



ଅନ୍ତର୍ଜାତୀୟ ପରିବେଶ ବୈଜ୍ଞାନିକମାନଙ୍କ ଦ୍ୱାରା କରାଯାଇଥିବା ଏକ ଗବେଷଣା ବିଶ୍ୱବ୍ୟାପୀ ଜଳବାୟୁ ବିଶେଷଜ୍ଞମାନଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଛି । ଏକ ରିପୋର୍ଟ ଅନୁଯାୟୀ, ପ୍ରଶାନ୍ତ ମହାସାଗର ଏବଂ ଭାରତ ମହାସାଗର ମଧ୍ୟରେ ଶତାବ୍ଦୀ ପୁରୁଣା ଋତୁକାଳୀନ ସମ୍ପର୍କ ଧୀରେ ଧୀରେ ଭାଙ୍ଗିଯାଉଛି । ବର୍ଦ୍ଧିତ ବିଶ୍ୱ ତାପମାତ୍ରା ଏବଂ ଜଳବାୟୁ ପରିବର୍ତ୍ତନ ଦୁଇଟି ପ୍ରମୁଖ ମହାସାଗର ମଧ୍ୟରେ ବାୟୁମଣ୍ଡଳୀୟ ଯୋଗାଯୋଗକୁ ବାଧା ଦେଉଛି । ହଜାର ହଜାର କିଲୋମିଟର ଦୂରତା ସତ୍ତ୍ୱେ, ଏହି ଦୁଇଟି ମହାସାଗର ନିରନ୍ତର ପରସ୍ପରର ଋତୁକାଳୀନ ସନ୍ତୁଳନକୁ ନିୟନ୍ତ୍ରଣ କରିଆସିଛି । କିନ୍ତୁ ଏହି ପ୍ରାକୃତିକ ସମ୍ପର୍କ ଏବେ ବିପଦରେ ପଡ଼ିଥିବା ପରି ମନେ ହେଉଛି । ଆନ୍ତଃ-ମହାସାଗର ବାୟୁ ସେତୁ ଏବଂ ୱାକର ସର୍କୁଲେସନ୍ ଏହି ବିଶାଳ ସାମୁଦ୍ରିକ ସଂଯୋଗ ବ୍ୟବସ୍ଥାରେ ପ୍ରଶାନ୍ତ ମହାସାଗର ବାୟୁସେତୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଏହା ଉଷ୍ଣ ପ୍ରଶାନ୍ତ ମହାସାଗର ଉପରେ ବାୟୁ ପ୍ରବାହର ଏକ ବିଶାଳ ଚକ୍ର । ଯେତେବେଳେ ଉଷ୍ଣ ପ୍ରଶାନ୍ତ ମହାସାଗର ଉପରେ ବାୟୁ ଗରମ ହୋଇ ବାୟୁମଣ୍ଡଳକୁ ଉପରକୁ ଉଠିଥାଏ, ଏହା ବିଭିନ୍ନ ଦିଗରେ ବ୍ୟାପିଥାଏ ଓ ଥଣ୍ଡା ଅଞ୍ଚଳରେ ପଡ଼ିଥାଏ ଏବଂ ପୃଷ୍ଠ ନିକଟରେ ପବନ ଚଳାଏ। ଏହି ବାୟୁମଣ୍ଡଳୀୟ ସେତୁ ପ୍ରଶାନ୍ତ ମହାସାଗର କାର୍ଯ୍ୟକଳାପର ପ୍ରଭାବକୁ ଭାରତ ମହାସାଗର ତାପମାତ୍ରାକୁ ସ୍ଥାନାନ୍ତରିତ କରେ । ଗବେଷଣାରୁ ଜଣାପଡିଛି ଯେ, ପ୍ରଶାନ୍ତ ମହାସାଗରର ବାୟୁମଣ୍ଡଳୀୟ ପ୍ରଣାଳୀ ଏବଂ ଭାରତ ମହାସାଗରର ତାପମାତ୍ରା ମଧ୍ୟରେ ସ୍ଥିର ସଂଯୋଗ ଗତ କିଛି ବର୍ଷ ମଧ୍ୟରେ ଯଥେଷ୍ଟ ଦୁର୍ବଳ ହୋଇଛି । ଗତ କିଛି ଦଶନ୍ଧି ଧରି, ଭାରତ ମହାସାଗରର ଋତୁଚକ୍ର ଆଉ ପ୍ରଶାନ୍ତ ମହାସାଗରର ଗତିବିଧି ଉପରେ ନିର୍ଭର କରିନାହିଁ ଯେପରି ଏହା ପୂର୍ବ ପରି ଥିଲା । ବୈଜ୍ଞାନିକମାନେ କହିଛନ୍ତି ଯେ, ଯେତେବେଳେ ଦୁଇଟି ବିଶାଳ ଜଳଭଣ୍ଡାର ମଧ୍ୟରେ ଏହି ପାରମ୍ପରିକ ସଂଯୋଗ ବିଚ୍ଛିନ୍ନ ହୁଏ, ସେତେବେଳେ ଭାରତ ମହାସାଗରର ନିଜସ୍ୱ ଜଳବାୟୁ ପ୍ରଣାଳୀ ସମ୍ପୂର୍ଣ୍ଣ ଅନିଶ୍ଚିତ ହୋଇଯାଏ। ଯାହା ଚିନ୍ତାଜନକ । ଦୁଇ ମହାସାଗର ମଧ୍ୟରେ ହେଉଥିବା ସମନ୍ୱୟର ବିପର୍ଯ୍ୟସ୍ତତା ସିଧାସଳଖ ବିଶାଳ ଭୂମି-ଭିତ୍ତିକ ଜନସଂଖ୍ୟାକୁ ପ୍ରଭାବିତ କରିବ। ଭାରତ ମହାସାଗରର ତାପମାତ୍ରା ଏବଂ ଜଳବାୟୁ ପରିସ୍ଥିତି ଆଫ୍ରିକା, ଏସିଆ ଏବଂ ଅଷ୍ଟ୍ରେଲିଆ ଭଳି ଘନ ଜନବହୁଳ ମହାଦେଶରେ ମୌସୁମୀ ବର୍ଷା, ମରୁଡ଼ି ଏବଂ ପବନର ଢାଞ୍ଚାକୁ ନିର୍ଣ୍ଣୟ କରେ। କେବଳ ସେତିକି ନୁହେଁ, ଏହି ବାଧା ଆମେରିକାର କାଲିଫର୍ନିଆ ରାଜ୍ୟ ପର୍ଯ୍ୟନ୍ତ ପାଣିପାଗକୁ ପ୍ରଭାବିତ କରିପାରେ । ଯେପର୍ଯ୍ୟନ୍ତ ଏହି ପ୍ରାକୃତିକ ସଂଯୋଗ ସ୍ଥିର ଥିଲା। ବୈଜ୍ଞାନିକମାନେ ଆଗାମୀ ବର୍ଷଗୁଡ଼ିକ ପାଇଁ ପାଗ ଏବଂ ମୌସୁମୀ ଢାଞ୍ଚାର ସଠିକ୍ ଭାବରେ ପୂର୍ବାନୁମାନ କରି ପାରୁଥିଲେ, ଯାହା ଏବେ ଆହୁରି କଷ୍ଟକର ହୋଇଯିବ । ସାମୁଦ୍ରିକ ସଂଯୋଗ ଦୁର୍ବଳ ହେବାର ପ୍ରାଥମିକ କାରଣ ଭାବରେ ଉଭା ହୋଇଛି ଏଲ୍ ନିନୋ ଏବଂ ବୃଦ୍ଧି ପାଉଥିବା ଗ୍ରୀନହାଉସ୍ ଗ୍ୟାସ୍ ନିର୍ଗମନ ଭଳି ପ୍ରାକୃତିକ ଘଟଣା । ଏଲ୍ ନିନୋ ସମୟରେ, ୱାକର ସର୍କୁଲେସନ୍ ଧୀର କିମ୍ବା ଦୁର୍ବଳ ହୋଇଯାଏ। ଯାହା ଭାରତ ମହାସାଗରକୁ ପହଞ୍ଚୁଥିବା ବାୟୁମଣ୍ଡଳୀୟ ବାର୍ତ୍ତାଗୁଡ଼ିକୁ ବାଧାପ୍ରାପ୍ତ କରେ । ଏହା ସହିତ, ବୃଦ୍ଧି ପାଉଥିବା ବାୟୁମଣ୍ଡଳୀୟ ଉତ୍ତାପ ମହାସାଗର ଉପରେ ବାୟୁର ପ୍ରାକୃତିକ ପ୍ରବାହ ଏବଂ ଚାପର ଢାଞ୍ଚାକୁ ଗୁରୁତର ଭାବରେ ବାଧା ଦେଉଛି। ଐତିହାସିକ ତଥ୍ୟ ଦର୍ଶାଉଛି ଯେ ଅତୀତରେ, ଯେତେବେଳେ ପ୍ରଶାନ୍ତ ମହାସାଗର ପରିବର୍ତ୍ତନ ହେଉଥିଲା, ସେତେବେଳେ ଭାରତ ମହାସାଗରର ତାପମାତ୍ରା ଢାଞ୍ଚା (ଭାରତ ମହାସାଗର ବେସିନ୍ ମୋଡ୍) ମଧ୍ୟ ସେହି ଅନୁସାରେ ପରିବର୍ତ୍ତନ ହେଉଥିଲା। ତଥାପି, ୧୯୫୦ ଦଶକରୁ ପରିସ୍ଥିତି ଦ୍ରୁତ ଗତିରେ ପରିବର୍ତ୍ତନ ହୋଇଛି । ମାନବଜାତ ଗ୍ରୀନହାଉସ୍ ଗ୍ୟାସର ପ୍ରଭାବ ଯୋଗୁଁ, ଉଷ୍ଣକଟିବନ୍ଧୀୟ ଭାରତ ମହାସାଗର ପ୍ରତି ଦଶନ୍ଧିରେ ହାରାହାରି ୦.୧° ସେଲସିୟସ୍ ହାରରେ ବଢୁଛି। ଏହି ନିରନ୍ତର ଉଷ୍ଣତା ଭାରତ ମହାସାଗରକୁ ପ୍ରଶାନ୍ତ ମହାସାଗରର ଚାପରୁ ମୁକ୍ତ କରିଛି, ଯାହା ଫଳରେ ଏହି ଐତିହାସିକ ସଂଯୋଗ ଭାଙ୍ଗି ଯାଇଛି ।

## ଛୋଟ ଦେଶ କିନ୍ତୁ କେବେ ହୋଇନାହିଁ ଗୁଲାମ



ବିଶ୍ୱର ଅଧିକାଂଶ ଦେଶକୁ କେବେ ନା କେବେ ବାହ୍ୟ ଶକ୍ତି ଦଖଲ କରିଛି । ତାହା ବ୍ରିଟିଶ ହେଉ, ଫରାସୀ ହେଉ, କିମ୍ବା ଅନ୍ୟ କୌଣସି ଦେଶ ହେଉ । ଭାରତ ପ୍ରାୟ ୨ଶହ ବର୍ଷ ଧରି ବ୍ରିଟିଶମାନଙ୍କର ଅଧିନରେ ଥିଲା । ତଥାପି, ଆମର ପଡ଼ୋଶୀ ଦେଶ ନେପାଳର ଇତିହାସ ସବୁଠାରୁ ଭିନ୍ନ । ଏକ ଛୋଟ ହିମାଳୟ ଦେଶ ହେବା ସତ୍ତ୍ୱେ, ନେପାଳ କେବେବି କୌଣସି ବିଦେଶୀ ଶକ୍ତିର ଅଧିନ ହୋଇନାହିଁ। ଆସନ୍ତୁ ଜାଣିବା ଏହା ପଛର ରହସ୍ୟ... ନେପାଳର ସବୁଠାରୁ ବଡ଼ ଶକ୍ତି ଏହାର ଭୌଗୋଳିକ ସ୍ଥିତି । ଏହି ଦେଶଟି ଉଚ୍ଚ ପର୍ବତ ଏବଂ ଘନ ଜଙ୍ଗଲ ଦ୍ୱାରା ଘେରି ରହିଛି। ଯାହା ହିମାଳୟର କୋଣରେ ଅବସ୍ଥିତ। ଏହି ଅଞ୍ଚଳ ଏତେ ଦୁର୍ଗମ ଯେ ଏଠାକୁ ବଡ଼ ସୈନ୍ୟବାହିନୀ ସହଜରେ ପ୍ରବେଶ କରିପାରିବେ ନାହିଁ। ଉପକରଣ ଏବଂ ଅସ୍ତ୍ରଶସ୍ତ୍ର ସହିତ ପାର୍ବତ୍ୟମୟ ଭୂଖଣ୍ଡ ଦେଇ ଚଢ଼ିବା ଯେକୌଣସି ବିଦେଶୀ ସେନା ପାଇଁ ଏକ କଷ୍ଟକର କାର୍ଯ୍ୟ । ଏହି କାରଣରୁ ସହଜରେ ସମତଳ ଅଞ୍ଚଳକୁ ଜୟ କରିଥିବା ଶକ୍ତିଗୁଡ଼ିକର ରଣନୀତି ନେପାଳ ବିରୁଦ୍ଧରେ କାମ କରିପାରିଲା ନାହିଁ । ନେପାଳ ସେନା, ବିଶେଷକରି ଗୋର୍ଖା ସୈନିକମାନେ, ସେମାନଙ୍କର ସାହସିକତା ଏବଂ ଯୁଦ୍ଧଶକ୍ତି ପାଇଁ ସାରା ବିଶ୍ୱରେ ପ୍ରସିଦ୍ଧ । ଯେତେବେଳେ ବ୍ରିଟିଶମାନେ ଭାରତ ଉପରେ ସେମାନଙ୍କର ଶାସନ ସମୟରେ ନେପାଳ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ, ସେତେବେଳେ ସେମାନଙ୍କୁ କଠୋର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲେ । ସୀମା ବିବାଦ ବୃଦ୍ଧି ପାଇଥିଲା ଏବଂ ୧୮୧୪ ମସିହାରେ ବ୍ରିଟିଶ ଏବଂ ନେପାଳ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା, ଯାହାକୁ ଆଙ୍ଗ୍ଲୋ-ନେପାଳ ଯୁଦ୍ଧ କୁହାଯାଏ। ଏହି ଯୁଦ୍ଧ ପ୍ରାୟ ଦୁଇ ବର୍ଷ ଧରି ଚାଲିଥିଲା। ସେମାନଙ୍କର ପାରମ୍ପରିକ ଅସ୍ତ୍ର, ଖୁକ୍ରି ସାହାଯ୍ୟରେ, ଗୋର୍ଖା ସୈନିକମାନେ ଆଧୁନିକ ବ୍ରିଟିଶ ସେନାକୁ ମାତ୍ ଦେଇଥିଲେ । ଦୀର୍ଘ ଯୁଦ୍ଧ ପରେ, ୧୮୧୬ ମସିହାରେ ବ୍ରିଟିଶ ଏବଂ ନେପାଳ ମଧ୍ୟରେ ସୁଗୌଲି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ, ନେପାଳକୁ ଏହାର କିଛି ଅଞ୍ଚଳ ବ୍ରିଟିଶମାନଙ୍କୁ ହସ୍ତାନ୍ତର କରିବାକୁ ବାଧ କରାଯାଇଥିଲା, ଯେଉଁଥିରେ ବର୍ତ୍ତମାନର କୁମାଉଣ ଏବଂ ଗଢ଼ୱାଲ ଅଞ୍ଚଳ ଅନ୍ତର୍ଭୁକ୍ତ । ତଥାପି, ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ଥିଲା ଯେ ବ୍ରିଟିଶମାନେ ନେପାଳକୁ ସିଧାସଳଖ ଶାସନ କରିବାକୁ କିମ୍ବା ଏହାକୁ ନିଜର ଉପନିବେଶ କରିବାକୁ ମନା କରିଥିଲେ। ନେପାଳ ଯୁଦ୍ଧରେ କ୍ଷତି ସହିଥିଲା, କିନ୍ତୁ ଏହାର ସାର୍ବଭୌମତ୍ୱ ଅର୍ଥାତ୍ ସ୍ୱାଧୀନତା ବଜାୟ ରଖିଥିଲା । ନେପାଳର ଶାସକନେପାଳର ତତ୍କାଳୀନ ଶାସକମାନେ ମଧ୍ୟ ବ୍ରିଟିଶ ରଣନୀତି ବିଷୟରେ ଭଲ ଭାବରେ ଅବଗତ ଥିଲେ ଏବଂ ସିଧାସଳଖ ମୁକାବିଲା ବଦଳରେ କୂଟନୀତିର ଆଶ୍ରୟ ନେଇଥିଲେ। ସୁଗୌଲି ଚୁକ୍ତି ପରେ, ନେପାଳ ବ୍ରିଟିଶମାନଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସ୍ଥାପନ କରିଥିଲା ଏବଂ ଗୋର୍ଖା ସୈନିକମାନଙ୍କୁ ନିଯୁକ୍ତି କରିବାରେ ମଧ୍ୟ ସେମାନଙ୍କୁ ସହାୟତା କରିଥିଲା । ଏହି ଗୋର୍ଖା ରେଜିମେଣ୍ଟଗୁଡ଼ିକ ପରେ ବ୍ରିଟିଶ ସେନାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଗଲା । ଏପରି ବ୍ୟବହାରିକ ନିଷ୍ପତ୍ତି ନେପାଳକୁ ଆହୁରି ବଡ଼ ସାମରିକ ସଂଘର୍ଷରୁ ରକ୍ଷା କରିଥିଲା ।

## ସୂର୍ଯ୍ୟ ଏବଂ ପୃଥିବୀ ମଧ୍ୟରେ ହାରାହାରି ଦୂରତା ପ୍ରାୟ ୧୫୦ ନିୟୁତ କିଲୋମିଟର



ଯଦି ସୂର୍ଯ୍ୟ ଅଦୃଶ୍ୟ ହୋଇଯାଏ ତେବେ କ'ଣ ହେବ ? । ପୃଥିବୀ କ'ଣ ତୁରନ୍ତ ଅନ୍ଧାର ହୋଇଯିବ,ନା କିଛି ସମୟ ପରେ ସୂର୍ଯ୍ୟ କିରଣ ଆସିଯିବ ? ଆଶ୍ଚର୍ଯ୍ୟର କଥା, ଯଦି ସୂର୍ଯ୍ୟ ହଠାତ୍ ଅଦୃଶ୍ୟ ହୋଇଯାଏ, ତଥାପି ପୃଥିବୀର ଲୋକମାନେ ପ୍ରାୟ ୮ ମିନିଟ ୨୦ ସେକେଣ୍ଡ ପାଇଁ ସୂର୍ଯ୍ୟ କିରଣ ଦେଖି ପାରିବେ । କାରଣ ସୂର୍ଯ୍ୟକିରଣ ସୂର୍ଯ୍ୟଠାରୁ ପୃଥିବୀରେ ପହଞ୍ଚିବାକୁ ସମୟ ଲାଗେ । ଏହି ବିଳମ୍ବ ଉଭୟଙ୍କ ମଧ୍ୟରେ ବିସ୍ତୃତ ଦୂରତା ଏବଂ ମହାକାଶରେ ଆଲୋକର ସୀମିତ ଗତି ଯୋଗୁଁ ହୋଇଥାଏ ।

ସୂର୍ଯ୍ୟ ଏବଂ ପୃଥିବୀ ମଧ୍ୟରେ ହାରାହାରି ଦୂରତା ପ୍ରାୟ ୧୫୦ ନିୟୁତ କିଲୋମିଟର । ଆଲୋକ ପ୍ରାୟ ୩ ଲକ୍ଷ ହଜାର କିଲୋମିଟର ପ୍ରତି ସେକେଣ୍ଡ ବେଗରେ ମହାକାଶ ଦେଇ ଯାତ୍ରା କରେ । ଏହି ଉଚ୍ଚ ବେଗ ସତ୍ତ୍ୱେ, ସୂର୍ଯ୍ୟକିରଣ ସୂର୍ଯ୍ୟଠାରୁ ପୃଥିବୀରେ ପହଞ୍ଚିବାକୁ ପ୍ରାୟ ୮ ମିନିଟ୍ ୨୦ ସେକେଣ୍ଡ ସମୟ ଲାଗେ । ଏହାର ଅର୍ଥ ହେଉଛି ପୃଥିବୀରେ ପହଞ୍ଚୁ ଥିବା ସୂର୍ଯ୍ୟକିରଣ ପ୍ରାୟ ୮ ମିନିଟ୍ ୨୦ ସେକେଣ୍ଡ ପୂର୍ବରୁ ସୂର୍ଯ୍ୟଙ୍କ ନିକଟରୁ ଆସିଥାଏ । ତେଣୁ, ଯଦି ସୂର୍ଯ୍ୟ ହଠାତ୍ ଅଦୃଶ୍ୟ ହୋଇଯାଏ, ତେବେ ଆକାଶରେ କୌଣସି ତୁରନ୍ତ ପରିବର୍ତ୍ତନ ହେବ ନାହିଁ । ଅନ୍ଧାର ହେବାକୁ ୮ ମିନିଟ୍ ୨୦ ସେକେଣ୍ଡ ସମୟ ଲାଗିବ ।

ସୂର୍ଯ୍ୟର ଅନ୍ତର୍ଦ୍ଧାନ ହେବାର ପ୍ରଭାବ କେବଳ ଦିବାଲୋକ ହ୍ରାସ ପର୍ଯ୍ୟନ୍ତ ସୀମିତ ନୁହେଁ । ସୂର୍ଯ୍ୟର ଗୁରୁତ୍ୱାକର୍ଷଣ ପୃଥିବୀକୁ ତାର କକ୍ଷପଥରେ ରଖେ । ଆଇନଷ୍ଟାଇନଙ୍କ ଆପେକ୍ଷିକ ତତ୍ତ୍ୱ ଅନୁଯାୟୀ, ଗୁରୁତ୍ୱାକର୍ଷଣର ପ୍ରଭାବରେ ପରିବର୍ତ୍ତନ ଆଲୋକର ଗତିରେ ପ୍ରସାରିତ ହୁଏ । ତେଣୁ, ପୃଥିବୀ ସୂର୍ଯ୍ୟର ଅନ୍ତର୍ଦ୍ଧାନ ହେବା ତୁରନ୍ତ ଜାଣି ପାରିବ ନାହିଁ । ଗୁରୁତ୍ୱାକର୍ଷଣର ପରିବର୍ତ୍ତନ ପ୍ରାୟ ୮ ମିନିଟ୍ ୨୦ ସେକେଣ୍ଡ ପରେ ପୃଥିବୀରେ ପହଞ୍ଚିବ । ସେହି ସମୟରେ, ସୂର୍ଯ୍ୟ ଆଉ ପୃଥିବୀକୁ ତାର ବର୍ତ୍ତମାନର କକ୍ଷପଥରେ ଧରି ରଖିପାରିବ ନାହିଁ । ସୂର୍ଯ୍ୟ ଚାରିପାଖରେ ତାର ସାଧାରଣ କକ୍ଷପଥ ଅନୁସରଣ କରିବା ପରିବର୍ତ୍ତେ, ପୃଥିବୀ ତାର ବର୍ତ୍ତମାନର ଗତିରେ ମହାକାଶରେ ଗତି କରିବ ।

ଚନ୍ଦ୍ର ନିଜର ଦୃଶ୍ୟମାନ ଆଲୋକ ଉତ୍ପାଦନ କରେ ନାହିଁ । ରାତିରେ ଆମେ ଦେଖୁଥିବା ଉଜ୍ଜ୍ୱଳ ଚନ୍ଦ୍ର ହେଉଛି ସୂର୍ଯ୍ୟକିରଣ । ଏହା ସୂର୍ଯ୍ୟର ପ୍ରତିଫଳିତ ହେବାର ଫଳାଫଳ । ସୂର୍ଯ୍ୟକିରଣ ପୃଥିବୀ-ଚନ୍ଦ୍ର ପ୍ରଣାଳୀରେ ପହଞ୍ଚିବା ବନ୍ଦ ହୋଇଗଲେ, ଚନ୍ଦ୍ରର ଆଉ ପୃଥିବୀ ଆଡକୁ ପ୍ରତିଫଳିତ ହେବା ପାଇଁ ସୂର୍ଯ୍ୟକିରଣ ରହିବ ନାହିଁ । ଫଳସ୍ୱରୂପ, ଏହା ଆଉ ରାତି ଆକାଶରେ ଦୃଶ୍ୟମାନ ହେବ ନାହିଁ । ଚନ୍ଦ୍ର ନିଜେ ପ୍ରକୃତରେ ଅଦୃଶ୍ୟ ହେବ ନାହିଁ, କେବଳ ଏହାର ପରିଚିତ ଚମକଦାର ଉଜ୍ଜ୍ୱଳ ଅଦୃଶ୍ୟ ହୋଇଯିବ ।

ସୂର୍ଯ୍ୟାଲୋକର ଅନୁପସ୍ଥିତିରେ ପୃଥିବୀର ତାପମାତ୍ରା ଦ୍ରୁତ ଗତିରେ ହ୍ରାସ ପାଇବ। ଅବଶ୍ୟ ଅନ୍ଧାର ହେବା କ୍ଷଣି ଗ୍ରହ ତୁରନ୍ତ ସ୍ଥଗିତ ହେବ ନାହିଁ। ପୃଥିବୀର ମହାସାଗର, ବାୟୁମଣ୍ଡଳ ଏବଂ ଭୂମି ତାପକୁ ଧରି ରଖେ ଏବଂ ଏହାରୁ ପ୍ରସାର କରେ । ଏହାର ଅର୍ଥ ହେଉଛି ତାପମାତ୍ରା ଧୀରେ ଧୀରେ ହ୍ରାସ ପାଇବ। ଆଗାମୀ କିଛି ଦିନ କିମ୍ବା ତା'ଠାରୁ ଅଧିକ ସମୟ ମଧ୍ୟରେ, ଗ୍ରହଟି ତାର ମୁଖ୍ୟ ବାହ୍ୟ ଶକ୍ତି ଉତ୍ସ ହରାଇବା ସହିତ ପୃଥିବୀ ପୃଷ୍ଠ ଆହୁରି ଥଣ୍ଡା ହେବ । ଶେଷରେ ପୃଥିବୀର ଅଧିକାଂଶ ଅଞ୍ଚଳ ଜଳ ଜମାଟ ବାନ୍ଧିବ, ଯାହା ଜୀବନ ପାଇଁ ଅତ୍ୟନ୍ତ କଷ୍ଟକର ପରିସ୍ଥିତି ସୃଷ୍ଟି କରିବ। ପୃଥିବୀର ବିଭିନ୍ନ ଅଂଶରେ ଥଣ୍ଡା ହେବା ତାପମାତ୍ରାର ହାର ଭିନ୍ନ ହେବ। ଉଦ୍ଭିଦଗୁଡ଼ିକ ଆଲୋକ ସଂଶ୍ଲେଷଣ ପାଇଁ ସୂର୍ଯ୍ୟାଲୋକ ଉପରେ ନିର୍ଭର କରନ୍ତି । ସେମାନେ ଖାଦ୍ୟ ଉତ୍ପାଦନ ପାଇଁ ଆଲୋକ ଶକ୍ତି, କାର୍ବନ ଡାଇଅକ୍ସାଇଡ ଏବଂ ପାଣି ବ୍ୟବହାର କରନ୍ତି । ଯଦି ସୂର୍ଯ୍ୟାଲୋକ ଅଦୃଶ୍ୟ ହୋଇଯାଏ, ତେବେ ଆଲୋକ ସଂଶ୍ଲେଷଣ ବନ୍ଦ ହୋଇଯିବ। ଉଦ୍ଭିଦଗୁଡ଼ିକ ପ୍ରାରମ୍ଭରେ ସେମାନଙ୍କର ସଂରକ୍ଷିତ ଶକ୍ତି ବ୍ୟବହାର କରି ବଞ୍ଚି ରହିବେ କିନ୍ତୁ ନୂତନ ଖାଦ୍ୟ ଉତ୍ପାଦନ କରିବାରେ ଅକ୍ଷମ ହୋଇ ଶେଷରେ ମରିଯିବେ । ଏହା ପ୍ରାଣୀ ଏବଂ ମଣିଷଙ୍କୁ ମଧ୍ୟ ପ୍ରଭାବିତ କରିବ । ପ୍ରଥମ ୮ ମିନିଟ୍ ୨୦ ସେକେଣ୍ଡ ପାଇଁ, ପୃଥିବୀ ସ୍ୱାଭାବିକ ଲାଗିବ । ସେହି ସମୟ ପରେ, ଅନ୍ଧାର ଆସିବ ଏବଂ ପୃଥିବୀର କକ୍ଷପଥ ସ୍ଥିତି ପରିବର୍ତ୍ତନ ହେବ । ତାପମାତ୍ରା ଧୀରେ ଧୀରେ ହ୍ରାସ ପାଇବ। ଆଲୋକ ସଂଶ୍ଲେଷଣ ବନ୍ଦ ହୋଇଯିବ। ପୃଥିବୀର ଇକୋସିଷ୍ଟମ ଧ୍ୱଂସ ପାଇବା ଆରମ୍ଭ ହେବ ।

# ଆଫଗାନିସ୍ତାନ ବିପକ୍ଷ ଟି୨୦ ଶୃଙ୍ଖଳା ପାଇଁ ଭାରତୀୟ ଦଳ ଘୋଷିତ



**ନୂଆଦିଲ୍ଲୀ**

ଆଫଗାନିସ୍ତାନ ବିପକ୍ଷ ଟି୨୦ ଶୃଙ୍ଖଳା ପାଇଁ ଭାରତୀୟ ଦଳ ମଙ୍ଗଳବାର ସନ୍ଧ୍ୟାରେ ଘୋଷିତ ହୋଇଛି। ଆସନ୍ତା ୧୩ ତାରିଖ ଠାରୁ ଉଭୟ ଦଳ ମଧ୍ୟରେ ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ତିନି ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାର ଆରମ୍ଭ ହେବ। ଶ୍ରେୟସ ଆୟରଙ୍କ ନେତୃତ୍ୱରେ ୧୫ ସଦସ୍ୟଯୁକ୍ତ ଦଳ ଘୋଷଣା ହୋଇଛି। ଏଥିରେ ଯଶପ୍ରୀତ୍ ବୁମ୍‌ରା ମଧ୍ୟ ସାମିଲ ଅଛନ୍ତି। ବୁମ୍‌ରା ଇଂଲଣ୍ଡ ଗସ୍ତ ପରେ କୌଣସି ମ୍ୟାଚ୍ ଖେଳିନାହାନ୍ତି। ମାତ୍ର ଫିଟ୍‌ନେସ୍ ଟେଷ୍ଟ କରିବା ପରେ ସେ ଏବେ ଖେଳିପାରିବେ।

ଜିମ୍ବାୱେ ଗସ୍ତରେ ଟି୨୦ ଦଳରୁ ବାହାରେ ଥିବା ସଂଜୁ ସାମସନ ଫେରିଛନ୍ତି। ସଂଜୁ ଟି୨୦ ବିଶ୍ୱକପ୍‌ରେ ଭାରତର ବିଜୟର ହିରୋ ଥିଲେ। ଆୟରଲାଣ୍ଡ ଏବଂ ଇଂଲଣ୍ଡରେ ଟି୨୦ ଶୃଙ୍ଖଳାର ପ୍ରାରମ୍ଭିକ ମ୍ୟାଚ୍‌ରେ ବିଫଳ ହେଲା ପରେ ତାଙ୍କୁ ଚୂଡ଼ାନ୍ତ ଏକାଦଶରୁ ବାଦ୍ ଦିଆଯାଇଥିଲା। ତାଙ୍କରି ସ୍ଥାନରେ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କୁ ଇଂଲଣ୍ଡ ବିପକ୍ଷରେ ସ୍ଥାନ ମିଳିଥିଲା। କିନ୍ତୁ ବୈଭବ ମଧ୍ୟ ସଫଳତା ହାସଲ କରିପାରି ନଥିଲେ। ଜିମ୍ବାୱେ ବିପକ୍ଷରେ ବୈଭବ ଭଲ ପ୍ରଦର୍ଶନ କରିଥିଲେ। ଆଫଗାନିସ୍ତାନ ବିପକ୍ଷ ଶୃଙ୍ଖଳାରେ ବୈଭବଙ୍କୁ ମଧ୍ୟ ଚୟନ କରାଯାଇଛି। କିନ୍ତୁ ଯୁବ ବ୍ୟାଟର ରିଙ୍କୁ ସିଂହ ବାଦ୍ ପଡ଼ିଛନ୍ତି।

## ସୂର୍ଯ୍ୟବଂଶୀ-ଇଶାନଙ୍କ ଚମତ୍କାର ବ୍ୟାଟିଂ

# ସେଣ୍ଟ୍ରାଲ ଜୋନ୍‌କୁ ହରାଇ ଦୁଲୀପ ଟ୍ରଫି ଫାଇନାଲରେ ଇଷ୍ଟ ଜୋନ୍



**ନୂଆଦିଲ୍ଲୀ**

ଇଶାନ କିଶନଙ୍କ ଅଧିନାୟକତ୍ୱରେ ଇଷ୍ଟ ଜୋନ୍ ଦଳ ଦୁଲୀପ ଟ୍ରଫିର ଫାଇନାଲରେ ନିଜ ସ୍ଥାନ ପକ୍କା କରିନେଇଛି। ସେଣ୍ଟ୍ରାଲ ଜୋନ୍ ଏବଂ ଇଷ୍ଟ ଜୋନ୍ ମଧ୍ୟରେ ଖେଳାଯାଇଥିବା ଏହି ମ୍ୟାଚ୍‌ଟି ମାତ୍ର ତୃତୀୟ ଦିନରେ ହିଁ ଶେଷ ହୋଇଯାଇଛି। ଇଷ୍ଟ ଜୋନ୍ ସାମ୍ନାରେ ଜିତିବା ପାଇଁ ୧୫୯ ରନର ଲକ୍ଷ୍ୟ ଥିଲା। ଏହାକୁ ଦଳ ମାତ୍ର ୬ଟି ୱିକେଟ୍ ହରାଇ ହାସଲ କରିନେଇଛି। ଯଦିଓ ବୈଭବ ସୂର୍ଯ୍ୟବଂଶୀଙ୍କ ବ୍ୟାଟ୍‌ରୁ ସେଭଳି ପ୍ରଦର୍ଶନ ଦେଖିବାକୁ ମିଳିନଥିଲା ଯେମିତି ଆଶା କରାଯାଉଥିଲା, କିନ୍ତୁ ଇଶାନ କିଶନ ଏକ ସଂଘର୍ଷପୂର୍ଣ୍ଣ ପାରି ଖେଳି ନିଜ ଦଳକୁ ଫାଇନାଲରେ ପ୍ରବେଶ କରାଇଛନ୍ତି। ଏହି ବିଜୟ ସହ ୧୩ ବର୍ଷ ପରେ ଇଷ୍ଟ ଜୋନ୍ ଦୁଲୀପ ଟ୍ରଫିର ଫାଇନାଲରେ ସ୍ଥାନ ପାଇଛି।

ଦୁଲୀପ ଟ୍ରଫିର ଫାଇନାଲରେ ପହଞ୍ଚିବା ପାଇଁ ଇଷ୍ଟ ଏବଂ ସେଣ୍ଟ୍ରାଲ ଜୋନ୍ ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରି ସେଣ୍ଟ୍ରାଲ ଜୋନ୍ ୨୬୬ ରନ୍ ସ୍କୋର କରିଥିଲା। ଏହାର ଜବାବରେ ଇଷ୍ଟ ଜୋନ୍ ଦଳ ମଧ୍ୟ ସମାନ ସଂଖ୍ୟକ ସ୍କୋର ଅର୍ଥାତ ୨୬୬ ରନ୍ କରିବାରେ ସଫଳ ହୋଇଥିଲେ। ଅର୍ଥାତ୍ ପ୍ରଥମ ଇନିଂସ ଆଧାରରେ ମ୍ୟାଚ୍ ବରାବର ରହିଥିଲା। ଏହାପରେ ମ୍ୟାଚ୍‌ର ଦ୍ୱିତୀୟ ଇନିଂସରେ ସେଣ୍ଟ୍ରାଲ ଜୋନ୍ ମାତ୍ର ୧୫୮ ରନ୍ କରିବାକୁ ସକ୍ଷମ ହୋଇଥିଲା। ଜବାବରେ ଇଷ୍ଟ ଜୋନ୍ ୬ ୱିକେଟ୍ ହରାଇ ୧୫୯ ରନ୍ କରି ମ୍ୟାଚ୍‌କୁ ନିଜ ନାମରେ କରିନେଇଥିଲା।

ମ୍ୟାଚ୍‌ର ପ୍ରଥମ ଇନିଂସରେ ବୈଭବ ସୂର୍ଯ୍ୟବଂଶୀ ୯୨ ରନର ଏକ ସୁନ୍ଦର ପାରି ଖେଳିଥିଲେ, କିନ୍ତୁ ଦ୍ୱିତୀୟ ଇନିଂସରେ ସେ ମାତ୍ର ୪୦ ରନ୍ କରି ଆଉଟ୍ ହୋଇଯାଇଥିଲେ। ଏକ ସମୟରେ ଲାଗୁଥିଲା ଯେ ଇଷ୍ଟ ଜୋନ୍ ଦଳ ସହଜରେ ଏହି ଲକ୍ଷ୍ୟ ହାସଲ କରିନେବ, କିନ୍ତୁ ସେଣ୍ଟ୍ରାଲ ଜୋନ୍‌ର ବୋଲରମାନେ କ୍ରମାଗତ ଭାବେ ୱିକେଟ୍ ନେଇ ମ୍ୟାଚ୍ ରୋମାଞ୍ଚକର କରିଦେଇଥିଲେ। ତେବେ ଅଧିନାୟକ ଇଶାନ କିଶନ ଏକ ପାର୍ଶ୍ୱରୁ ବ୍ୟାଟିଂ ସମ୍ଭାଳି ରଖିଥିଲେ ଏବଂ ନିଜ ଦଳକୁ ବିଜୟୀ କରାଇଥିଲେ। ସେ ୪୧ଟି ବଲ୍‌ରେ ୩୯ ରନର ଏକ ସଂଘର୍ଷପୂର୍ଣ୍ଣ ପାରି ଖେଳିଥିଲେ।

ଇଶାନ କିଶନ ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ଏପର୍ଯ୍ୟନ୍ତ ୧୫ଟି ମ୍ୟାଚ୍‌ରେ ଅଧିନାୟକତ୍ୱ କରି ସାରିଛନ୍ତି। ଏଥିମଧ୍ୟରୁ ଆଠଟିରେ ସେ ବିଜୟ ହାସଲ କରିଥିବା ବେଳେ ସାତଟି ମ୍ୟାଚ୍ ଡ୍ର’ ରହିଛି। ବିଶେଷ କଥା ହେଉଛି ସେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ମଧ୍ୟ ମ୍ୟାଚ୍ ହାରିନାହାନ୍ତି। ବର୍ତ୍ତମାନ ତାଙ୍କ ପାଖରେ ଆଉ ଏକ ଟ୍ରଫି ଜିତିବାର ସୁଯୋଗ ରହିଛି।

# ଆଞ୍ଚଳିକ ସ୍ତରୀୟ ସମୂହ କ୍ରୀଡ଼ା ପ୍ରତିଯୋଗିତା

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

କ୍ରୀଡ଼ା ତଥା କ୍ରୀଡ଼ାବିତ୍‌ଙ୍କ ବିକାଶ ହେଲେ ଶିକ୍ଷାର ବିକାଶ ହୋଇପାରିବ। ଏହି ପରିପ୍ରେକ୍ଷୀରେ ଖଲ୍ଲିକୋଟ ସ୍ଥିତ ଶ୍ରୀମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଆଞ୍ଚଳିକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଜୋନ୍:- ୧ ପକ୍ଷରୁ ଶୁଭ ଉଦ୍‌ଘାଟିତ ହୋଇଯାଇଛି। ଖଲ୍ଲିକୋଟ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ଦାସ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପତାକା ଉତ୍ତୋଳନ କରି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଆୟୋଜିତ ଉତ୍ସବରେ ବ୍ଲକ ସମୂହ କ୍ରୀଡ଼ା ପ୍ରତିଯୋଗିତାର ସମ୍ପାଦକ ପୀତବାସ ମହାପାତ୍ର ପ୍ରାକ୍ ସୂଚନା ପ୍ରଦାନ କରିଥିଲା ବେଳେ ଗୋପପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବେହେରା ସ୍ୱତନ୍ତ୍ର ଅତିଥି, ଶ୍ରୀମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରକଳା ବେହେରା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଡକ୍ଟର ଦ୍ୱାରିକାନାଥ ମହାରଣା ସମ୍ମାନୀତ ଅତିଥି ଭାବେ ଯୋଗଦାନ କରି ଛାତ୍ରଛାତ୍ରୀମାନେ କିଭଳି କ୍ରୀଡ଼ା ପ୍ରତି ଆକର୍ଷିତ ହେବେ। ସଫଳ କ୍ରୀଡ଼ାବିତ୍ ସୃଷ୍ଟି କରି ପ୍ରୋତ୍ସାହିତ କରିବା, ଶାରିରୀକ ସୁସ୍ଥତା ଦିଗରେ କ୍ରୀଡ଼ାର ଆବଶ୍ୟକତା ଆଦି ବହୁବିଧ ଦିଗ ଉପରେ ସାରସ୍ୱତ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠିତ ପ୍ରତିଯୋଗିତାରେ ଆଭାସ, ମଥୁରା, ଚିକିଲି, କନକା, ବଧିନୂଆପଲ୍ଲୀ କ୍ଲଷ୍ଟର୍ ଅଧୀନସ୍ଥ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଠନରତ ୧୪ ବର୍ଷରୁ କମ୍, ୧୭ ବର୍ଷରୁ କମ୍ ବାଳକ, ବାଳିକା ଦୌଡ଼ ପ୍ରତିଯୋଗିତା, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଡିସକସ ଥ୍ରୋ, ଜାଭେଲିନ୍ ଥ୍ରୋ ଆଦି ପ୍ରତିଯୋଗିତାରେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ଆଞ୍ଚଳିକ ସମ୍ପାଦକ ଆଶୁତୋଷ ପ୍ରଧାନ, ଶାରିରୀକ ଶିକ୍ଷା ପ୍ରଶିକ୍ଷକ ସୁକାନ୍ତ କୁମାର ବେହେରା, ଜ୍ୟୋତ୍ସ୍ନାବାଳା ସେନାପତି, ସୁବାସ ଚନ୍ଦ୍ର ସାହୁ, ମହନ୍ତ କୁମାର ଜେନା, ରଜତ କୁମାର ସାମନ୍ତ, ପ୍ରଶିକ୍ଷିକା ମଧୁମିତା ଦାଶ, ଦୀପ୍ତିମୟୀ ପାତ୍ରଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।



# ପାକିସ୍ତାନ ଚୟନ କମିଟିରୁ ଇସ୍ତଫା ଦେଲେ ମିସବାହ-ଉଲ୍-ହକ୍




**ଇସଲାମାବାଦ**

ପାକିସ୍ତାନ କ୍ରିକେଟକୁ ଏକ ବଡ଼ ଝଟ୍‌କା ଲାଗିଛି। ଇଂଲଣ୍ଡ ସିରିଜ୍ ମଧ୍ୟରେ ଦିଗ୍ଗଜ କ୍ରିକେଟର ମିସବାହ-ଉଲ୍-ହକ୍ ସିଲେକ୍ସନ କମିଟିରୁ ଇସ୍ତଫା ଦେଇଛନ୍ତି। ରିପୋର୍ଟ ଅନୁଯାୟୀ ମିସବାହ ପାକିସ୍ତାନ କ୍ରିକେଟ୍ ବୋର୍ଡକୁ ନିଜର ଇସ୍ତଫା ପତ୍ର ପଠାଇ ଦେଇଛନ୍ତି। ଏହାର କାରଣ ଏହା କୁହାଯାଇଛି ଯେ, ଇଂଲଣ୍ଡ ସିରିଜ୍‌ରୁ ଖେଳାଳିମାନଙ୍କୁ ବାଦ୍ ଦେବା ଏବଂ ସେମାନଙ୍କ ବଦଳ ଖେଳାଳି ଘୋଷଣା କରିବା ପୂର୍ବରୁ ତାଙ୍କୁ କୌଣସି ସୂଚନା ଦିଆଯାଇନଥିଲା।

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ପାକିସ୍ତାନ ଦଳର ପ୍ରଦର୍ଶନ ଅତି ନିମ୍ନମାନର ରହିଛି। ଏପର୍ଯ୍ୟନ୍ତ ଚାରିଟି ଇନିଂସରେ ଦଳର ସ୍କୋର ୧୭୧ ରନ୍, ୧୩୫ ରନ୍, ୧୧୦ ରନ୍ ଏବଂ ୧୯୪ ରନ୍ ରହିଛି। ଚାରିଟି ଇନିଂସ ମଧ୍ୟରେ ଦଳ ଥରେ ହେଲେ ବି ୨୦୦ ରନ୍‌ର ମାର୍କ ପାର୍ କରିପାରି ନାହିଁ। ଯାହାକି ବେଶ୍ ଲଜ୍ଜାଜନକ ବିଷୟ ଅଟେ।

ତୃତୀୟ ଟେଷ୍ଟ ମ୍ୟାଚ୍ ପୂର୍ବରୁ ପାକିସ୍ତାନ ଦଳର ୭ ଜଣ ଖେଳାଳିଙ୍କୁ ବାଦ୍ ଦିଆଯାଇଛି। ମହମ୍ମଦ ରିଜୱାନଙ୍କଠାରୁ ଆରମ୍ଭ କରି ସଲମାନ ଆଗାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଦଳରୁ ପତ୍ତା କଟିଯାଇଛି। ଅନ୍ୟପଟେ କୋଚିଂ ଷ୍ଟାଫ୍‌ରୁ ସରଫରାଜ ଅହମ୍ମଦ ଏବଂ ଉମର ଗୁଲଙ୍କୁ ଛୁଟି କରିଦିଆଯାଇଛି। ଏହାପରେ ମିସବାହ-ଉଲ୍-ହକଙ୍କ ଇସ୍ତଫା ପାକିସ୍ତାନ କ୍ରିକେଟ୍ ପାଇଁ ଏକ ବଡ଼ ଝଟ୍‌କା ସଦୃଶ ହୋଇଛି।

ପାକିସ୍ତାନୀ ଗଣମାଧ୍ୟମ ଅନୁଯାୟୀ ପାକିସ୍ତାନ କ୍ରିକେଟ୍ ବୋର୍ଡ ଭିତରର ସୂତ୍ରରୁ ମଧ୍ୟ ସ୍ପଷ୍ଟ ସଙ୍କେତ ମିଳିଛି ଯେ ସେମାନଙ୍କୁ ମିସବାହ-ଉଲ୍-ହକଙ୍କ ଇସ୍ତଫା ପତ୍ର ମିଳିସାରିଛି। ଏହା ମଧ୍ୟ ସୂଚନା ମିଳିଛି ଯେ ମିସବାହଙ୍କ ପରେ ଅସଦ ଶଫିକ୍ ମଧ୍ୟ ଚୟନ କମିଟିରୁ ଇସ୍ତଫା ଦେଇପାରନ୍ତି।

ଇଂଲଣ୍ଡ ବିପକ୍ଷ ସିରିଜ୍‌ରୁ ବାଦ୍ ପଡ଼ିସାରିଥିବା ଇମାମ-ଉଲ୍-ହକ୍ ଲାହୋର ଫେରିଯାଇଛନ୍ତି। ସୂଚନା ମିଳିଛି ଯେ ଇମାମ-ଉଲ୍-ହକ୍ ଆଲ୍ଲାମା ଇକବାଲ୍ ବିମାନବନ୍ଦରରେ ପହଞ୍ଚିଥିଲେ ଏବଂ ସେ ନିଜ ମୁହଁରେ ମାସ୍କ ଲଗାଇଥିଲେ। ସେ ସେଠାରୁ ଚୁପଚାପ୍ ନିଜ ଘରକୁ ବାହାରି ଯାଇଥିଲେ। ଅନ୍ୟପଟେ ଅରାଫାତ ମିନହାସ ଖୁବ୍ ଶୀଘ୍ର ଦଳ ସହ ଯୋଡ଼ି ହୋଇପାରନ୍ତି। ଇମାମଙ୍କ ଉପରେ ଏହି ଅଭିଯୋଗ ମଧ୍ୟ ରହିଛି ଯେ ସେ ଇଂଲଣ୍ଡ ବିପକ୍ଷ ସିରିଜ୍ ସମୟରେ ଆହତ ହେବାର ବାହାନା କରିଥିଲେ।

ପାକିସ୍ତାନ କ୍ରିକେଟ୍ ବୋର୍ଡ ଏକ ଆଧିକାରିକ ବୟାନ ଜାରି କରି କହିଛି, ‘ପାକିସ୍ତାନ କ୍ରିକେଟ୍ ବୋର୍ଡ ଘୋଷଣା କରିଛି ଯେ ଲର୍ଡସ ଟେଷ୍ଟ ଶେଷ ହେବା ପରେ ସାତଜଣ ଖେଳାଳିଙ୍କୁ ଟେଷ୍ଟ ସ୍କ୍ୱାଡ୍‌ରୁ ରିଲିଜ୍ କରାଯାଇଛି। ସେମାନଙ୍କ ସ୍ଥାନରେ ସାତଜଣ ନୂଆ ଖେଳାଳିଙ୍କୁ ସାମିଲ କରାଯାଇଛି। ଯେଉଁଥିରେ ପାଞ୍ଚଜଣ ଅନକ୍ୟାପ୍ଡ ଏବଂ ଦୁଇଜଣ କ୍ୟାପ୍ଡ ଖେଳାଳି ରହିଛନ୍ତି।’

ତୃତୀୟ ଟେଷ୍ଟ ପାଇଁ ପାକିସ୍ତାନ ସ୍କ୍ୱାଡ୍: ବାବର ଆଜମ (ଅଧିନାୟକ), ଅବଦୁଲ୍ଲା ଫଜଲ, ଅବଦୁଲ୍ଲା ଶଫିକ୍, ଅରାଫାତ ମିନହାସ, ଅଜାନ ଅୱୈସ, ମହମ୍ମଦ ଆବ୍ବାସ, ମହମ୍ମଦ ଅଲୀ, ମୁହମ୍ମଦ ଇମ୍ରାନ, ମହମ୍ମଦ ଇମ୍ରାନ ଜୁନିୟର, ମୁହମ୍ମଦ ଗାଜୀ ଗୋରୀ, ରଜାଉଲ୍ଲା, ସାଦ ବେଗ୍, ସଇମ ଆୟୁବ, ସାଜିଦ ଖାନ, ସଉଦ ଶକିଲ, ଶାନ ମସୁଦ, ଉବୈଦ ଶାହା।

# ସେପ୍ଟେମ୍ବର ୨୦ରୁ ‘ଓଡ଼ିଶା ଟି-୨୦ ଲିଗ୍’ ଟୁର୍ଣ୍ଣାମେଣ୍ଟରେ ଭାଗ ନେବେ ୬ଟି ଫ୍ରାଞ୍ଚାଇଜ୍

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା କ୍ରିକେଟ୍‌ରେ ଆଉ ଏକ ରୋମାଞ୍ଚକର ଅଧ୍ୟାୟ ପାଇଁ ମଞ୍ଚ ପ୍ରସ୍ତୁତ। ଓଡ଼ିଶା ଟି-୨୦ ଲିଗ୍ ସିଏମ ଟ୍ରଫିର ଦ୍ୱିତୀୟ ସଂସ୍କରଣରେ ୬ଟି ଫ୍ରାଞ୍ଚାଇଜି ଟାଇଟଲ୍ ପାଇଁ ଲଢ଼େଇ କରିବେ। କଟକର ଐତିହାସିକ ବାରବାଟୀ ଷ୍ଟାଡିୟମ୍‌ରେ ସେପ୍ଟେମ୍ବର ୨୦ରୁ ୨୯ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଓଡ଼ିଶାରେ କ୍ରିକେଟ୍ ଏବଂ କ୍ରୀଡ଼ାର ବିକାଶ ଓ ପ୍ରୋତ୍ସାହନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଭିଜନ୍ ଓ ସମର୍ଥନକୁ ପ୍ରତିଫଳିତ କରି ଏହି ଲିଗ୍‌କୁ ‘ସିଏମ ଟ୍ରଫି’ ନାମ ଦିଆଯାଇଛି। ରାଜ୍ୟର ଉଦୀୟମାନ କ୍ରିକେଟର୍‌ମାନଙ୍କୁ ବଡ଼ ମଞ୍ଚରେ ନିଜ ପ୍ରତିଭା ଦେଖାଇବା ପାଇଁ ଏହି ଲିଗ୍ ଏକ ବଡ଼ ସୁଯୋଗ ଦେବ।

# ଜିଲ୍ଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ବାଳକ ଓ ବାଳିକା ଚାମ୍ପିଅନସିପ୍ ଉଦ୍‌ଯାପିତ

**ବାରିପଦା:, ନ୍ୟୁଜ୍‌ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଆସୋସିଏସନ ଆନୁକୂଲ୍ୟରେ ବାରିପଦାସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଠାରେ ଦୁଇ ଦିନ ଧରି ଚାଲିଥିବା ୧୩ ବର୍ଷରୁ କମ୍, ୧୫ ବର୍ଷରୁ କମ୍, ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗର ଜିଲ୍ଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ମୟୂରଭଞ୍ଜ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଦୁଃଖ ବନ୍ଧୁ ନାୟକ ମହୋଦୟ ଯୋଗଦେଇ ଦ୍ୱୀପ ପ୍ରଜ୍ଜ୍ୱଳନ କରିଥିଲେ। କ୍ରୀଡ଼ାବିତ୍‌ମାନଙ୍କୁ ପ୍ରେରଣାଦାୟକ ଅଭିଭାଷଣ ପ୍ରଦାନ କରି ପ୍ରତିଯୋଗିତା ଉନ୍ମୋଚନ କରିଥିଲେ।। ୧୩ ବର୍ଷରୁ କମ ବାଳକ ଏକକ ବର୍ଗରେ ହୃଦୟ ହରିନନ୍ଦନ ସିଂ ଚାମ୍ପିଅନ୍ ଓ ତରୁଣ କ୍ରିଷ୍ଣା ମୁର୍ମୁ ରନର୍ସଅପ୍ ୧୩ ବର୍ଷରୁ କମ୍ ବାଳିକା ଏକକ ବର୍ଗରେ ସତ୍ୟପ୍ରିୟା ପାଣି ଚାମ୍ପିଅନ୍ ଓ ବିଶ୍ୱ ବିଜୟିନୀ ଶଙ୍ଖୁଆ ରନର୍ସଅପ୍ ୧୫ ବର୍ଷରୁ କମ ବାଳକ ଏକକ ବର୍ଗରେ ରଘୁବୀର ଜନ୍ ଚାମ୍ପିଅନ୍ ଓ ତୁଷାର ପାତ୍ର ରନର୍ସଅପ୍ ୧୫ ବର୍ଷରୁ କମ୍ ବାଳିକା ଏକକ ବର୍ଗରେ ଦିଶା ବେହେରା ଚାମ୍ପିଅନ୍ ଓ ମନୁଶ୍ରୀ ରାଉତ୍ ରନର୍ସଅପ୍ ୧୭ ବର୍ଷରୁ କମ୍ ବାଳକ ଏକକ ବର୍ଗରେ ଖ୍ୟାତି ରଞ୍ଜନ ମହାପାତ୍ର ଚାମ୍ପିଅନ ଓ ଆଦର୍ଶ ପରେଶ୍ ମୁର୍ମୁ ରନର୍ସଅପ୍ ସେହିପରି ସମକାଳୀନ ଭାବେ ଜିଲ୍ଲା ପ୍ରଶାସନ ଓ ମୟୂରଭଞ୍ଜ ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଆସୋସିଏସନ ଦ୍ୱାରା ମିଳିତ ଭାବେ ଆୟୋଜିତ ସିନିୟର୍ ଅନ୍ତର୍ବିଭାଗୀୟ ବର୍ଗରେ ସ୍ୱରାଜ ସେନାପତି ଓ କାଳିଶଙ୍କର ଗୋଛାୟତଙ୍କ ଯୋଡ଼ି ଚାମ୍ପିଅନ ଏବଂ ଅବିନାଶ ପାତ୍ର ଓ ତାପସ ପାତ୍ରଙ୍କ ଯୋଡ଼ି ରନର୍ସଅପ୍ ହୋଇଛନ୍ତି। ସେହିପରି ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜସେବୀ କାଶୀନାଥ ରଣା, ମୟୂରଭଞ୍ଜ ଜିଲ୍ଲାର ଉଭୟ ଅତିରିକ୍ତ ଜିଲ୍ଲାପାଳ ଦୁଃଖ ବନ୍ଧୁ ନାୟକ ଓ ଈଶ୍ୱର ଚନ୍ଦ୍ର ନାଏକ ମହୋଦୟ କୃତି ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ ଓ ଟ୍ରଫି ଦ୍ୱାରା ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାରେ ଜିଲ୍ଲାର ଉପଖଣ୍ଡ ସ୍ତରରୁ ଉତ୍ତୀର୍ଣ୍ଣ ହୋଇଥିବା ସମୁଦାୟ ୪୫ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ବିଜେତାମାନେ ସିଧାସଳଖ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାକୁ ଯୋଗ୍ୟ ବିବେଚିତ ହେବେ ବୋଲି ଟୁର୍ଣ୍ଣାମେଣ୍ଟର ଆୟୋଜକ ସମ୍ପାଦକ ବିଭୁତି ଭୂଷଣ ଦାସ ଜଣାଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟ ରେଫରୀ ଭାବରେ ମନମୋହନ ମୁର୍ମୁ, ଉମାଶଙ୍କର ମହାନ୍ତ ଓ ସତ୍ୟବ୍ରତ ସାହୁ ପରିଚାଳନା କରିଥିବା ବେଳେ ତାପସ କୁମାର ସାମଲ, ସତ୍ୟନାରାୟଣ ବାରିକ, ଅଭିଷେକ ମହାନ୍ତି, ସନ୍ତୋଷ ଦାସ, ଦେବାଶିଷ ବେହେରା, ସୋମ୍ୟଜୀତ ବେହେରା, ଆୟୁଷ୍ମାନ ପଟ୍ଟନାୟକ, କୁନୁ ମଣ୍ଡଳ ଓ ସୋମ୍ୟ ରଞ୍ଜନ ପାଣିଗ୍ରାହୀ ସହାୟତା କରିଥିଲେ। ଅନ୍ୟାନ୍ୟ ସଦସ୍ୟମାନଙ୍କ ମଧ୍ୟରେ ପାର୍ଥ ସାରଥି ସ୍ୱାଇଁ, ଶଶ୍ୱତ କୁମାର ବଳ, ଦୀପକ କୁମାର ପରିଡ଼ା, ସୁଦୀପ କୁମାର ଦାସ, ଅଭିଷେକ ସାହୁ, କାର୍ତ୍ତିକ ବାରିକ, ଉଦୟ ନାଥ ସାହୁ ଓ ଅନୁଷ୍ଠାନର କୋଷାଧ୍ୟକ୍ଷ କେ. ଇନ୍ଦ୍ରଜିତ ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର ସଭାପତି କିଶୋର କୁମାର ବିଶ୍ୱାଳ ସମସ୍ତ ପ୍ରତିଯୋଗୀଙ୍କ ଖେଳୁଆଡ଼ ମନବୃତ୍ତି, ଅଭିଭାବକ ମାନଙ୍କ ଉପସ୍ଥିତିକୁ ପ୍ରଶଂସା କରିବା ସହ ଟୁର୍ଣ୍ଣାମେଣ୍ଟ ଅଫିସିଆଲ, କର୍ମକର୍ତ୍ତା ଓ ସମସ୍ତ ସହଯୋଗୀମାନଙ୍କ ସଫଳ ପରିଚାଳନା ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।।




# ମାଟି କାନ୍ଥ ଭୁଶୁଡ଼ି ମହିଳାଙ୍କ ମୃତ୍ୟୁ



**ରାଇରଙ୍ଗପୁର, ନ୍ୟୁଜ୍‌ବ୍ୟୁରୋ**

ଲଗାଣ ବର୍ଷା ଯୋଗୁଁ ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନା ଅନ୍ତର୍ଗତ ମାତକମଡ଼ିହି ଗ୍ରାମରେ ଏକ ହୃଦୟବିଦାରକ ଘଟଣା ଘଟିଯାଇଛି। ମାଟି କାନ୍ଥ ଭୁଶୁଡ଼ି ପଡ଼ିବାରୁ ତା’ ତଳେ ଚାପି ହୋଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ବଡ଼ଭୁଣ୍ଡୁ ଗ୍ରାମର ସିନଗୋ ମୁର୍ମୁ ବୋଲି ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ସିନଗୋ ଦୀର୍ଘ ଦିନ ଧରି ମାତକମଡ଼ିହି ସ୍ଥିତ ନିଜ ବାପ ଘରେ ରହିଆସୁଥିଲେ। ଗତକାଲି ରାତିରେ ସେ ଘର ଭିତରେ ଶୋଇଥିବା ସମୟରେ, କ୍ରମାଗତ ବର୍ଷା ଯୋଗୁଁ ଓଦା ହୋଇ ରହିଥିବା ମାଟି କାନ୍ଥଟି ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଫଳରେ ସିନଗୋ କାନ୍ଥ ତଳେ ଚାପି ହୋଇଯାଇଥିଲେ। ଘଟଣା ସମ୍ପର୍କରେ ଖବର ପାଇବା ପରେ ତିରିଂ ପୋଲିସ ଏବଂ ଦମକଳ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ମାଟି ତଳୁ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇଥିଲେ ହେଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ହସ୍ପିଟାଲକୁ ପଠାଯାଇଛି। ଏହି ସୂଚନା ପାଇ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଘଟଣାସ୍ଥଳରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ସରକାରୀ ନିୟମାନୁସାରେ ଆବଶ୍ୟକୀୟ ସହାୟତା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏ ନେଇ ତିରିଂ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ



**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଉପ ଜିଲ୍ଲାପାଳ ଶିବ ମାଲବ୍ୟ ଜଳେଶ୍ୱର ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ପ୍ରଭାବିତ ପରିବାର ଗୁଡ଼ିକ ସହ ସିଧାସଳଖ ଆଲୋଚନା କରିଥିଲେ। ସେମାନେ ଘରକୁ ଘର ଯାଇ ବନ୍ୟା ଯୋଗୁଁ ଘରଗୁଡ଼ିକର ହୋଇଥିବା କ୍ଷୟକ୍ଷତି ଆକଳନ କରିବା ସହ ପ୍ରଭାବିତ ଲୋକମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ଆହ୍ୱାନ ଗୁଡ଼ିକ ବୁଝିଥିଲେ। ପରିଦର୍ଶନ ସମୟରେ ଅଧିକାରୀ ମାନେ ପ୍ରଶାସନ ପକ୍ଷରୁ ରିଲିଫ୍ ସହାୟତା ପାଇଥିବା ଲୋକମାନଙ୍କ ଠାରୁ ମତାମତ ଗ୍ରହଣ କରିବା ସହ ସେମାନଙ୍କ ଆବଶ୍ୟକତା ଓ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ପ୍ରଭାବିତ ଅଞ୍ଚଳରେ ପରବର୍ତ୍ତୀ ରିଲିଫ୍, ପୁନର୍ବାସ ଓ ପୁନଃସ୍ଥାପନ କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ପାଇଁ ଆବଶ୍ୟକ ତଥ୍ୟ ଓ ମତାମତ ସଂଗ୍ରହ କରାଯାଇଥିଲା।

# ଭାରତରେ ଖୋଖୋର ପ୍ରଗତିକୁ ସୁଦୃଢ଼ କରୁଛି ଓଡ଼ିଶା : ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜୁନିଅର ଖୋଖୋ ଚାମ୍ପିଅନସିପ୍-୨୦୨୬

**ପୁରୀ, ନ୍ୟୁଜ୍‌ବ୍ୟୁରୋ**




ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟର ପକ୍ଷରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଏବଂ ଯୁବ ସେବା ବିଭାଗ (ଡିଏସୱାଇଏସ), ଭାରତୀୟ ଖୋ ଖୋ ଫେଡେରେସନ (କେକେଏଫ୍ଆଇ) ଏବଂ ଓଡ଼ିଶା ଖୋ ଖୋ ଆସୋସିଏସନ (ଓକେକେଏ) ସହଭାଗିତାରେ ଆୟୋଜିତ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜୁନିଅର ଖୋ ଖୋ ଚାମ୍ପିଅନସିପ୍ ୨୦୨୬, ତିନି ଦିନିଆ ରୋମାଞ୍ଚକର ପ୍ରତିଯୋଗିତା ପରେ ଅଗଷ୍ଟ ୩୧, ୨୦୨୬ ରେ ଉଦ୍‌ଯାପିତ ହୋଇଛି। ଜୁନିଅର ବାଳକ ଏବଂ ଜୁନିଅର ବାଳିକା ବର୍ଗରେ ୧୨ଟି ଦଳକୁ ନେଇ ଆୟୋଜିତ ଏହି ଚାମ୍ପିଅନସିପ୍‌ରେ ଦେଶର ୧୮୦ ଜଣ ଉଦୀୟମାନ କ୍ରୀଡ଼ାବିତ୍ ଅଂଶଗ୍ରହଣ କରି ନିଜର ଦ୍ରୁତଗତି, ଦକ୍ଷତା, ଶୃଙ୍ଖଳା ଏବଂ ଉତ୍କୃଷ୍ଟ ଦଳଗତ ସମନ୍ୱୟର ଚମତ୍କାର ପ୍ରଦର୍ଶନ କରିଥିଲେ।

୨୯ ଅଗଷ୍ଟ, ୨୦୨୬ରେ ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ଆୟୋଜିତ ଏହି ଚାମ୍ପିଅନସିପ୍‌ର ଉଦ୍‌ଘାଟନୀ ସମାରୋହରେ କେକେଏଫଆଇର ସଭାପତି ସୁଧାଂଶୁ ମିତ୍ତଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ କେକେଏଫଆଇ ର ଉପାଧ୍ୟକ୍ଷ ତଥା ଓକେକେଏର ସଚିବ ପ୍ରଦ୍ୟୁମ୍ନ ମିଶ୍ର, ଆନ୍ଧ୍ରପ୍ରଦେଶ ଖୋ ଖୋ ଆସୋସିଏସନର ସଭାପତି ଏମ୍. ଭି.ଏସ୍.ଏସ୍ ପ୍ରସାଦ ଏବଂ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ସିଏସ୍ଆର ବିଭାଗ ମୁଖ୍ୟ ଡକ୍ଟର ବିକାଶ ଯାଦଭେନ୍ଦୁ ପ୍ରମୁଖ ଉପସ୍ଥିତ ଥିଲେ।

ଏକ ରୋମାଞ୍ଚକର ଫାଇନାଲରେ ଓଡ଼ିଶାକୁ ୪ ପଏଣ୍ଟରେ ପରାସ୍ତ କରି (ମହାରାଷ୍ଟ୍ର ୨୪-୨୦ ଓଡ଼ିଶା) ଜୁନିଅର ବାଳିକା ବର୍ଗରେ, ମହାରାଷ୍ଟ୍ର ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଥିଲା। ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ପଞ୍ଜାବ ତାମିଲନାଡୁକୁ ପଛରେ ପକାଇ ତୃତୀୟ ସ୍ଥାନ ଅଧିକାର କରିଥିଲା। ତୁଳସୀ ନାଏକ (ଓଡ଼ିଶା)ଙ୍କୁ ଟୁର୍ଣ୍ଣାମେଣ୍ଟର ବେଷ୍ଟ ଆଟାକ୍‌ର ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ମୈଥିଳୀ ପାୱାର (ମହାରାଷ୍ଟ୍ର) ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଡିଫେଣ୍ଡର ପୁରସ୍କାର ପାଇଥିଲେ। ସମଗ୍ର ଟୁର୍ଣ୍ଣାମେଣ୍ଟରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସ୍ନେହା ଲାମକାନେ (ମହାରାଷ୍ଟ୍ର)ଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ଯାଇଥିଲା।

ସେହିପରି ଜୁନିଅର ବାଳକ ବର୍ଗରେ, କର୍ଣ୍ଣାଟକ ଏକ ରୋମାଞ୍ଚକର ଫାଇନାଲରେ ମହାରାଷ୍ଟ୍ରକୁ ମାତ୍ର ୨ ପଏଣ୍ଟ (ମହାରାଷ୍ଟ୍ର ୩୪-୩୬ କର୍ଣ୍ଣାଟକ)ରେ ପରାସ୍ତ କରି ଚାମ୍ପିଅନସିପ୍ ଜିତିବା ଦର୍ଶକମାନଙ୍କୁ ନିଜ ପ୍ରଦର୍ଶନ ଦ୍ୱାରା ମନ୍ତ୍ରମୁଗ୍ଧ କରିଥିଲେ। ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ଓଡ଼ିଶା କୋଲହାପୁରକୁ ପରାସ୍ତ କରି ତୃତୀୟ ସ୍ଥାନ ହାସଲ କରିଥିଲା। ଇବ୍ରାହିମ୍ (କର୍ଣ୍ଣାଟକ) ଟୁର୍ଣ୍ଣାମେଣ୍ଟର ବେଷ୍ଟ ଆଟାକର ଭାବରେ ବିବେଚିତ ହୋଇଥିବାବେଳେ ପାର୍ଥ ଦେବକାଟେ (ମହାରାଷ୍ଟ୍ର) ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଡିଫେଣ୍ଡର ଭାବରେ ସମ୍ମାନିତ ହୋଇଥିଲେ। ମ୍ୟାଚ୍‌ଗୁଡ଼ିକରେ ତାଙ୍କର ଅସାଧାରଣ ଦକ୍ଷତା ପାଇଁ, ଅନିକେତ (କର୍ଣ୍ଣାଟକ) ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

ଆଥ୍‌ଲେଟ୍‌ମାନଙ୍କୁ ଶୁଭେଚ୍ଛା ଜଣାଇ, ଏଏମ୍/ଏନ୍‌ଏସ୍ ଇଣ୍ଡିଆର ମାନବ ସମ୍ବଳ ଏବଂ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ଏବଂ ଭାଇସ୍ ପ୍ରେସିଡେଣ୍ଟ ଆଶୁତୋଷ ତେଲାଙ୍ଗ କହିଛନ୍ତି, “ମୁଁ ଅଂଶଗ୍ରହଣ କରିଥିବା ସମସ୍ତ ଦଳ ଏବଂ ଅସାଧାରଣ ଦକ୍ଷତା ଓ ଦୃଢ଼ ପ୍ରତିବଦ୍ଧତା ପ୍ରଦର୍ଶନ କରିଥିବା ବିଜେତାମାନଙ୍କୁ ହୃଦୟର ସହିତ ଅଭିନନ୍ଦନ ଜଣାଉଛି। ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜୁନିଅର ଖୋ ଖୋ ଚାମ୍ପିଅନସିପ୍ ୨୦୨୬ ପୁଣି ଥରେ ପ୍ରମାଣିତ କରିଛି ଯେ କିପରି ସଂଗଠିତ ତାଲିମ୍ ଏବଂ ପ୍ରତିସ୍ପର୍ଦ୍ଧାମୂଳକ ଅଭିଜ୍ଞତା ଖୋ ଖୋକୁ ଭାରତର ସବୁଠାରୁ ଲୋକପ୍ରିୟ କ୍ରୀଡ଼ା ମଧ୍ୟରେ ସାମିଲ କରିପାରିବ।

ଦେଶ ମଧ୍ୟରୁ ଶ୍ରେଷ୍ଠ ଦଳଗୁଡ଼ିକୁ ଏକତ୍ର କରି, ଆମେ ପ୍ରତିଭାକୁ ପ୍ରୋତ୍ସାହିତ କରୁଛୁ ଏବଂ କ୍ରୀଡ଼ା ପାଇଁ ଏକ ଜୀବନ୍ତ ବତାବରଣର ନିର୍ମାଣ କରୁଛୁ। ୩୧ ଅଗଷ୍ଟ, ୨୦୨୬ରେ ଅନୁଷ୍ଠିତ ସମାପନ ଉତ୍ସବରେ ପୁରୀର ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଉତ୍ସବରେ ଅଲିମ୍ପିଆନ୍ ଏବଂ ଅର୍ଜୁନ ପୁରସ୍କାର ବିଜେତା କେ. ରବି କୁମାର, ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ବିଜେତା ଏବଂ ପାରା ଆଥଲେଟ୍ ସୁଶ୍ରୀ ସୁଚିତ୍ରା ପରିଡା, କେକେଏଫଆଇର ଉପାଧ୍ୟକ୍ଷ ଏବଂ ଓକେକେଏର ସଚିବ ପ୍ରଦ୍ୟୁମ୍ନ ମିଶ୍ର, ଏଏମ୍/ଏନ୍‌ଏସ୍ ଇଣ୍ଡିଆ ସିଏସ୍ଆର ବିଭାଗ ମୁଖ୍ୟ ଡକ୍ଟର ବିକାଶ ଯାଦଭେନ୍ଦୁ, ପୁରୀର ଜିଲ୍ଲା କ୍ରୀଡ଼ା ଅଧିକାରୀ (ଡିଏସଓ) ଚନ୍ଦନ କୁମାର ସାହୁ ଏବଂ ପୁରୀର ଜିଲ୍ଲା ଲୋକସମ୍ପର୍କ ଅଧିକାରୀ (ଡିପିଆରଓ) ସନ୍ତୋଷ କୁମାର ସେଠୀଙ୍କ ସହିତ ପ୍ରଶିକ୍ଷକ, ଅଧିକାରୀ ଏବଂ ଆଥଲେଟମାନେ ଉପସ୍ଥିତ ଥିଲେ।

ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟର ପୂର୍ବରୁ ନିଜକୁ ଏକ ନିରନ୍ତର ପ୍ରତିଭା ନିର୍ମାଣକାରୀ କେନ୍ଦ୍ର ଭାବରେ ପ୍ରତିଷ୍ଠିତ କରିଛି, ଯାହାର ଆଥଲେଟମାନେ ଖୋ ଖୋ ବିଶ୍ୱକପ୍, ଜାତୀୟ କ୍ରୀଡ଼ା ଏବଂ ଖେଲୋ ଇଣ୍ଡିଆ ଯୁଥ୍ ଗେମ୍ ସମେତ ବିଭିନ୍ନ ଜାତୀୟ ଏବଂ ଅନ୍ତର୍ଜାତୀୟ ମଞ୍ଚରେ ଗୌରବ ହାସଲ କରିଛନ୍ତି। ଜାତୀୟ ସ୍ତରୀୟ ପ୍ରତିଯୋଗିତାମାନ ଆୟୋଜନ କରିବା ସହିତ ଏହି କେନ୍ଦ୍ର ବର୍ଷ ବର୍ଷ ଧରି ପଦକ ବିଜେତା ଆଥ୍‌ଲେଟ୍ ଓ ଖୋ ଖୋ ତାରକା ସୃଷ୍ଟି କରିଛି, ଯାହା ଏହି ସ୍ୱଦେଶୀ କ୍ରୀଡ଼ାରେ ଏକ ପ୍ରମୁଖ ସ୍ଥଳୀ ଭାବେ ଭାରତର ସ୍ଥିତିକୁ ସୁଦୃଢ଼ କରୁଛି।

**BHANJANAGAR MUNICIPALITY** 13001/1732/2627
Dist: Ganjam, Odisha,PIN-761126
E-Mail:bhanjanagarn.hud@nic.in, Ph .No. 06821-241107.

Letter No: 2394 Dtd- 01.09.2026

**CORRIGENDUM**

Due to clerical mistake **the Opening Date of the Tender Call Notice** was mentioned as 11.09.2025 instead of 11.09.2026 vide this Office **Tender Call Notice No- 2362, Dtd- 29.08.2026** for Supply of Sanitation Materials. Hence, the Opening Date of the Tender is **read as 11.09.2026** instead of 11.09.2025 and the other information mentioned in the Tender Call Notice remains unchanged.

Sd/- Executive Officer
Bhanjanagar Municipality
OIPR-13001/13144/1/26-27/0013

**GOVERNMENT OF ODISHA,**
**OFFICE OF THE EXECUTIVE ENGINEER,**
**RWS&S DIVISION, RAYAGADA** 25001/1060/2627
E-mail - eerwssrgd@gmail.com, PHONE - 8280408061
**NATIONAL COMPETITIVE BIDDING THROUGH E-Procurement**
**Tender Identification No: 02/RWSS/RGD/2026-27 Dated: 31.08.2026**

1 Name of the Work: : Construction of one No Section Office and one No Govt. Quarter for RWS&S Division, Rayagada (As detailed in TCN)
2 No. of Works : 02 Nos.
3 Estimated Cost : ₹.24.25 Lakhs to ₹.32.50 Lakhs
4 Tender Paper Cost : ₹.6000/- each
5 Class of Contractor : 'C' or equivalent Class Contractor
6 Period of Completion : 06 (Six) calendar months
7. Critical dates :

| Procurement Officer | Bid Identification No. | Availability of Tender Online for Bidding | | Last Date of Seeking tender Clarification | Date of opening the Bid |
|---|---|---|---|---|---|
| | | From | To | | |
| Executive Engineer, RWS&S Division, Rayagada | 02/RWSS/RGD/2026-27 | 07.09.2026 at 11.00 Hours | 17.09.2026 up to 17.00 Hours | 10.09.2026 | 18.09.2026 At 11.00 Hours |

❖ Further details can be seen in the bidding documents, which is available in the e-procurement portal https://www.tendersodisha.gov.in.
❖ Subsequent corrigendum if required shall be appeared in the web site.
❖ Authority reserves the right to reject any or all tenders without assigning any reason thereof.

Sd/- Executive Engineer
RWS&S Division, Rayagada
OIPR-25001/25007/1/26-27/0002



# ବାରିପଦାକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ଯତ୍ନଶୀଳ ହେବାକୁ ଆହ୍ୱାନ



**ବାରିପଦା, ରଭ୍ୟଜ ବ୍ୟୁରୋ**

ବାରିପଦା ପୌରପାଳିକା ପକ୍ଷରୁ ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ଉଦଘାଟିତ ହୋଇଯାଇଛି । ଦିବସ ପ୍ରାରମ୍ଭରେ ସକାଳୁ ପୌରାଞ୍ଚଳରେ ରାମଧୁନ୍ ପ୍ରଚାର କରିବା ସହ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା. ଏଥିପରେ ବାରିପଦା ପୌରପାଳିକା କାର୍ଯ୍ୟାଳୟ ପରିସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ମାଲ୍ୟାର୍ପଣ ଓ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରୋହିତ୍ୟରେ ଉପ ଜିଲ୍ଲାପାଳ କସ୍ତୁରୀ ପଣ୍ଡା ବାରିପଦା ପୌରପାଳିକା କାର୍ଯ୍ୟାଳୟ ପରିସରରେ ବିଭିନ୍ନ ମହିଳା ସମିତି ମାନଙ୍କ ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶନୀକୁ ଉଦଘାଟନ କରି ବୁଲି ଦେଖିବା ସହିତ ଦିବ୍ୟାଙ୍ଗ ମାନଙ୍କୁ ୨ଟି ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ. ସନ୍ଧ୍ୟାରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରୋହିତ୍ୟରେ ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଉପ ଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଉପ ନଗରପାଳ ସୀମା ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ଏବଂ ସମସ୍ତ ୱାର୍ଡ କାଉନସିଲର ମାନେ ଯୋଗଦେଇ ରାଜତନ୍ତ୍ର ସମୟରେ ୧୯୦୫ ମସିହାରେ ବାରିପଦା ପୌରପାଳିକା କାର୍ଯ୍ୟ ଆରମ୍ଭ ହୋଇ ୧୨୧ ବର୍ଷରେ ବାରିପଦା ପୌରପାଳିକାର ଦୃଶ୍ୟପଟ୍ଟରେ ଅନେକ ପରିବର୍ତ୍ତନ ଘଟିଛି । ବାରିପଦା ପୌରାଞ୍ଚଳର ୨୮ଗୋଟି ୱାର୍ଡରେ ବିକାଶ ଧାରା ଜାରି ରହିଛି । ସହରର ବିକାଶକୁ ଦ୍ରୁତଗତିରେ ତ୍ୱରାନ୍ୱିତ କରିବା ପାଇଁ ବାରିପଦା ପୌରପାଳିକା ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛି ଏଣୁ ବାରିପଦାକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ଯତ୍ନଶୀଳ ହେବାକୁ ଆହ୍ୱାନ ଦେଇଥିଲେ । ସହରବାସୀଙ୍କୁ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବା ନିମନ୍ତେ ଅନେକ ଗୁଡିଏ ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ୩୦୦ କୋଟି ଟଙ୍କାର ଆକ୍ସନ ପ୍ଲାନ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ବାରିପଦା ପୌରପାଳିକା ପକ୍ଷରୁ ପ୍ରଦାନ କରାଯାଇଛି । ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ପୌରପାଳିକା ପକ୍ଷରୁ ଗୃହ ଓ ବିଭିନ୍ନ ପ୍ରତିଷ୍ଠାନ ଠାରୁ ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ୭୦ଟି ଏଲସିଭି, ବିଓଭି ଏବଂ ଟ୍ରଲି ମାଧ୍ୟମରେ ଗାଡିକୁ ନିୟୋଜିତ କରାଯାଇ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଉଛି. ପ୍ରାୟ ୪୦୦ରୁ ଅଧିକ ସ୍ୱଚ୍ଛ ସାଥି, ସୁପରଭାଇଜର ଏବଂ ସ୍ୱଚ୍ଛକର୍ମୀ ମାନଙ୍କ ମାଧ୍ୟମରେ ସହରକୁ ସ୍ୱଚ୍ଛ ରଖିବାକୁ ସଦା ପ୍ରୟାସ ଜାରି ରହିଛି । ବାରିପଦାକୁ ପ୍ଲାଷ୍ଟିକ ମୁକ୍ତ, ଜବରଦଖଲ ମୁକ୍ତ, ଅଳିଆ ଆବର୍ଜନା ମୁକ୍ତ ଆଦି କରିବାକୁ ଜନ ସାଧାରଣଙ୍କ ସହଯୋଗ କାମନା କରାଯାଇଛି । ଏହି ଅବସରରେ ଉଲ୍ଲେଖନିୟ କାର୍ଯ୍ୟ ପାଇଁ ସଫେଇ କର୍ମଚାରୀ, ସୁପରଭାଇଜର, ସଫେଇ ଗାଡି ଚାଳକ, ଏଏଲଏଫ, ମହିଳା ସମିତି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ନଗରପାଳ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ୱାର୍ଡ କାଉନସିଲର ଅନନ୍ତ ଦାସ ଧନ୍ୟବାଦ ଜଣାଇଥିଲେ । ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ସମାରୋହର ବୁଧବାର ଉଦଯାପିତ ହେବ ବୋଲି ଜଣାଯାଇଛି ।

# ୬,୩୭,୦୧୬ ଏମ୍‌ଭିଏ ରୂପାନ୍ତରଣ କ୍ଷମତାକୁ କାର୍ଯ୍ୟକାରୀ କରିଛି ପାୱାରଗ୍ରୀଡ୍

**ଗୁରୁଗ୍ରାମ, ନ୍ୟୁଜ ବ୍ୟୁରୋ**

ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ମହାରତ୍ନ ସିପିଏସ୍‌ୟୁ ପାୱାର ଗ୍ରୀଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ (ପାୱାରଗ୍ରୀଡ)ର ୩୭ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ୨୦ ଅଗଷ୍ଟ ୨୦୨୬ରେ ଭର୍ଚୁଆଲ୍ ମୋଡ୍ ମାଧ୍ୟମରେ ଡକାଯାଇଥିଲା ।

ଏହି ବୈଠକ ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଭାମସି ରାମା ମୋହନ ବୁରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ନିର୍ଦ୍ଦେଶକ (କାର୍ମିକ) ଡକ୍ଟର ଯତୀନ୍ଦ୍ର ଦ୍ୱିବେଦୀ, ନିର୍ଦ୍ଦେଶକ (ଅପରେସନ୍ସ), ନିର୍ଦ୍ଦେଶକ (ଅମୋଲ ନବୀନ ଶ୍ରୀବାସ୍ତବ, ନିର୍ଦ୍ଦେଶକ (ଅର୍ଥ), ନିର୍ଦ୍ଦେଶକ (ଅମୋଲ ତାଓରି, ସରକାରୀ ମନୋନିତ ନିର୍ଦ୍ଦେଶକ ଅଭୟ ବାକ୍ରେ ପ୍ରମୁଖ ଉପସ୍ଥିତ ଥିଲେ । ସେୟାରହୋଲ୍ଡରମାନଙ୍କୁ ଭର୍ଚୁଆଲ୍ ମୋଡ୍ ମାଧ୍ୟମରେ ସଂଯୋଗ କରାଯାଇଥିଲା ।




ଏଜିଏମ୍ ସମୟରେ କମ୍ପାନୀର ପ୍ରମୁଖ ଆର୍ଥିକ ହାଇଲାଇଟ୍ସ, କାର୍ଯ୍ୟକ୍ଷମ ସଫଳତା ଏବଂ ଭବିଷ୍ୟତର ଅଭିବୃଦ୍ଧି ସମ୍ଭାବନା, ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ ଏବଂ ପଦକ୍ଷେପ ଉପସ୍ଥାପିତ କରାଯାଇଥିଲା ଏବଂ ସେୟାରହୋଲ୍ଡରମାନଙ୍କ ଦ୍ୱାରା ଉଠାଯାଇଥିବା ପ୍ରଶ୍ନଗୁଡ଼ିକୁ ପରିଚାଳନା ଦ୍ୱାରା ସମାଧାନ କରାଯାଇଥିଲା । ସେୟାରହୋଲ୍ଡରମାନେ କମ୍ପାନୀର କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିଥିଲେ ଏବଂ ଏହାର ନିରନ୍ତର ଅଭିବୃଦ୍ଧି ପାଇଁ ଶୁଭକାମନା ଜଣାଇଥିଲେ ।

୩୧ ଜୁଲାଇ ୨୦୨୬ ସୁଦ୍ଧା, ପାୱାରଗ୍ରୀଡ୍ ୨୯୨ଟି ସବ୍-ଷ୍ଟେସନ୍ ଏବଂ ୧,୮୬,୮୮୯ କିଲୋମିଟରରୁ ଅଧିକ ଟ୍ରାନ୍ସମିସନ୍ ଲାଇନ୍ ଏବଂ ୬,୩୭,୦୧୬ ଏମ୍‌ଭିଏ ରୂପାନ୍ତରଣ କ୍ଷମତାକୁ କାର୍ଯ୍ୟକାରୀ କରିଛି ଏବଂ ଏହା କାର୍ଯ୍ୟକ୍ଷମ କରୁଛି । ନୂତନତମ ପ୍ରଯୁକ୍ତିବିଦ୍ୟା ଉପକରଣ ଏବଂ କୌଶଳ ଗ୍ରହଣ, ସ୍ୱୟଂଚାଳିତତା ଏବଂ ଡିଜିଟାଲ୍ ସମାଧାନର ବର୍ଦ୍ଧିତ ବ୍ୟବହାର ସହିତ, ପାୱାରଗ୍ରୀଡ୍ ହାରାହାରି ୯୯.୮୧% ରୁ ଅଧିକ ଟ୍ରାନ୍ସମିସନ୍ ସିଷ୍ଟମ୍ ଉପଲବ୍ଧତା ବଜାୟ ରଖିବାରେ ସକ୍ଷମ ହୋଇଛି ।

# ନାଟ୍ୟକାର ଗୁରୁ ଭଗବାନ ସାହୁଙ୍କ ଅବଦାନ ଉପରେ ଆଲୋକପାତ

**ବରଗଡ, ନ୍ୟୁଜ ବ୍ୟୁରୋ**

କୂଏହୁଲାର ୧୭ ତମ ପ୍ରତିଷ୍ଠା ଦିବସ କୂଏହୁଲାର ୧୭ ତମ ପ୍ରତିଷ୍ଠା ଦିବସ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଲୁଲୁ ରବିନ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଗାନ୍ଧୀ ସ୍ମୃତି ପାଠାଗାରରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ନରେନ୍ଦ୍ର ହୋତାଙ୍କ ସଭାପତିତ୍ୱରେ, ସବିତା ମହରାଙ୍କ ସଂଯୋଜନାରେ ମୂଖ୍ୟ ଅତିଥି ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀ, ବରେଣ୍ୟ ଅତିଥି ସମାଜସେବୀ ଚନ୍ଦ୍ର ଶେଖର ବାଗ, ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି କମିଟି ସଭାପତି ଦଧିବାବନ ଶତପଥୀ,ସମ୍ମାନିତ ଅତିଥି ଶିକ୍ଷାବିତ ନିବେଦିତା ସାହୁ, ଦିଲିପ କୁମାର ସାହୁ, ମୂଖ୍ୟ ବକ୍ତା ଡ଼.ମନୋରଞ୍ଜନ ବାଗ ପ୍ରମୁଖ ଯୋଗଦାନ କରି ଗୁରୁ ଭଗବାନ ସାହୁଙ୍କ ଅବଦାନ ଉପରେ ଆଲୋକପାତ କରିବା ସହିତ ଶବ୍ଦ ନୃତ୍ୟ ଶାସ୍ତ୍ରୀୟ ନୃତ୍ୟର ମାନ୍ୟତା ପାଇଲେ ଗୁରୁ ଭଗବାନ ସାହୁଙ୍କୁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ପ୍ରକାଶ କରିଥିଲେ । ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀ ଗୁରୁ ଭଗବାନ ସାହୁଙ୍କ ସ୍ମୃତିରେ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟଘାଟ ବରଗଡ଼ରେ ମହାସମାରୋହରେ ପାଳନ ସକାଶେ ଘୋଷଣା କରିଥିଲେ । ଏହି ଅବସରରେ ସର୍ଦ୍ଦାର ପ୍ରିତମ ସିଂଙ୍କୁ କୂଏହୁଲା ତରଫରୁ ଗୁରୁ ଭଗବାନ ସାହୁ ସାରସ୍ୱତ ସମ୍ମାନ, କବି ଅଗସ୍ତି ପଧାନ ଏବଂ କବି ଇନ୍ଦ୍ରମଣି କୁମ୍ଭାରଙ୍କୁ ୨୦୨୬ କୂଏହୁଲା ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା, ଦ୍ୱିତୀୟ ଅଧିବେଶନରେ ନାଟ୍ୟ ମହର୍ଷି ଫଗୁନୁ କୁମ୍ଭାରଙ୍କ ସଭାପତିତ୍ୱରେ, କବି ସୁଦାମ ସୁନାଙ୍କ ସଂଯୋଜନାରେ ମୂଖ୍ୟ ଅତିଥି ଏସ. ରାମପୁର ର ଥାନାଧିକାରୀ ବିନୋଦିନୀ ବରିହା, ରାଜ୍ୟ ସ୍ତରୀୟ ସ୍ମୃତି କମିଟି ସମ୍ପାଦକ ତୁଳସୀ ଚରଣ ଦାଶ , କବି ଜେଠୁ ଭୋଇ ପ୍ରମୁଖ ମଞ୍ଚାସିନ ଥିଲେ । କୂଏହୁଲା ସମ୍ପାଦିକା ଶୈଳବାଳା ମହାନନ୍ଦଙ୍କୁ ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । କବିତା ପାଠୋତ୍ସବରେ ବିଭିନ୍ନ ଜିଲ୍ଲାରୁ ଆସିଥିବା କବି ଭିକାରୀ ଚରଣ ପ୍ରଧାନ, ଜୟଶ୍ରୀ ପଣ୍ଡା, ଜତିଲାଲ ବାଗ, ପ୍ରଦୀପ କୁମାର ମିଶ୍ର, ପ୍ରସନ୍ନ କୁମାର ତାଣ୍ଡି, ସଙ୍ଗୀତା ସାହୁ, ସୁଜାତା ପଣ୍ଡା, ଜଟାଧାରୀ ପ୍ରଧାନ, ମନୋଜ ବାଗ,ଦୂର୍ବାଦଳ ମେହେର, ମାଲଖୁଲୁ ହରିପାଲ,ଘନେଶ୍ୱର ବିଶି, ବୁଡୁ ଭୁଏ, ଯୁଗେଶ୍ୱର ତାଣ୍ଡି ସମେତ ଅନେକ କବିଗଣ କବିତା ପାଠ କରିଥିଲେ । ସମସ୍ତ କବି ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଅରକ୍ଷିତ ଚନ୍ଦ୍ର ମହାନନ୍ଦ ସ୍ୱାଗତ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ସ୍ମୃତି କମିଟିର ପୂର୍ବତନ ସମ୍ପାଦକ ସନ୍ତୋଷ କୁମାର ପଣ୍ଡା, ସୁଧୀର କୁମାର ଦାଶ, ଅଚ୍ୟୁତାନନ୍ଦ ବାରିକ, ଉଦ୍ଧବ ଚରଣ ବେହେରା, ଶିବାନନ୍ଦ ମଟାରୀ, ବିମଳ କୃଷ୍ଣ ମିଶ୍ର, ତୃଷାରାଣୀ ସାହୁ,ଜତିଲାଲ ବାଗ , ପ୍ରଶାନ୍ତ କୁମାର ସାହୁ, ପ୍ରଦୀପ କୁମାର ପ୍ରଧାନ, ଅଜିତ ଦେବତା ପ୍ରମୁଖ ସହଯୋଗ କରିଥିଲେ ।



## ଭାରତ ମସଲାର ବିଶ୍ୱ ବଜାରରେ ନୂଆ ପଦକ୍ଷେପ

# ଅନ୍ତର୍ଜାତୀୟ ବଜାର ସହ ଭାରତୀୟ ମସଲାକୁ ଯୋଡୁଛି ଭାରତ ମସଲା

**କଟକ, ନ୍ୟୁଜ ବ୍ୟୁରୋ**

ଅନ୍ତର୍ଜାତୀୟ ବଜାରରେ ଭାରତୀୟ ମସଲାର ବଢୁଥିବା ଚାହିଦା ଭାରତୀୟ ମସଲା ଉତ୍ପାଦକ, ରପ୍ତାନିକାରୀ ଏବଂ ଚାଷୀମାନଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରୁଛି । ଓଡ଼ିଶାର ଅଗ୍ରଣୀ ମସଲା କମ୍ପାନୀ ଜୟ ଭାରତ ସ୍ପାଇସେସ୍ ପ୍ରାଇଭେଟ୍ ଲିମିଟେଡ୍ (ଭାରତ ମସଲା) ଉଚ୍ଚମାନର ଭାରତୀୟ ମସଲା ରପ୍ତାନି ଉପରେ ଅଧିକ ଗୁରୁତ୍ୱ ଦେଇ ବିଶ୍ୱ ବଜାରରେ ନିଜର ଉପସ୍ଥିତିକୁ ଆହୁରି ସୁଦୃଢ଼ କରୁଛି । ଭାରତ ମସଲା ଓଡ଼ିଶା ସରକାରଙ୍କ ପକ୍ଷରୁ ଚାରିଥର 'ଶ୍ରେଷ୍ଠ ରପ୍ତାନିକାରୀ କମ୍ପାନୀ' ପୁରସ୍କାର ପାଇଛି । ରାଜ୍ୟର ରପ୍ତାନି କ୍ଷେତ୍ରରେ ଅବଦାନ ଏବଂ ଭାରତୀୟ ମସଲାକୁ ଅନ୍ତର୍ଜାତୀୟ ବଜାରରେ ପହଞ୍ଚାଇବା ଦିଗରେ କମ୍ପାନୀର ପ୍ରୟାସକୁ ଏହି ସମ୍ମାନ ସ୍ୱୀକୃତି ଦେଇଛି ।

ଦେଶର ଆର୍ଥିକ ବିକାଶରେ ଯୋଗଦାନ କରିବାର ଲକ୍ଷ୍ୟ ନେଇ ଭାରତ ମସଲା ଦେଶ ପାଇଁ ମୂଲ୍ୟବାନ ବୈଦେଶିକ ମୁଦ୍ରା ଅର୍ଜନ କରିବା ସହ ଭାରତୀୟ ଚାଷୀମାନଙ୍କୁ ଅତିରିକ୍ତ ଆର୍ଥିକ ଲାଭ ପହଞ୍ଚାଇବାକୁ ପ୍ରତିବଦ୍ଧ । ଚାଷୀ, ଭାରତୀୟ ମସଲା ପ୍ରକ୍ରିୟାକରଣ ଶିଳ୍ପ ଏବଂ ଅନ୍ତର୍ଜାତୀୟ ବଜାର ମଧ୍ୟରେ ଏକ ଦୃଢ଼ ସମ୍ପର୍କ ସ୍ଥାପନ ମାଧ୍ୟମରେ ଏକ ସ୍ଥାୟୀ ମୂଲ୍ୟ ଶୃଙ୍ଖଳ ସୃଷ୍ଟି କରିବା ଏବଂ ଚାଷୀମାନଙ୍କ ପାଇଁ ଉତ୍ତମ ବଜାର ସୁଯୋଗ ସୃଷ୍ଟି କରିବା କମ୍ପାନୀର ମୁଖ୍ୟ ଉଦ୍ଦେଶ୍ୟ ।

୨୦୨୬-୨୭ ଆର୍ଥିକ ବର୍ଷରେ, ଭାରତ ମସଲା ଓଡ଼ିଶାର ପାରାଦୀପ ବନ୍ଦରରୁ ଦୁଇଟି ଚାଲାଣ (Consignment) ୟୁଏଇର ଜେବେଲ୍ ଅଲି ବନ୍ଦରକୁ ପଠାଇବାକୁ ଯାଉଛି । ଏହି ରପ୍ତାନି ଚାଲାଣ ଭାରତୀୟ ମସଲାକୁ ଦେଶର ସୀମା ବାହାରେ ଅଧିକ ବଜାର ସୁଯୋଗ ଦେବା ଏବଂ ଅନ୍ତର୍ଜାତୀୟ ବଜାରରେ କମ୍ପାନୀର ଉପସ୍ଥିତିକୁ ସୁଦୃଢ଼ କରିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

# ଖୋର୍ଦ୍ଧା ରୋଡ୍ ମଣ୍ଡଳରେ 'ହିନ୍ଦୀ ପଖୱାଡ଼ା-୨୦୨୬' ଉଦ୍‌ଘାଟିତ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ସେପ୍ଟେମ୍ବର ୦୧, ୨୦୨୬ରୁ ସେପ୍ଟେମ୍ବର ୨୩, ୨୦୨୬ ପର୍ଯ୍ୟନ୍ତ 'ହିନ୍ଦୀ ପଖୱାଡ଼ା-୨୦୨୬' ପାଳନ କରାଯାଉଛି । ରେଳ ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ରାଜଭାଷା ହିନ୍ଦୀର ପ୍ରଚାର ଓ ପ୍ରସାର କରିବା ସହ ସରକାରୀ କାର୍ଯ୍ୟରେ ଏହାର ବ୍ୟାପକ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏହି ପଖୱାଡ଼ାର ମୁଖ୍ୟ ଉଦ୍ଦେଶ୍ୟ । ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନୀଲ ପ୍ରଦୀପ ପ୍ରଜ୍ୱଳନ କରିବା ସହ ମା' ସରସ୍ୱତୀଙ୍କ ନିକଟରେ ପୁଷ୍ପମାଲ୍ୟ ଅର୍ପଣ କରି 'ହିନ୍ଦୀ ପଖୱାଡ଼ା-୨୦୨୬'ର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସେ ପ୍ରଭାବଶାଳୀ ଯୋଗାଯୋଗ, ଜାତୀୟ ଏକତା ତଥା ନିଜର ଚିନ୍ତାଧାରା ଓ ଭାବନାର ଅଭିବ୍ୟକ୍ତିର ମାଧ୍ୟମ ଭାବେ ହିନ୍ଦୀ ଭାଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସରକାରୀ କାର୍ଯ୍ୟରେ ହିନ୍ଦୀର ଅଧିକରୁ ଅଧିକ ବ୍ୟବହାର କରିବା ସହ ହିନ୍ଦୀ ପଖୱାଡ଼ା ଅବସରରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ସେ ସମସ୍ତ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ ।

ଖୋର୍ଦ୍ଧା ରୋଡ୍ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପି. କେ. ବେହେରା ସରକାରୀ କାର୍ଯ୍ୟରେ ହିନ୍ଦୀର ପ୍ରସାର ଓ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ । ଦୈନନ୍ଦିନ ସରକାରୀ ଯୋଗାଯୋଗରେ ସ୍ୱାଭାବିକ ଓ ନିରନ୍ତର ଭାବେ ହିନ୍ଦୀ ବ୍ୟବହାର କରିବାକୁ ସେ କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ । କେବଳ ହିନ୍ଦୀ ପଖୱାଡ଼ା ପାଳନ କରିବାରେ ନୁହେଁ, ବରଂ ଏହାର ନିୟମିତ ଓ ଅର୍ଥପୂର୍ଣ୍ଣ ବ୍ୟବହାର ଦ୍ୱାରା ହିଁ ହିନ୍ଦୀ ପ୍ରତି ପ୍ରକୃତ ସମ୍ମାନ ପ୍ରକାଶ ପାଇଥାଏ ବୋଲି ସେ କହିଥିଲେ । ହିନ୍ଦୀ ପଖୱାଡ଼ା ଅବଧିରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ରାଜଭାଷା ବିଭାଗ ପକ୍ଷରୁ ରେଳ କର୍ମଚାରୀମାନଙ୍କ ପାଇଁ ହିନ୍ଦୀ ନୋଟିଂ ଓ ଡ୍ରାଫ୍ଟିଂ, ହିନ୍ଦୀ ପ୍ରବଚନ ଏବଂ ହିନ୍ଦୀ କର୍ମଶାଳା ଭଳି ବିଭିନ୍ନ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ରାଜଭାଷା ଅଧିକାରୀ ଶ୍ରୀମତୀ ଉଷା ରାଣୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆତଙ୍କବାଦର...

ଫଳାଫଳକୁ ପରିବର୍ତ୍ତିତ କରିବାର ସମୟ ଆସିଛି ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି ଦିଗରେ ଶାନ୍ତି ଏବଂ ସୁରକ୍ଷା ହେଉଛି ପ୍ରଥମ ଆବଶ୍ୟକତା । ଆତଙ୍କବାଦ ଆଜି ସମଗ୍ର ମାନବଜାତି ପାଇଁ ଏକ ଗୁରୁତର ଆହ୍ୱାନ ସୃଷ୍ଟି କରିଛି । ଏହା ବିରୋଧରେ ଲଢ଼େଇ କେବଳ କାର୍ଯ୍ୟାନୁଷ୍ଠାନ ଏବଂ ପ୍ରତିକ୍ରିୟା ମଧ୍ୟରେ ସୀମିତ ରହିପାରିବ ନାହିଁ ।

ଏକ ଶାନ୍ତିପୂର୍ଣ୍ଣ ଏବଂ ସୁରକ୍ଷିତ ୟୁରେସିଆ ପାଇଁ ମିଳିତ ଆକାଂକ୍ଷା ଆଫଗାନିସ୍ତାନରେ ଶାନ୍ତି ଏବଂ ସ୍ଥିରତା ସହିତ ମଧ୍ୟ ଜଡିତ ବୋଲି ମୋଦୀ କହିଛନ୍ତି । ଆଫଗାନିସ୍ତାନର ଜନସାଧାରଣଙ୍କ ବିକାଶ ଏବଂ ମାନବୀୟ ସହାୟତା କ୍ଷେତ୍ରରେ ଭାରତ ନିଜର ଯୋଗଦାନ ଜାରି ରଖିଛି ଏବଂ ଆଗକୁ ମଧ୍ୟ ଜାରି ରଖିବ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଥିଲେ ।

## ଛାତ୍ରଙ୍କ ବିରୁଦ୍ଧରେ...

ରଖି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କ ଆଗରେ କହିଥିଲେ ଯେ, ଜୁଲାଇ ୨୫ରେ ଆନ୍ଦୋଳନକାରୀ ଛାତ୍ରମାନଙ୍କ ସହିତ ହୋଇଥିବା ଆଲୋଚନାରେ ଦିଆଯାଇଥିବା ପ୍ରତିଶ୍ରୁତି ରକ୍ଷା କରିବାକୁ ସରକାର ବଦ୍ଧ ପରିକର । ଜୁଲାଇ ୨୦ରୁ ୨୫ ମଧ୍ୟରେ ଆନ୍ଦୋଳନରତ ଛାତ୍ରମାନଙ୍କ ବିରୁଦ୍ଧରେ ହୋଇଥିବା ଏଫଆଇଆର ପ୍ରତ୍ୟାହାର, ଆଉ ନୂଆ ଏଫଆଇଆର ରୁଜୁ ନ କରିବା ଏବଂ ଆତ୍ମହତ୍ୟା କରିଥିବା ନିଟ୍ ଆଶାୟୀଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ ।

ତେବେ ଏହି ଆନ୍ଦୋଳନ ବେଳେ ମନ୍ଦ ଉଦ୍ଦେଶ୍ୟ ରଖି ଉପସ୍ଥିତ ହୋଇଥିବା ତଥା ହିଂସାକାଣ୍ଡ ଘଟାଇଥିବା ୨,୮୩୭ ଜଣ ବ୍ୟକ୍ତିଙ୍କ ବିରୁଦ୍ଧରେ ରୁଜୁ ମାମଲା ପ୍ରତ୍ୟାହାର ନ କରିବାକୁ ଦିଲ୍ଲୀ ପୁଲିସର ଦାବିକୁ କୋର୍ଟ ଗ୍ରହଣ କରିବା ସହ ଏନେଇ ଅନ୍ୟ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବାକୁ ଅନୁମତି ଦେଇଛନ୍ତି ।

## ଦେଶର ପ୍ରଥମ...

ଲୋକ ଭବନ ବାହାରେ ମଧ୍ୟ ଏହି ସବୁଜ ବାର୍ତ୍ତାକୁ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେଇ ରାଜ୍ୟପାଳ ଓଡ଼ିଶାର ବିଶ୍ୱବିଦ୍ୟାଳୟମାନଙ୍କୁ ସବୁଜ ପ୍ରମାଣପତ୍ର ହାସଲ କରିବାକୁ ଆହ୍ୱାନ ଜଣାଇଥିଲେ । ପରିବେଶ ସଚେତନତା ସୃଷ୍ଟିରେ ବିଶ୍ୱବିଦ୍ୟାଳୟଗୁଡ଼ିକ ଅଧିକ ଭୂମିକା ନେଇପାରିବେ ବୋଲି ସେ କହିଥିଲେ । ପ୍ରତିବର୍ଷ ହଜାର ହଜାର ଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟରୁ ଉତୀର୍ଣ୍ଣ ହେଉଥିବାରୁ ସେମାନେ ପରିବେଶ ସୁରକ୍ଷାର ଆମ୍ବାସଡର ହୋଇପାରିବେ ବୋଲି ରାଜ୍ୟପାଳ କହିଥିଲେ ।

ଲୋକ ଭବନରେ ନିଆଯାଇଥିବା ଅକ୍ଷୟ ଶକ୍ତି ସମ୍ପର୍କିତ ପଦକ୍ଷେପଗୁଡ଼ିକ ଉପରେ ମଧ୍ୟ ରାଜ୍ୟପାଳ ଆଲୋକପାତ କରିଥିଲେ । ପରିସରରେ ବର୍ତ୍ତମାନ ୬୩୫ କିଲୋୱାଟ୍ ପିକ୍ ସୌର ଶକ୍ତି କ୍ଷମତା ସମ୍ପନ୍ନ ସିଷ୍ଟମ ସ୍ଥାପିତ ହୋଇଥିବା ସେ କହିଥିଲେ । ଘର ଓ ବିଭିନ୍ନ ଅନୁଷ୍ଠାନରେ ଅଧିକରୁ ଅଧିକ ରୁଫ ଟପ ସୋଲାର ସିଷ୍ଟମ ବ୍ୟବହାର କରିବାକୁ ସେ ଆହ୍ୱାନ ଦେଇଥିଲେ । ରାଜ୍ୟପାଳ କହିଥିଲେ ଯେ ଜର୍ମାନୀରେ ବର୍ଷକୁ ପ୍ରାୟ ୧୦୦ ଦିନ ସୂର୍ଯ୍ୟକିରଣ ମିଳେ, ତଥାପି ସେଠାରେ ସୌର ଶକ୍ତିର ବ୍ୟବହାର କରାଯାଉଛି । ଆମ ପାଖରେ ବର୍ଷକୁ ପ୍ରାୟ ୩୦୦ ଦିନ ସୂର୍ଯ୍ୟକିରଣ ମିଳେ । ଯଦି ଆମେ ଏହି ଶକ୍ତିର ଉପଯୋଗ ନକରିବା, ତେବେ ଏହା ଏକ ଅପରାଧ ହେବ ।

ଏହାର ସବୁଜ ରୂପାନ୍ତରଣର ଅଂଶ ଭାବରେ, ଓଡ଼ିଶା ଲୋକ ଭବନ ମଧ୍ୟ ଏକ ସମ୍ପୂର୍ଣ୍ଣ ବିଦ୍ୟୁତ୍ ଚାଳିତ କାରକେଡ୍ ଗ୍ରହଣ କରିଛି, ଯାହା ଏହାକୁ ଦେଶର ପ୍ରଥମ ଲୋକ ଭବନ କରିଛି ଯେଉଁଥିରେ ରାଜ୍ୟପାଳଙ୍କ କାରକେଡକୁ ସମ୍ପୂର୍ଣ୍ଣ ଭାବରେ ବୈଦ୍ୟୁତିକ ଯାନରେ ପରିବର୍ତ୍ତନ କରାଯାଇଛି । ଅକ୍ଷୟ ଶକ୍ତି ବ୍ୟବହାରକୁ ଆହୁରି ବଢ଼ାଇବା ପାଇଁ ଲୋକ ଭବନ ପରିସରରେ ଛୋଟ ଉଇଣ୍ଡ ମିଲ (ପବନ ଚକି) ସ୍ଥାପନ କରିବାକୁ ମଧ୍ୟ ଯୋଜନା ରହିଛି । ଅକ୍ଷୟ ଶକ୍ତିର ବ୍ୟବହାର ବଢ଼ିଲେ ପରିସରକୁ ସ୍ୱଚ୍ଛ ଶକ୍ତି ଆଡ଼କୁ ଆହୁରି ଦୃଢ଼ତାର ସହ ନେବା ସମ୍ଭବ ହେବ ବୋଲି ରାଜ୍ୟପାଳ କହିଥିଲେ ।

ପୁରୀସ୍ଥିତ ଲୋକ ଭବନକୁ ମଧ୍ୟ ସବୁଜ ପ୍ରମାଣପତ୍ର ହାସଲ କରାଇବା ପାଇଁ ପଦକ୍ଷେପ ନିଆଯିବ । ଏହାର ପ୍ରଥମ ପଦକ୍ଷେପ ଭାବେ ସେଠାରେ ୧୦୦ କିଲୋୱାଟ୍‌ର ସୌର ଶକ୍ତି ପ୍ଲାଣ୍ଟ ସ୍ଥାପନ ପାଇଁ ପ୍ରସ୍ତାବ ରହିଛି ।

ଓଡ଼ିଶା ଓ ସମଗ୍ର ଦେଶରେ ସ୍ୱଚ୍ଛ ଶକ୍ତି ଆଡ଼କୁ ଏକ ବ୍ୟାପକ ପରିବର୍ତ୍ତନ ଆସୁଥିବା କଥା ରାଜ୍ୟପାଳ ଉଲ୍ଲେଖ କରିଥିଲେ । ଏଥିରେ ସୌର ଓ ପବନ ଶକ୍ତି ଭଳି ଅକ୍ଷୟ ଶକ୍ତି ଉତ୍ସର ଗୁରୁତ୍ୱ ଦିନକୁ ଦିନ ବଢୁଛି ବୋଲି ସେ କହିଥିଲେ ।

ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ ପରିବେଶ ସୁରକ୍ଷା ପ୍ରତି ରାଜ୍ୟପାଳଙ୍କ ପ୍ରତିବଦ୍ଧତା ଲୋକ ଭବନର ସବୁଜ ରୂପାନ୍ତରଣ ମାଧ୍ୟମରେ ବାସ୍ତବ ରୂପ ନେଇଛି । ଏହି ସ୍ୱୀକୃତି ଓଡ଼ିଶା ପାଇଁ ଗର୍ବର ବିଷୟ ଏବଂ ଭବିଷ୍ୟତରେ ସରକାରୀ କୋଠା ଯୋଜନା କରିବା ସମୟରେ ସବୁଜ ପଦକ୍ଷେପକୁ ସାମିଲ କରିବା ପାଇଁ ବିଭିନ୍ନ ବିଭାଗକୁ ଏହା ପ୍ରୋତ୍ସାହିତ କରିବ ବୋଲି ସେ କହିଥିଲେ ।

ଏହି ଅବସରରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ଡ. ରୂପା ରୋଶନ ସାହୁ, ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ଆଇଜିବିସିର ବରିଷ୍ଠ ଅଧିକାରୀ ତଥା ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ପୁଣି ତୀବ୍ର ...

ଘଟଣା ସ୍ଥଳରେ ମୁତୟନ କରାଯାଇଛି । ସେହିପରି ଆଖପାଖ ଅଞ୍ଚଳରେ ଆକ୍ରମଣକାରୀଙ୍କୁ ଚିହ୍ନଟ କରିବାକୁ ବଡ଼ଧରଣର ସର୍ଚ୍ଚ ଅପରେସନ ମଧ୍ୟ କରାଯାଇଛି । ଆକ୍ରମଣ ଯୋଗୁ ଅନେକ ଲୋକଙ୍କ ଘର ପୂରା ପୋଡ଼ି ଯାଇଥିବା ବେଳେ ଗାଡ଼ି ଓ ଅନ୍ୟାନ୍ୟ ଜିନିଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି । ପୋଡ଼ାଜଳାରେ ଅତିକମରେ ୩୦ଟି ଘର ଓ ସେଠାରେ ଥିବା ଜିନିଷପତ୍ର ସବୁ ନଷ୍ଟ ହୋଇଯାଇଥିବା ପୁଲିସ୍ ପକ୍ଷରୁ କୁହାଯାଇଛି ।

ଏହାର ଦିନକ ପୂର୍ବରୁ ତେଇଖାଙ୍ଗ କୁକି ଗାଁରେ ବନ୍ଧୁକଧାରୀମାନେ ଆକ୍ରମଣ କରିଥିଲେ । ଏଥିରେ ୨ ଜଣ ମହିଳାଙ୍କ ସମେତ ୩ ଜଣ ପ୍ରାଣ ହରାଇଥିଲେ । ସେହିପରି ଆଉ ୪ ଜଣ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଦୁଇ ଦିନ ମଧ୍ୟରେ ଏପରି ହିଂସାକାଣ୍ଡ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ଚିନ୍ତାରେ ପକାଇ ଦେଇଛି । ସେମାନେ ପୁଣି ବଡ଼ଧରଣର ହିଂସାକାଣ୍ଡର ଆଶଙ୍କା କରିଛନ୍ତି ।

## ସମୁଦ୍ରରେ ବୁଡ଼ିଯିବେ...

ଅଛନ୍ତି । ପାସିଫିକ ଆଇଲ୍ୟାଣ୍ଡସ ଫୋରମ ନେତାମାନଙ୍କ ୫୫ତମ ବୈଠକରେ ଉପ-ମହାସଚିବ ଅମିନା ମହମ୍ମଦ ଏହି ରିପୋର୍ଟ ପ୍ରକାଶ କରିଛନ୍ତି । ଏହି ରିପୋର୍ଟ ଅନୁଯାୟୀ ୨୦୨୪ରେ ସମୁଦ୍ର ପତନର ବାର୍ଷିକ ବୃଦ୍ଧି ଏପର୍ଯ୍ୟନ୍ତର ସୁଉଚ୍ଚ ସ୍ତରରେ ପହଞ୍ଚିଥିଲା । ଏହା ପ୍ରାୟ ୬ ମିଲିମିଟର ରେକର୍ଡ କରାଯାଇଛି ।

ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜର ଏକ ଦେଶ 'ପଲାଉ' ଏହି ବୈଠକର ଆୟୋଜନ କରୁଛି । ସମୁଦ୍ର ପତନ ବୃଦ୍ଧି ଯୋଗୁଁ ଏହାର ଅନେକ ଦ୍ୱୀପ ବହୁ ପରିମାଣରେ ବୁଡ଼ିଯିବାର ଆଶଙ୍କା ରହିଛି । ଏହି ବୈଠକ ସେହି ଗମ୍ଭୀର ସଙ୍କଟକୁ ହିଁ ଦର୍ଶାଉଛି ।

ମିଳିତ ଜାତିସଂଘର ରିପୋର୍ଟରେ କୁହାଯାଇଛି ଯେ ଗ୍ଲୋବାଲ ୱାର୍ମିଂ (ବିଶ୍ୱ ତାପମାତ୍ରା ବୃଦ୍ଧି) ଯୋଗୁଁ ହିମବାହ ଏବଂ ବରଫ ଆସ୍ତରଣ ତରଳୁଛି ତଥା ସମୁଦ୍ର ପାଣି ଉଷୁମ ହେଉଛି; ଯାହାଦ୍ୱାରା ଧନଜୀବନ ଏବଂ ଏପରିକି ସଂସ୍କୃତି ଉପରେ ମଧ୍ୟ ପ୍ରଭାବ ପଡୁଛି । ସମୁଦ୍ରର ବଢୁଥିବା ଜଳସ୍ତରର ପ୍ରଭାବ କେବଳ ଉପକୂଳବର୍ତ୍ତୀ ଅଞ୍ଚଳରେ ହିଁ ସୀମିତ ନୁହେଁ ବୋଲି କୁହାଯାଇଛି ।

# ଶକ୍ତି ସମ୍ମିଳନୀରେ ମହିଳା ସୁରକ୍ଷା ଓ ସଶକ୍ତୀକରଣ ପାଇଁ ଏକାଠି ୨୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ଭୁବନେଶ୍ୱରଠାରେ ଆୟୋଜିତ 'ଶକ୍ତି ସମ୍ମିଳନୀ'ର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଛନ୍ତି । ମହିଳାଙ୍କ ସୁରକ୍ଷା, ସଂରକ୍ଷଣ ଓ ସଶକ୍ତୀକରଣ ପାଇଁ ସାମୂହିକ ଉଦ୍ୟମକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ୨୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବରିଷ୍ଠ ଅଧିକାରୀମାନେ ଏହି ସମ୍ମିଳନୀରେ ଏକତ୍ରିତ ହୋଇଛନ୍ତି । ସମାବେଶକୁ ସମ୍ବୋଧିତ କରି ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତିଯେ ମହିଳା ସୁରକ୍ଷା ଓ ମହିଳା ସଶକ୍ତୀକରଣକୁ ଭିନ୍ନ ଭିନ୍ନ ଭାବେ ଦେଖାଯାଇପାରିବ ନାହିଁ । ମଜବୁତ ଅନୁଷ୍ଠାନ, ପ୍ରଭାବଶାଳୀ କାର୍ଯ୍ୟକାରିତା ଏବଂ ସାମୂହିକ ଉତରଦାୟିତ୍ୱ ମାଧ୍ୟମରେ ଏଗୁଡ଼ିକ ସହ-ସମ୍ବନ୍ଧିତ ହୋଇ ଆଗେଇବା ଆବଶ୍ୟକ । କେନ୍ଦ୍ର ଓ ରାଜ୍ୟଗୁଡ଼ିକ ପରସ୍ପରଠାରୁ ଶିଖିବା, ସମନ୍ୱୟ ବୃଦ୍ଧି କରିବା ଏବଂ ପ୍ରତ୍ୟେକ ମହିଳା ଯେପରି ସୁରକ୍ଷା, ସମ୍ମାନ ଓ ସୁଯୋଗ ସହ ଜୀବନଯାପନ କରିପାରିବେ ତାହା ସୁନିଶ୍ଚିତ କରିବା ପାଇଁ ଶକ୍ତି ସମ୍ମିଳନୀ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରୁଛି । ଜାତୀୟ ମହିଳା ଆୟୋଗ ଏବଂ ଓଡ଼ିଶା ସରକାରଙ୍କ ଯୁଗ୍ମ ଆନୁକୂଲ୍ୟରେ ଆୟୋଜିତ ଏହି ସମ୍ମିଳନୀ, ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡ଼ିକୁ ନିଜର ସଫଳ ପଦକ୍ଷେପ ବାଣ୍ଟିବା, କାର୍ଯ୍ୟକାରିତାରେ ଥିବା ଅଭାବକୁ ଚିହ୍ନଟ କରିବା ଏବଂ ଅଧିକ ଆନୁଷ୍ଠାନିକ ସମନ୍ୱୟ ମାଧ୍ୟମରେ କାର୍ଯ୍ୟକାରୀ କୌଶଳ ବିକଶିତ କରିବା ପାଇଁ ଏକ ଜାତୀୟ ମଞ୍ଚ ଯୋଗାଇଦେଉଛି । ଉଦ୍‌ଘାଟନୀ ସମାରୋହରେ ଜାତୀୟ ମହିଳା ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ବିଜୟା ରାହଟକର ସମ୍ମିଳନୀର ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଦେଶସାରା ମହିଳାମାନଙ୍କ ସୁରକ୍ଷା ଓ ସଶକ୍ତୀକରଣକୁ ଆଗକୁ ନେବା ପାଇଁ ଅଧିକ ସୁଦୃଢ଼ ଏବଂ ନିରନ୍ତର ସାମୂହିକ ପଦକ୍ଷେପର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି ଉଦ୍‌ଘାଟନୀ ସମାରୋହରେ ଜାତୀୟ ମହିଳା ଆୟୋଗର ସଦସ୍ୟ ସଚିବ ସୁଦୀପ ଜୈନ, ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଡ. ମୃଣାଳିନୀ ଦାର୍ସୱାଲ ଏବଂ ମିଶନ ଶକ୍ତିର ସଚିବ ଶ୍ରୀମତୀ ମାନସୀ ନିମ୍ଭାଲ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସମ୍ମିଳନୀରେ ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଛତିଶଗଡ଼, ଗୁଜରାଟ, ହରିୟାଣା, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ପଞ୍ଜାବ, ସିକିମ, ତାମିଲନାଡୁ, ତ୍ରିପୁରା, ଉତର ପ୍ରଦେଶ, ଉତରାଖଣ୍ଡ, ପଶ୍ଚିମବଙ୍ଗ, ଦିଲ୍ଲୀ, ଜାମ୍ମୁ ଓ କାଶ୍ମୀର, ଚଣ୍ଡୀଗଡ଼ ଏବଂ ତେଲେଙ୍ଗାନା ସମେତ ୨୨ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ସଚିବ, କମିଶନର, ନିର୍ଦ୍ଦେଶକ ଓ ଯୁଗ୍ମ ନିର୍ଦ୍ଦେଶକ ପଦବୀର ୨୯ ଜଣ ବରିଷ୍ଠ ଅଧିକାରୀ ଅଂଶଗ୍ରହଣ କରିଛନ୍ତି । ଶକ୍ତି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମହିଳା ସୁରକ୍ଷା ଓ ସଶକ୍ତୀକରଣ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକ ଉପରେ ଆନୁଷ୍ଠାନିକ ସହଯୋଗ ଓ ଆଲୋଚନାକୁ ପ୍ରୋତ୍ସାହିତ କରିବା । ଏହାସହ ନୂତନ ଆହ୍ୱାନଗୁଡ଼ିକର ମୋକାବିଲା ପାଇଁ ସମନ୍ୱିତ ରଣନୀତି ପ୍ରସ୍ତୁତ କରିବା ।

# ଜିଲ୍ଲା ଗସ୍ତ କରିବେ ଅଧିକାରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସଚିବ ଓ ବରିଷ୍ଠ ଅଧିକାରୀଙ୍କୁ ଜିଲ୍ଲା ଗସ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଉନ୍ନୟନ କମିଶନର । ଉନ୍ନୟନ କମିଶନର ଦେଓରଞ୍ଜନ ସିଂହ ଚିଠି ଲେଖି ଅଧିକାରୀମାନଙ୍କୁ ଜଣାଇଛନ୍ତି । ଅଧିକାରୀମାନେ ଅକ୍ଟୋବର ଯାଏଁ ଦାୟିତ୍ୱ ଦିଆଯାଇଥିବା ଜିଲ୍ଲାକୁ ୨/୩ ଦିନିଆ ଗସ୍ତ କରିବେ ଏବଂ ଗୋଟିଏ ରାତି ଜିଲ୍ଲା/ଉପଖଣ୍ଡ ମୁଖ୍ୟାଳୟରେ ରହିବେ । ସେମାନେ ସେଠାରେ ରାଜ୍ୟ ସରକାରୀ ଓ କେନ୍ଦ୍ର ପ୍ରାୟୋଜିତ ଯୋଜନାର କାର୍ଯ୍ୟକାରିତା ଦେଖିବେ । ଏହାସହ ଜିଲ୍ଲା ମୁଖ୍ୟ ହସ୍ପିଟାଲ, ପିଏଚସି/ସିଏଚସି ଯାଇ ରୋଗୀ ସେବା ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । କୌଣସି ଦୁର୍ଗମ ଅଂଚଳ ଅଚାନକ ଗସ୍ତ କରି ସ୍ଥିତି ପରଖିବେ ।ଗ୍ରାମପଂଚାୟତକୁ ଯାଇ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିପାରିବେ । ୩୦ ଜିଲ୍ଲା ପାଇଁ ୩୦ ଆଇଏଏସ୍ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି ଉନ୍ନୟନ କମିଶନର ।

ଉତ୍କଳ ଦୀପିକା

ଭୁବନେଶ୍ୱର, ୦୨ ସେପ୍ଟେମ୍ବର, ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ୬ ଦିନିଆ ଦିଲ୍ଲୀ ଗସ୍ତରେ ଗଲେ ନବୀନ ପଟ୍ଟନାୟକ ବ୍ୟକ୍ତିଗତ କାର୍ଯ୍ୟ ବୋଲି ସ୍ପଷ୍ଟ କଲା ବିଜେଡି

ଭୁବନେଶ୍ୱର ୦୧/୦୯ ନ୍ୟୁଜ ବ୍ୟୁରୋ

ମଙ୍ଗଳବାରଠୁ ୬ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ସେ ବ୍ୟକ୍ତିଗତ କାର୍ଯ୍ୟ ପାଇଁ ଦିଲ୍ଲୀ ଗସ୍ତ କରିଥିବା ଦଳୀୟ ନେତାମାନେ ସ୍ପଷ୍ଟ କରିଛନ୍ତି। ଶ୍ରୀ ପଟ୍ଟନାୟକଙ୍କ ଦିଲ୍ଲୀ ଗସ୍ତକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଥିବା ବେଳେ ତାଙ୍କର ଏହି ଗସ୍ତ ପଛରେ ବ୍ୟକ୍ତିଗତ କାରଣ ବ୍ୟତୀତ ଅନ୍ୟ କୌଣସି କାରଣ ନଥିବା ଦଳ ପକ୍ଷରୁ କୁହାଯାଇଛି। ବିଜେଡି ଉପସଭାପତି ଦେବୀପ୍ରସାଦ ମିଶ୍ର ଏବଂ ରାଜ୍ୟସଭା ସାଂସଦ ସଂତୃପ୍ତ ମିଶ୍ର ମଧ୍ୟ ଶ୍ରୀ ପଟ୍ଟନାୟକଙ୍କ ଗସ୍ତ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ବୋଲି ସ୍ପଷ୍ଟ



କରିଛନ୍ତି। ଗସ୍ତ ସମୟରେ ଶ୍ରୀ ପଟ୍ଟନାୟକ କିଛି ବ୍ୟକ୍ତିଗତ କାର୍ଯ୍ୟସୂଚୀ ଶେଷ କରିବେ। ସୂଚନା ଅନୁଯାୟୀ, ଦିଲ୍ଲୀରେ ୬ ଦିନ ରହିବା ପରେ ନବୀନ ପଟ୍ଟନାୟକ ସେପ୍ଟେମ୍ବର ୬ ତାରିଖରେ ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ରହିଛି।

# ସମୁଦ୍ରରେ ବୁଡ଼ି ଜଣେ ମୃତ, ଜଣେ ଗୁରୁତର

ପୁରୀ, ୧/୯ ନ୍ୟୁଜ ବ୍ୟୁରୋ

ପୁରୀ ବେଳାଭୂମିରେ ବଡ଼ ଅଘଟଣ। ଲାଇଟ୍ ହାଉସ୍ ନିକଟ ସମୁଦ୍ରରେ ବୁଡ଼ି ଜଣେ ମୃତ। ସେହିଭଳି ଜଣେ ଗୁରୁତର ମଧ୍ୟ ହୋଇଥିବା ଜଣାପଡ଼ିଛି। ମୃତକ ହେଉଛନ୍ତି ଉତ୍ତର ପ୍ରଦେଶ ରାଣୀପୁରର ସୁମିତ୍ ଗୁପ୍ତା। ଗୁରୁତର ବିହାରର ଅନୀଶ ସିଂହଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ, ମଙ୍ଗଳବାର ଅପରାହ୍ନରେ ଲାଇଟ୍ ହାଉସ୍ ସମୁଦ୍ର ନିକଟରେ ଗାଧୋଉଥିବା ବେଳେ ବୁଡ଼ିଯାଇଥିଲେ ୫ ଜଣ ପର୍ଯ୍ୟଟକ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବା ବେଳେ ଦୁଇ ଜଣଙ୍କୁ ଗୁରୁତର ଅବସ୍ଥାରେ ସଦର ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଯାଇଥିଲା।



ଭୁବନେଶ୍ୱର : ଭାରତୀୟ ବିଦ୍ୟାଭବନ ସମ୍ମିଳନୀ କକ୍ଷ ପରସରରେ ନାଟ୍ୟକାର ଡ. ମନ୍ମଥ କୁମାର ଶତପଥୀଙ୍କ ୮୩ତମ ଜନ୍ମ ଜୟନ୍ତୀ ପାଳନ ଉତ୍ସବକୁ ଉଦ୍‌ଘାଟନ କରିବା ଅବସରରେ 'ମୁଁ ଓ ମୋର ନାଟକ' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି ମୁଖ୍ୟଅତିଥି ବିଶିଷ୍ଟ ଯୋଗଗୁରୁ ଶ୍ୟାମସୁନ୍ଦର ଅଗ୍ରୱାଲ, ମୁଖ୍ୟ ବକ୍ତା 'ସମ୍ବାଦ କଳିକା'ର ସମ୍ପାଦକ ଜୟାଶୀଷ ରାୟ, ସମ୍ମାନିତ ଅତିଥି ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତ୍ରୀ ତ୍ରିପୁରା ମିଶ୍ର, ଅନ୍ୟତମ ସମ୍ମାନିତ ଅତିଥି ପ୍ରଦୀପ କୁମାର ପଟ୍ଟନାୟକ, ମେଜର ଜେନେରାଲ ଅତନୁ କୁମାର ପଟ୍ଟନାୟକ, ଡ. ଦେବାଶିଷ ମହାପାତ୍ର ଏବଂ ଡ. ମନ୍ମଥ କୁମାର ଶତପଥୀ ପ୍ରମୁଖ। (ଫଟୋ : ସମ୍ବାଦ କଳିକା)





ଭୁବନେଶ୍ୱର : ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସଞ୍ଜୟ କୁମାର ବିଶ୍ୱାଳ (ଆଇଏଏସ୍)ଙ୍କୁ ମଙ୍ଗଳବାର ଲୋକ ସମ୍ପର୍କ ଭବନସ୍ଥିତ ତାଙ୍କ କାର୍ଯ୍ୟାଳୟ ଠାରେ 'ସମ୍ବାଦ କଳିକା' ପକ୍ଷରୁ ବରିଷ୍ଠ ପ୍ରତିନିଧି ବିବେକାନନ୍ଦ ଜେନା ଓ ବିଜିନେସ ରିପୋର୍ଟର ବାସୁଦେବ ବାରିକ ସାକ୍ଷାତ କରି ଅଭିନନ୍ଦନ ଜଣାଉଛନ୍ତି। (ଫଟୋ : ସମ୍ବାଦ କଳିକା)

# କିମ୍ସର ୨୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଡାକ ବିଭାଗର ସ୍ୱତନ୍ତ୍ର ସ୍ମାରକ ଡାକ କଭର ଉନ୍ମୋଚିତ

ଭୁବନେଶ୍ୱର,୧।୯ ନ୍ୟୁଜ ବ୍ୟୁରୋ

କିମ୍ସର ୨୦ ବର୍ଷର ଗୌରବମୟ ଯାତ୍ରାକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ଡାକ ବିଭାଗ ପକ୍ଷରୁ ସୋମବାର ଏକ ସ୍ୱତନ୍ତ୍ର ସ୍ମାରକ ଡାକ କଭର ଉନ୍ମୋଚନ କରାଯାଇଛି। ଚିକିତ୍ସା ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ସମାଜସେବା କ୍ଷେତ୍ରରେ କିମ୍ସର ଦୁଇ ଦଶନ୍ଧିର ଅବଦାନକୁ ଏହି ସ୍ମାରକ ଆବରଣ ମାଧ୍ୟମରେ ସମ୍ମାନ ଜଣାଯାଇଛି।




ଏହି ଅବସରରେ ଓଡ଼ିଶା ଡାକ ପରିମଣ୍ଡଳର ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ ନିର୍ମଳଜିତ ସିଂହ ଡାକ୍ତର ଓ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନଗୁଡ଼ିକର ସମାଜ ପ୍ରତି ଅବଦାନକୁ ପ୍ରଶଂସା କରିଥିଲେ। ସେ ଡାକ୍ତରମାନଙ୍କୁ 'ଦେଶ ଓ ଜନସାଧାରଣଙ୍କ ସେବାରେ ନିୟୋଜିତ ଦେବଦୂତ' ଭାବେ ବର୍ଣ୍ଣନା କରିଥିଲେ। କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରୟାସକୁ ପ୍ରଶଂସା କରିବା ସହ ଡ. ସାମନ୍ତଙ୍କ ଜୀବନ ଦେଶସେବା ପାଇଁ ସମର୍ପିତ ବୋଲି ଶ୍ରୀ ସିଂହ କହିଥିଲେ। ଭାରତୀୟ ଡାକ ବ୍ୟବସ୍ଥାର ବ୍ୟାପକତା ସଂପର୍କରେ ସେ କହିଲେ, ଦେଶରେ ପ୍ରାୟ ୧ ଲକ୍ଷ ୬୪ ହଜାର ଡାକଘର ରହିଛି, ଯାହା ବିଶ୍ୱର ସର୍ବବୃହତ ଡାକ ନେଟୱର୍କ। ଏଥିରୁ ପ୍ରାୟ ୮,୯୦୦ ଡାକଘର ଓଡ଼ିଶାରେ ରହିଛି।

ଜୀବନର ପ୍ରତ୍ୟେକ କ୍ଷେତ୍ର ସହ ଆମେ ଅଙ୍ଗାଙ୍ଗୀଭାବେ ଜଡ଼ିତ ବୋଲି ସେ କହିବା ସହ ଭାରତୀୟ ଡାକ ବିଭାଗ ବର୍ତ୍ତମାନ ନାଗରିକକେନ୍ଦ୍ରିକ ସେବା ଉପରେ ଅଧିକ ଗୁରୁତ୍ୱ ଦେଉଥିବା ଏବଂ ଲୋକଙ୍କୁ ବିଭିନ୍ନ ପ୍ରକାର ସେବା ଯୋଗାଇ ଦେଉଥିବା କହିଥିଲେ। କିମ୍ସ ମେଡ଼ିକାଲ କଲେଜର ଡିନ୍ ତଥା ଅଧକ୍ଷ ପ୍ରଫେସର ଆର.ସି. ଦାସ ପ୍ରତିଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ଏହାର ବ୍ରାଣ୍ଡ ଆମ୍ବାସାଡର ବୋଲି ଅଭିହିତ କରିଥିଲେ। ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ନେତୃତ୍ୱ ଓ ଦୂରଦୃଷ୍ଟି ଯୋଗୁଁ କିମ୍ସ ଆଜି ଅନ୍ୟତମ ଅଗ୍ରଣୀ ମେଡିକାଲ କଲେଜ ହସ୍‌ପିଟାଲ୍ ଭାବେ ସ୍ୱତନ୍ତ୍ର ପରିଚୟ ହାସଲ କରିପାରିଛି ବୋଲି ସେ କହିଥିଲେ। କିମ୍ସର ୨୦ ବର୍ଷ ପୂର୍ତ୍ତି ଏହାର ଯାତ୍ରାର ଅନ୍ତ ନୁହେଁ, ବରଂ ଏକ ନୂଆ ଯାତ୍ରାର ଆରମ୍ଭ ବୋଲି ସେ ମତ ଦେଇଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ କହିଲେ, କିମ୍ସ ପୂର୍ବ ଭାରତର ଅନ୍ୟତମ ବୃହତ୍ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ପ୍ରତିଷ୍ଠାନ ଭାବେ ଉଭା ହୋଇଛି। ଚିକିତ୍ସା ପର୍ଯ୍ୟଟନର ବଢ଼ୁଥିବା ଗୁରୁତ୍ୱ ଉପରେ ଆଲୋକପାତ କରି ସେ କହିଲେ, ପ୍ରତିବର୍ଷ ପ୍ରାୟ ୪ରୁ ୫ ଲକ୍ଷ ବିଦେଶୀ ନାଗରିକ ଚିକିତ୍ସା ପାଇଁ ଭାରତକୁ ଆସୁଛନ୍ତି। ଓଡ଼ିଶାକୁ ଏକ ପ୍ରମୁଖ ସ୍ୱାସ୍ଥ୍ୟସେବା ଗନ୍ତବ୍ୟସ୍ଥଳୀ ଭାବେ ପ୍ରତିଷ୍ଠିତ କରିବାରେ କିମ୍ସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସ୍କୁଲ୍ ଅଫ୍ ମେଡିସିନ୍‌ର ପ୍ରୋ-ଭାଇସ୍ ଚାନସେଲର ଡା. ସି.ବି.କେ. ମହାନ୍ତି, ପ୍ରତିଷ୍ଠାତାଙ୍କ ପରାମର୍ଶଦାତା ଡା. ଆର.ଏନ୍. ସାମନ୍ତ, କିମ୍ସର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଏମ୍.ଆର. ବେହେରାଙ୍କ ସମେତ ବହୁ ବରିଷ୍ଠ ଡାକ୍ତର, ଛାତ୍ରଛାତ୍ରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ରାଷ୍ଟ୍ରପତିଙ୍କୁ ଭେଟିଲେ ଗଞ୍ଜାମର ୫ ସାଂସ୍କୃତିକ ଦଳ

ଛତ୍ରପୁର, ୧।୯ ନ୍ୟୁଜ ବ୍ୟୁରୋ

ଗଞ୍ଜାମ ଜିଲ୍ଲାର ୯୦ରୁ ଉର୍ଦ୍ଧ୍ୱ ଲୋକକଳାକାର ମଙ୍ଗଳବାର ରାଷ୍ଟ୍ରପତି ଭବନ ପରିଦର୍ଶନ କରିବା ସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ଭାବ ବିନିମୟ କରିଛନ୍ତି। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ନେତୃତ୍ୱରେ ଜିଲ୍ଲାର ପାଞ୍ଚଟି ପ୍ରମୁଖ ସାଂସ୍କୃତିକ ଦଳର କଳାକାରମାନେ ଦିଲ୍ଲୀ ଗସ୍ତ କରିଛନ୍ତି। ରାଷ୍ଟ୍ରପତିଙ୍କ ଗଞ୍ଜାମ ଜିଲ୍ଲା ଗସ୍ତ ସମୟରେ ତପ୍ତପାଣିଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗଞ୍ଜାମର ଆଦିବାସୀ ଓ ଲୋକନୃତ୍ୟ ଦଳଗୁଡ଼ିକ ଆକର୍ଷଣୀୟ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଏହି ପାରମ୍ପରିକ କଳା ପ୍ରଦର୍ଶନରେ ରାଷ୍ଟ୍ରପତି ଅଭିଭୂତ ହୋଇ କଳାକାରମାନଙ୍କୁ ରାଷ୍ଟ୍ରପତି ଭବନ ପରିଦର୍ଶନ ପାଇଁ ଆମନ୍ତ୍ରଣ କରିଥିଲେ। ସାନଖେମୁଣ୍ଡି ବ୍ଲକ ସୁବର୍ଣ୍ଣଗଡ଼ର ମା' ଦଣ୍ଡକାଳୀ ଗ୍ରୁପ୍, ବ୍ରହ୍ମପୁରର ସଂରଚନା ଗ୍ରୁପ୍, ସୋରଡ଼ା ବ୍ଲକର ତୁଳସୀ ଗ୍ରୁପ୍, ସାନଖେମୁଣ୍ଡି ବ୍ଲକ କଟାପଲ୍ଲୀର ଗୌରାଙ୍ଗ ବାସୁଦେବ ନାମ ସଂକୀର୍ତ୍ତନ ମଣ୍ଡଳୀ ଏବଂ ଖେମୁଣ୍ଡିଖୋଲର ସୌର ପାରମ୍ପରିକ ସାଂସ୍କୃତିକ ନାଟ୍ୟ ସଂଘର କଳାକାରମାନେ ଦିଲ୍ଲୀ ଗସ୍ତ କରିଛନ୍ତି। କଳାକାରମାନଙ୍କ ସହ ଭାବ ବିନିମୟ ସମୟରେ ରାଷ୍ଟ୍ରପତି କହିଥିଲେ ଯେ, ପୂର୍ବପୁରୁଷମାନଙ୍କଠାରୁ



ମିଳିଥିବା ଅମୂଲ୍ୟ କଳା ଓ ସାଂସ୍କୃତିକ ପରମ୍ପରାକୁ ନିରନ୍ତର ସଂରକ୍ଷଣ, ଅଭ୍ୟାସ ଓ ପ୍ରଚାର କରିବା ଆମ ସମସ୍ତଙ୍କ ଦାୟିତ୍ୱ। ଯୁବ କଳାକାରମାନେ ମନ ଦେଇ ପାଠ ପଢ଼ିବା ସହ ନିଜେ ଯେଉଁ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି, ସେଥିରେ ଶ୍ରେଷ୍ଠତା ପ୍ରତିପାଦନ କରିବାକୁ ସେ ପରାମର୍ଶ ଦେଇଥିଲେ। ନିଜ ଗୋଡ଼ରେ ନିଜେ ଠିଆ ହୋଇ ସ୍ୱାବଲମ୍ବୀ ହେବା ସହ ବାପା-ମାଆ ଓ ଆତ୍ମୀୟ ସ୍ୱଜନଙ୍କର ସୁନାମ ବୃଦ୍ଧି କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ। କଳାକାରମାନଙ୍କ ପାଇଁ ଏହି ଦିନଟି ଏକ ଅବିସ୍ମରଣୀୟ ଅନୁଭୂତି ଦେଇଛି। ରାଷ୍ଟ୍ରପତି ଭବନ ପରିଦର୍ଶନ, ରାଷ୍ଟ୍ରପତିଙ୍କ ସହ ଅଧଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଭାବ ବିନିମୟ ଏବଂ ନୂଆଦିଲ୍ଲୀର ବିଭିନ୍ନ ଐତିହାସିକ ଓ ଦର୍ଶନୀୟ ସ୍ଥାନ ପରିଦର୍ଶନର ସୁଯୋଗ ପାଇଥିବାରୁ କଳାକାରମାନେ ଜିଲ୍ଲା ପ୍ରଶାସନ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ସୌର ପାରମ୍ପରିକ ସାଂସ୍କୃତିକ ନାଟ୍ୟ ସଂଘର ଜଗନ୍ନାଥ ନାୟକ ଏହି ଅନୁଭୂତିକୁ ଜୀବନର ଏକ ସ୍ମରଣୀୟ ଅଧ୍ୟାୟ ବୋଲି କହିଛନ୍ତି। ଏହି ପ୍ରତିନିଧି ଦଳ ସହିତ ଅତିରିକ୍ତ ଉପଜିଲ୍ଲାପାଳ, ଛତ୍ରପୁର ପାର୍ଥ ସାରଥୀ ହାଁସଦା, ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ, ମନୋଜ କୁମାର ପ୍ରଧାନଙ୍କ ସମେତ ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ଅଧିକାରୀମାନେ ମଧ୍ୟ ଦିଲ୍ଲୀ ଗସ୍ତ କରିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୦୧/୦୯/୨୦୨୬
୩,୯୮,୪୫୯/- ଟଙ୍କା
ସୁନା:- ଶୂନ୍ୟ
ରୂପା:-ଶୂନ୍ୟ

# ବିଜୟ କୁମାର ମିଶ୍ର ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଭାବେ ଯୋଗଦେଲେ

ଭୁବନେଶ୍ୱର, ୧/୦୯ ନ୍ୟୁଜ ବ୍ୟୁରୋ

ଭାରତୀୟ ରେଳ ଆକାଉଣ୍ଟସ ସର୍ଭିସ୍‌ର ୧୯୯୧ ବ୍ୟାଚ୍‌ର ବରିଷ୍ଠ ଅଧିକାରୀ ବିଜୟ କୁମାର ମିଶ୍ର ଭୁବନେଶ୍ୱର ସ୍ଥିତ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଭାବେ ଯୋଗଦେଇଛନ୍ତି। ରେଳ ଆର୍ଥିକ ପରିଚାଳନା, ପ୍ରକଳ୍ପ ପରିଚାଳନା, ଟ୍ରେନ୍ ପରିଚାଳନା ଓ ପ୍ରଶାସନ କ୍ଷେତ୍ରରେ ୩୫ ବର୍ଷରୁ ଅଧିକ ବିବିଧ ଅଭିଜ୍ଞତା ସହ ଶ୍ରୀ ମିଶ୍ର ଭାରତୀୟ ରେଳବାଇର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ସଫଳତାର ସହ କାର୍ଯ୍ୟ କରିଆସିଛନ୍ତି। ବର୍ତ୍ତମାନ ସେ ପୂର୍ବତଟ ରେଳପଥର ପ୍ରମୁଖ ଆର୍ଥିକ ପରାମର୍ଶଦାତା ଭାବେ ମଧ୍ୟ ଦାୟିତ୍ୱ ତୁଲାଉଛନ୍ତି। ଏହି ପଦରେ ସେ ଆକାଉଣ୍ଟସ, ଫାଇନାନ୍ସ, ବଜେଟ୍ ପରିଚାଳନା ଏବଂ ଆଭ୍ୟନ୍ତରୀଣ ଅଡିଟ୍‌ର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକର ନେତୃତ୍ୱ ଦେଉଛନ୍ତି। ପୂର୍ବତଟ ରେଳପଥ ଭାରତୀୟ ରେଳବାଇର ସର୍ବାଧିକ ଆୟକାରୀ ଜୋନ୍‌ମାନଙ୍କ ମଧ୍ୟରୁ ଅନ୍ୟତମ। ଏହାପୂର୍ବରୁ ଶ୍ରୀ ମିଶ୍ର ଉତ୍ତର-ପୂର୍ବାଞ୍ଚଳ ସୀମାନ୍ତ ରେଳବାଇର ତିନସୁକିଆ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଭାବେ କାର୍ଯ୍ୟ କରିଥିଲେ। ଭାରତୀୟ ରେଳବାଇର ଅନ୍ୟତମ ଚ୍ୟାଲେଞ୍ଜିଂ ମଣ୍ଡଳରେ ସେ ସଫଳତାର ସହ ପ୍ରଶାସନିକ ଓ ପରିଚାଳନାଗତ ଦାୟିତ୍ୱ ନିର୍ବାହ କରିଥିଲେ। ଡେପୁଟେସନ୍ ସମୟରେ ସେ ଇରିକନ୍ ଇଣ୍ଟରନ୍ୟାସନାଲ ଲିମିଟେଡ୍‌ର କୁଆଲାଲାମ୍ପୁର (ମାଲେସିଆ) ପ୍ରକଳ୍ପରେ ପ୍ରୋଜେକ୍ଟ ଫାଇନାନ୍ସ ହେଡ୍ ଭାବେ କାର୍ଯ୍ୟ କରି ଅନ୍ତର୍ଜାତୀୟ ସ୍ତରର ବୃହତ୍ ରେଳ ପ୍ରକଳ୍ପଗୁଡ଼ିକର ଆର୍ଥିକ ପରିଚାଳନାରେ ନେତୃତ୍ୱ ପ୍ରଦାନ କରିଥିଲେ। ଶିକ୍ଷାଗତ ଯୋଗ୍ୟତା ଦୃଷ୍ଟିରୁ, ଶ୍ରୀ ମିଶ୍ର ଆଇଆଇଟି, ଧନବାଦରୁ ଆପ୍ଲାଏଡ୍ ଜିଓଲୋଜିରେ ପୋଷ୍ଟଗ୍ରାଜୁଏଟ୍ ଡିଗ୍ରୀ ଏବଂ ସିଙ୍ଗାପୁର ଜାତୀୟ ବିଶ୍ୱବିଦ୍ୟାଳୟର ଲି କୁଆନ୍ ୟୁ ସ୍କୁଲ୍ ଅଫ୍ ପବ୍ଲିକ ପଲିସିରୁ ପବ୍ଲିକ ପଲିସିରେ ମାଷ୍ଟର୍ସ ହାସଲ କରିଛନ୍ତି। ଏହା ସହିତ ସେ ଲଣ୍ଡନ ଓ ପ୍ୟାରିସର ୟୁରୋପୀୟ ସ୍କୁଲ୍ ଅଫ୍ ବିଜନେସରେ ଆର୍ଥିକ ପରିଚାଳନା ଏବଂ ଚୀନର ବେଜିଂ ଜିଆଓଟୋଙ୍ଗ ବିଶ୍ୱବିଦ୍ୟାଳୟରେ ହେଭି ହଲ୍ ରେଳ



ଟେକ୍ନୋଲୋଜି ଉପରେ ଉନ୍ନତ ବୃତ୍ତିଗତ ପ୍ରଶିକ୍ଷଣ ମଧ୍ୟ ଗ୍ରହଣ କରିଛନ୍ତି। ଆର୍ଥିକ ପରିଚାଳନା, ରେଳ ପ୍ରଶାସନ, ପ୍ରମୁଖ ରେଳ ପ୍ରକଳ୍ପ ଏବଂ ପରିଚାଳନା କ୍ଷେତ୍ରରେ ତାଙ୍କର ବ୍ୟାପକ ଅଭିଜ୍ଞତା ପୂର୍ବତଟ ରେଳପଥର କାର୍ଯ୍ୟକ୍ଷମତା, ଆର୍ଥିକ ପରିଚାଳନା ଏବଂ ପ୍ରଶାସନିକ ଦକ୍ଷତାକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।




ସଂଗ୍ରହ କରନ୍ତୁ! ସଂଗ୍ରହ କରନ୍ତୁ!

ସାପ୍ତାହିକ ସମ୍ବାଦ ପତ୍ରିକା ରବିବାସରୀୟ କଳିକା ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ଆୟୁଷ୍ମାନରେ ମିଶିବନି ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା, ପୂର୍ବପରି ସାମ୍ବାଦିକଙ୍କୁ ମିଳିବ ସୁବିଧା

ଭୁବନେଶ୍ୱର, ୧/୯ ନ୍ୟୁଜ ବ୍ୟୁରୋ

ଆୟୁଷ୍ମାନ ଭାରତ ଯୋଜନାରେ ମିଶିବ ନାହିଁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା। ପୂର୍ବପରି ସାମ୍ବାଦିକମାନେ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ରହିବେ। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ପଷ୍ଟତା ମିଳିବା ପରେ ସାମ୍ବାଦିକ ମହଲରେ ଆଶ୍ୱସ୍ତି ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନା ସହ ମିଶାଇବା ନେଇ ବିଭିନ୍ନ ମହଲରେ ଆଲୋଚନା ହେଉଥିଲା। ତେବେ ଏହି ଦୁଇଟି ଯୋଜନାକୁ ଏକାଠି କରାଯିବ ନାହିଁ ବୋଲି ସ୍ପଷ୍ଟ ହୋଇଛି। ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ପୂର୍ବରୁ ଅନ୍ତର୍ଭୁକ୍ତ ଥିବା ସାମ୍ବାଦିକମାନେ ଆଗକୁ ମଧ୍ୟ ଏହି ଯୋଜନାର ସୁବିଧା ପାଇପାରିବେ। ଏଥିରେ କୌଣସି ପରିବର୍ତ୍ତନ କରାଯିବ ନାହିଁ। ଏହା ସହିତ ଯେଉଁ ସାମ୍ବାଦିକମାନେ ଏପର୍ଯ୍ୟନ୍ତ ଏହି ଯୋଜନାରେ ସାମିଲ ହୋଇନାହାନ୍ତି, କିନ୍ତୁ ନୂଆକରି ଅନ୍ତର୍ଭୁକ୍ତ ହେବାକୁ ଚାହୁଁଛନ୍ତି, ସେମାନେ ନିୟମ ଅନୁଯାୟୀ ଆବେଦନ କରିପାରିବେ। ଯୋଗ୍ୟତା ଆଧାରରେ ସେମାନଙ୍କୁ ଯୋଜନାରେ ସାମିଲ କରାଯିବ। ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ପୂର୍ବପରି ଜାରି ରଖିବା ନିଷ୍ପତ୍ତି ପାଇଁ ଓଡ଼ିଶା ୟୁନିଅନ୍ ଅଫ୍ ଜର୍ଣ୍ଣାଲିଷ୍ଟସ୍ (ଓୟୁଜେ) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଯାଇଛି। ସାମ୍ବାଦିକମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ଏହି ଯୋଜନାର ଗୁରୁତ୍ୱ ରହିଛି। ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ସାମ୍ବାଦିକମାନେ ପୂର୍ବପରି ସ୍ୱାସ୍ଥ୍ୟ ବୀମା ସୁବିଧା ପାଇପାରିବେ ବୋଲି ଓୟୁଜେ ପକ୍ଷରୁ କୁହାଯାଇଛି।

# ଭାରତରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ୮.୧% ହ୍ରାସ

ନୂଆଦିଲ୍ଲୀ, ୧/୯

ଭାରତ ନିଜର ବିଶାଳ ସାଂସ୍କୃତିକ ଓ ପ୍ରାକୃତିକ ଆକର୍ଷଣ ସତ୍ତ୍ୱେ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିପାରୁନି। ବ୍ଲୁମବର୍ଗ ରିପୋର୍ଟ ଅନୁସାରେ ଗତବର୍ଷ ଭାରତ ଆସିଥିବା ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ୮.୧% ହ୍ରାସ ହୋଇ ୯୧.୫ଲକ୍ଷକୁ ପହଞ୍ଚିଯାଇଛି। ଗତବର୍ଷ ଭାରତ ଆସିଥିବା ବିଦେଶୀ ପର୍ଯ୍ୟଟଙ୍କ ସଂଖ୍ୟା ୯୧ଲକ୍ଷ ୫୦ ହଜାରରେ ସୀମିତ ଥିଲା, ଯାହା ୨୦୧୯ ମସିହାର ୧.୦୯କୋଟି ତୁଳନାରେ ପାଖାପାଖି ୧୬% କମ୍। ତେବେ ଆଶ୍ଚର୍ଯ୍ୟର କଥା ୩୦ଲକ୍ଷରୁ କମ୍ ଜନସଂଖ୍ୟାର ଆଲବାନିଆକୁ ଭାରତ ଅପେକ୍ଷା ଅଧିକ ପର୍ଯ୍ୟଟକ ପହଞ୍ଚୁଛନ୍ତି। ପର୍ଯ୍ୟଟନ ମନ୍ତ୍ରଣାଳୟଙ୍କ ଅନୁସାରେ ଗତବର୍ଷ ଭାରତ ଆସିଥିବା ପର୍ଯ୍ୟଟକଙ୍କ ମଧ୍ୟରୁ ଅଧିକାଂଶ ଉତ୍ତର ଆମେରିକା ଓ ୟୁରୋପରୁ ଆସିଥିଲେ। ବୈଶ୍ୱିକ ଗଣମାଧ୍ୟମ ଅନୁସାରେ ପର୍ଯ୍ୟଟନ ଓ ପର୍ଯ୍ୟଟକ ଉଦ୍ୟୋଗ ସହ ଜଡିତ ଅଧିକାରୀମାନେ ଭାରତକୁ ପର୍ଯ୍ୟଟକ ହ୍ରାସର ଅନେକ କାରଣ କହିଛନ୍ତି। ଏଥିରେ ଠକେଇ, ସୁରକ୍ଷା ସମ୍ପର୍କିତ ଚିନ୍ତା, ପରିବହନ ସମସ୍ୟା ଓ ଜଟିଳ ଭିସା ପ୍ରକ୍ରିୟା ଆଦି ରହିଛି। ତେବେ ଭାରତୀୟ ପର୍ଯ୍ୟଟନ ଉଦ୍ୟୋଗ ଏବେ ଘରୋଇ ପର୍ଯ୍ୟଟକଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିଛି। ଗତ ବର୍ଷ ଘରୋଇ ଯାତ୍ରୀଙ୍କ ସଂଖ୍ୟା ୪୬% ବଢି ୪୨୯ କୋଟିକୁ ପହଞ୍ଚି ଯାଇଛି, ଯାହା କୋଭିଡ-୧୯ ମହାମାରୀ ପୂର୍ବ ସମୟ ସ୍ତରର ପାଖାପାଖି ୨ ଗୁଣା। ଆୟବୃଦ୍ଧି, ଭଲ ଭିତ୍ତିଭୂମି ସାଙ୍ଗକୁ ଧାର୍ମିକ ସ୍ଥଳ ଯାତ୍ରା ପାଇଁ ଲୋକଙ୍କ ବଢୁଥିବା ଆଗ୍ରହ ଏହି ବୃଦ୍ଧିକୁ ଗତି ଦେଇଛି। ଏହି ପରିବର୍ତ୍ତନ ବିଦେଶୀ ପର୍ଯ୍ୟଟକଙ୍କ ଯାତ୍ରା ବାବଦ ବ୍ୟୟ ବଢାଇଛି ଓ ପର୍ଯ୍ୟଟନ ଉଦ୍ୟୋଗକୁ ଭାରତୀୟ ଯାତ୍ରୀଙ୍କ ଆବଶ୍ୟକତା ଅନୁରୂପ ନିଜର ସେବା ପ୍ରସ୍ତୁତ କରିବାରେ ପ୍ରେରିତ କରିଛି। ଦୁର୍ବଳ ଟଙ୍କା ଭାରତୀୟଙ୍କ ବିଦେଶ ଯାତ୍ରାକୁ ମହଙ୍ଗା କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ନାଗରିକଙ୍କୁ ସେମାନଙ୍କ ଯାତ୍ରା ବଜେଟ୍ ଦେଶ ଭିତରେ ଖର୍ଚ୍ଚ କରିବାକୁ ନିବେଦନ କରିଛନ୍ତି। ଏଥିରେ ଭାରତରେ ବିଦେଶୀ ପର୍ଯ୍ୟଟନର ଦୁର୍ବଳ ସଂଖ୍ୟାର ପ୍ରଭାବ ପର୍ଯ୍ୟଟନରୁ ହେଉଥିବା ଆୟକୁ ପ୍ରଭାବିତ କରିଛି। ସରକାରଙ୍କ ଥିଙ୍କ ଟ୍ୟାଙ୍କ 'ନୀତି ଆୟୋଗ' ଜୁନ ରେ ଜାରି ଏକ ରିପୋର୍ଟରେ କହିଛନ୍ତି ଯେ ଭାରତର ୩୫ ବିଲିୟନ ଡଲାର ବିଦେଶୀ ପର୍ଯ୍ୟଟନ ଆୟ ତୁର୍କୀ, ଥାଇଲ୍ୟାଣ୍ଡ ଓ ସାଉଦୀ ଆରବ ଭଳି ଛୋଟ ପର୍ଯ୍ୟଟନ ବଜାର ଠାରୁ ମଧ୍ୟ ପଛରେ ରହିଛି। ପର୍ଯ୍ୟଟନ ଉଦ୍ୟୋଗ ସହ ସମ୍ପୃକ୍ତ ଅଧିକାରୀଙ୍କ କହିବା କଥା ହେଉଛି ୯୧.୪ ଲକ୍ଷର ସଂଖ୍ୟା ମଧ୍ୟ ବାସ୍ତବିକ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟାକୁ ବଢେଇକି ଦେଖାଉଛି। କାରଣ ଏଥିରେ ଚିକିତ୍ସା ଓ ପରିବାରକୁ ଭେଟିବା ଭଳି ଅନ୍ୟ କାରଣରେ ଭାରତ ଆସୁଥିବା ଲୋକେ ବି ସାମିଲ ଅଛନ୍ତି। ଇଣ୍ଡିଆନ ଆସୋସିଏସନ ଅଫ ଟୁର ଅପରେଟର୍ସ ଅଧକ୍ଷ ରବି ଗୋସାଇଙ୍କ ଅନୁମାନ ଯେ ଭାରତ ଆସୁଥିବା ବିଦେଶୀ ପର୍ଯ୍ୟଟକଙ୍କ ବାସ୍ତବ ସଂଖ୍ୟା ମାତ୍ର ୨୦ରୁ ୩୦ ଲକ୍ଷ ମଧ୍ୟରେ ସୀମିତ।


ଏବେ ବଜାରରେ ଉପଲବ୍ଧ ...

ମାସିକ ଗଳ୍ପ ପତ୍ରିକା "କଥାକଳିକା"ର ସେପ୍ଟେମ୍ବର-୨୦୨୬ ସଂଖ୍ୟା




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ବାସନ୍ତୀ ମହାନ୍ତି
**ସମକାଳର କଥା :** ଚନ୍ଦ୍ରକଳା ନାୟକ, ପ୍ରଭାତ ସିହ୍ନା, ପ୍ରସନ୍ନ କୁମାର ମିଶ୍ର, ଆନନ୍ଦ କୁମାର ମାଇତି, ହଂସନାଥ ମୁଦୁଲି, ଚକ୍ରଧର ସାହୁ, ବୀରେଶ୍ୱର ମହାନ୍ତି, କବିତା ମିଶ୍ର।
**ସାକ୍ଷାତକାର:** କଥାକାର ରାଜେନ୍ଦ୍ର ରାଉଳ
**ପୁସ୍ତକ ସମୀକ୍ଷା :** ଲୋକେ କହୁଛନ୍ତି (ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ)
**ଅନ୍ୟଭାଷାର କଥା :** ଚିତ୍ତ ରଂଜନ ପଟ୍ଟନାୟକ
**ଯୁବମାନସର କଥା :** ସରିତା ସିଂହ ମହାନ୍ତି, ବିପ୍ଳବବିକାଶ ବେହେରା, ନିର୍ମଳ କୁମ୍ଭାର, ରଜନୀ କାନ୍ତ ମିଶ୍ର, ଛବିରାଣୀ ପତି।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୭୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର 'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)